

‘ୱାର୍‌-୨’କୁ ନେଇ ବାଣୀଙ୍କ ଖୁଲାସା

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

◆VOLUME- 43 ◆ISSUE-39 ◆SATURDAY ◆2 AUG 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୯ ◆ଶନିବାର ◆୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସପ୍ତାହେ ଟଳିଲା ଟ୍ରମ୍ପ ଟାରିଫ୍; ଅଗଷ୍ଟ ୭ରୁ ଲାଗୁ



**ନୂଆଦିଲ୍ଲୀ,୧।୮ (ଏଜେନ୍ସି):** ସାମୟିକ ଭାବେ ଟଳିଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୋମା। ଆଜିଠାରୁ ଲାଗୁ ହେବାକୁ ଯାଉଥିବା ଏହି ନୂଆ ଟାରିଫ୍‌ରେ ହଠାତ୍ ଭାରତ ସମେତ ସମସ୍ତ ଦେଶଙ୍କୁ ମିଳିଛି ଗୋଟିଏ ସପ୍ତାହର ଆଶ୍ୱସ୍ତି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମାରେ ଏହି ଶୁଳ୍କ ଏବେ ୭ ଦିନ ପରେ ଭାରତ, ବାଂଲାଦେଶ, ବ୍ରାଜିଲ ଏବଂ ଅନ୍ୟାନ୍ୟ ଦେଶ ଉପରେ ଲାଗୁ ହେବ। ଏବେ ଏହା ଅଗଷ୍ଟ ୭ରୁ କାର୍ଯ୍ୟକାରୀ ହେବ। ଏଠାରେ ସୂଚନାଯୋଗ୍ୟ ଯେ, ଟ୍ରମ୍ପ ବୁଧବାର ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଏହା ଅଗଷ୍ଟ ପହିଲାଠାରୁ କାର୍ଯ୍ୟକାରୀ ହେବାର ଥିଲା। ଏବେ ଏହାକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ହେଲେ କୌତୂହଳର ବିଷୟ ହେଉଛି ଯେ, ଟ୍ରମ୍ପ୍ ବାଂଲାଦେଶ ଏବଂ ପାକିସ୍ତାନ ଉପରେ ଘୋଷଣା କରିଥିବା ଟାରିଫ୍‌ରେ ହ୍ରାସ ଘଟାଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ପାକିସ୍ତାନ ଉପରେ ଟ୍ରମ୍ପ୍ ୨୯% ଟାରିଫ୍ ଘୋଷଣା କରିଥିବାବେଳେ ଏବେ ଏହାକୁ ୧୯%କୁ ହ୍ରାସ ଘଟାଇଛନ୍ତି। ସେହିପରି ବାଂଲାଦେଶ ଉପରେ ଲାଗୁ ହେବାକୁ ଥିବା ୩୫% ଟାରିଫ୍‌କୁ ସେ ୨୦%କୁ ହ୍ରାସ କରିଛନ୍ତି।

## ସେପ୍ଟେମ୍ବର ୯ରେ ଉପ-ରାଷ୍ଟ୍ରପତି ନିର୍ବାଚନ



**ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପରଠାରୁ ଖାଲିଥିବା ଉପ-ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଘୋଷଣା ହୋଇଛି। ସେପ୍ଟେମ୍ବର ୯ ତାରିଖ ସକାଳ ୧୦ଟାରୁ ୫ଟା ମଧ୍ୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ କୁହାଯାଇଛି। ଏହି ଦିନ ହିଁ ଫଳାଫଳ ଘୋଷଣା କରାଯିବ। ଏହି ପଦ ପାଇଁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିହେବ। ଏହାର ଦିନକ ପରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖ ରାତିରେ ଧନଖଡ଼ ଅଚାନକ ଇସ୍ତଫା ଦେଇ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଦୁଇ ବର୍ଷରୁ ଅଧିକ ସମୟ କାର୍ଯ୍ୟକାଳ ବାକି ଥିଲେ ମଧ୍ୟ ଏହାର ଦିନକ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫାକୁ ଗ୍ରହଣ କରି ନେଇଥିଲେ। ଏହାକୁ ନେଇ ବିରୋଧୀ ଦଳଗୁଡିକ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରକୃତ କାରଣ ନୁହେଁ। ଅସଲ କାରଣ କ’ଣ ତାହା ସାର୍ବଜନୀନ କରାଯାଉ ବୋଲି ବିରୋଧୀ ଦାବି କରିଥିଲେ।

# ‘ସିନ୍ଦୂର’ ପରେ ସଂସଦ ଅଚଳ

## ଅପ୍ରୀତିକର ସ୍ଥିତି ଜାରି

## ଆଗଉନି ଗୃହକାର୍ଯ୍ୟ



### ମାର୍ଶାଲ୍ ହସ୍ତକ୍ଷେପକୁ ନେଇ ଉପାଧ୍ୟକ୍ଷଙ୍କୁ ଖଡ଼୍‌ଗେଙ୍କ ଚିଠି

### କିଛି ସଦସ୍ୟ ଆକ୍ରାମକ ହେବାରୁ ଅଟକା ଗଲା: ରିଜିଜୁ

**ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନ ଜାରି ରହିଛି। ଶୁକ୍ରବାର ଦଶମ ଦିନରେ ବି ଗୃହରେ ଅଚଳାବସ୍ଥା ଜାରି ରହିଛି। ଦୁଇ ଦିନ ଧରି ଉଭୟ ଗୃହରେ ‘ଅପରେସନ୍ ସିନ୍ଦୂର’ ବିତର୍କ ପରେ ସଂସଦ ଏକ ପ୍ରକାର ଅଚଳ ହୋଇପଡ଼ିଛି। ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ଦାବି ଉପସ୍ଥାପନ କରିବା ବେଳେ ହଟ୍ଟଗୋଳ ସ୍ଥିତି ଉପୁଜିଛି।

ଶୁକ୍ରବାର ବିରୋଧୀ ସଦସ୍ୟ ଉଭୟ ଗୃହରେ ବିହାର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆରକୁ ପ୍ରତ୍ୟାହାର ଦାବି କରିଛନ୍ତି। ଏହା ଉପରେ ଚର୍ଚ୍ଚା କରିବାକୁ କହିଛନ୍ତି। କିନ୍ତୁ ଉଭୟ ଗୃହର ଅଧ୍ୟକ୍ଷ ଏହା ଉପରେ ଚର୍ଚ୍ଚା ପାଇଁ ମନା କରିଦେବା ପରେ ବିରୋଧୀ ହଙ୍ଗାମା କରିଥିଲେ। ଏଥିଯୋଗୁଁ କୌଣସି ଗୃହକାର୍ଯ୍ୟ କିମ୍ବା ପ୍ରଶ୍ନକାଳ ଆଲୋଚନା ମଧ୍ୟ ହୋଇପାରି ନ ଥିଲା। ଉଭୟ ସଦନକୁ ବାରମ୍ବାର ମୁଲତବୀ କରାଗଲେ ବି ସ୍ଥିତି ସୁଧୁରି ନ ଥିଲା। ଆଜି ରାଜ୍ୟସଭାରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ବିରୋଧୀ ସଦସ୍ୟଙ୍କୁ ଅଟକାଇବା ପାଇଁ ମାର୍ଶାଲଙ୍କୁ ଡକା ଯାଇଥିଲା। ଏଭଳି ପଦକ୍ଷେପକୁ ବିରୋଧୀ ସମାଲୋଚନା କରିଥିଲେ। ଏହା ଗଣତନ୍ତ୍ର ▶ପୃଷ୍ଠା-୭

## ସଂସଦରେ ଓଡ଼ିଶା ନାରୀ ହିଂସା

### ମୁଲତବୀ ନୋଟିସ ଖାରଜ

### ବିଜେଡି ସାଂସଦଙ୍କ ହଟ୍ଟଗୋଳ

**ନୂଆଦିଲ୍ଲୀ:** ରାଜ୍ୟସଭାରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ଧରି ଉଠିଛି ଓଡ଼ିଶାରେ ନାରୀ ହିଂସା ପ୍ରସଙ୍ଗ। ବିଜେଡିର ସମସ୍ତ ୭ ଜଣ ସାଂସଦ ଓଡ଼ିଶାରେ ମହିଳା ଓ ଶିଶୁମାନଙ୍କ ବିରୋଧରେ କ୍ରମବର୍ଦ୍ଧିଷ୍ଣୁ ଘୃଣ୍ୟ ଅପରାଧ ବୃଦ୍ଧି ପ୍ରସଙ୍ଗରେ ଦେଇଥିବା ମୁଲତବୀ ନୋଟିସକୁ ଉପାଧ୍ୟକ୍ଷ ଖାରଜ ପ୍ରତିବାଦରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛି ବିଜେଡି। ଫଳରେ ଦ୍ୱିତୀୟ ଦିନ ପାଇଁ ରାଜ୍ୟସଭାକୁ କିଛି କାଳ ମୁଲତବୀ ରଖାଯାଇଛି।

ଗତକାଲି ଏ ସଂକ୍ରାନ୍ତରେ ବିଜୁ ଜନତା ଦଳ (ବିଜେଡି)ର ସମସ୍ତ ସାଂସଦଙ୍କ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଖାରଜ କରି ଦେଇଥିଲେ। ଏହାକୁ ନେଇ ଦଳର ସାଂସଦମାନେ ହଟ୍ଟଗୋଳ କରିବା ସହ ପ୍ରତିବାଦ ଜାରି ରଖିଥିଲେ। ଆଜି ପୁନର୍ବାର ରାଜ୍ୟସଭା ନିୟମାବଳୀର ନିୟମ ୨୬୭ ଅନୁଯାୟୀ ବିଜେଡି ସଦସ୍ୟମାନେ ମୁଲତବୀ ନୋଟିସ୍ ଦାଖଲ କରିଥିଲେ, ଯେଉଁଥିରେ ଓଡ଼ିଶାରେ ମହିଳା ଏବଂ ଶିଶୁମାନଙ୍କ ବିରୁଦ୍ଧରେ ଘୃଣ୍ୟ ଅପରାଧର ଉଦବେଗଜନକ ବୃଦ୍ଧି ଉପରେ ତୁରନ୍ତ ମୁଲତବୀ ଆଲୋଚନା କରିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଏପରି ଏକ ସ୍ପର୍ଶକାତର ବିଷୟକୁ ନେଇ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଗ୍ରହଣ କଲେ ନାହିଁ। ଯାହାକୁ ନେଇ ବିଜେଡି ସାଂସଦମାନେ ତୀବ୍ର ପ୍ରତିବାଦ କରିଥିଲେ। ଫଳରେ ଗୃହ ପରିଚାଳନା ସମ୍ଭବ ହୋଇ ନ ▶ପୃଷ୍ଠା-୭

## ବିହାର ଭୋଟର ତାଲିକା ସଂଶୋଧନ

## ବାଦ୍ ପଡ଼ିଲେ ୬୫ ଲକ୍ଷ

**ପାଟନା, ୧।୮ (ଏଜେନ୍ସି):** ବିହାର ଭୋଟର ତାଲିକା ସଂଶୋଧନ ପରେ ନିର୍ବାଚନ କମିଶନ ଜାରି କରିଛନ୍ତି ନୂତନ ଭୋଟର ତାଲିକା। ମାତ୍ର ଏହା ପ୍ରକାଶିତ ହେବା ପରେ ସାରା ଦେଶରେ ସରଗରମ ହୋଇଛି ରାଜନୀତି। ନୂତନ ଭୋଟର ତାଲିକାରୁ ୬୫, ୦୬, ୩୬୫ ନାମ ବାଦ ଦିଆଯିବାକୁ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଏହାକୁ ବିଭିନ୍ନ ରାଜନୈତିକ ଦଳ ବିରୋଧ କରିଛନ୍ତି ଓ ଏହି ପ୍ରକ୍ରିୟାକୁ ପ୍ରତ୍ୟାହାର ଦାବି କରୁଛନ୍ତି।

ସୂଚନା ଅନୁସାରେ ଗୋଟିଏ ଗୋଟିଏ ଲୋକସଭା କ୍ଷେତ୍ରରୁ ପ୍ରାୟ ୨ ଲକ୍ଷରୁ ଅଢ଼େଇ ଲକ୍ଷ ପର୍ଯ୍ୟନ୍ତ ଭୋଟରଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ସାରନ ଲୋକସଭା କ୍ଷେତ୍ରରେ ଭୋଟର ତାଲିକାରୁ ୨.୭୩ ଲକ୍ଷ ଲୋକଙ୍କ ନାମ କଟିଛି। ଭାଗଲପୁରରେ ୨.୪୪ ଲକ୍ଷ, ପଶ୍ଚିମ ଚମ୍ପାରନରେ ୧.୯୧ ଲକ୍ଷ, କିଶନଗଞ୍ଜରେ ୧.୪୬ ଲକ୍ଷ, ସହରସାରେ ୧.୩୧ ଲକ୍ଷ, ସୁପୋଲରେ ୧.୨୮ ଲକ୍ଷ, ଖଡ଼ଡ଼ିଆରେ ୭୯ରେ ୭୯ ହଜାର, ଶେଖପୁରାରେ ୨୬ ହଜାର ଭୋଟରଙ୍କ ନାମ ନୂଆ ସୂଚୀରେ ନ ଥିବା ଦେଖାଯାଇଛି।

ସେହିପରି ବେଗୁସରାଇ ଜିଲ୍ଲାରେ ମୋଟ ଭୋଟରଙ୍କ ସଂଖ୍ୟା ୨୨.୪୫ ଲକ୍ଷ ଥିବାବେଳେ ନୂଆ ତାଲିକାରେ ଏହା ୨୦.୭୭ ଲକ୍ଷକୁ ହ୍ରାସ ପାଇଛି। ଏଠାରେ ୧.୬୭ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି। ପାଟନାର ୧୪ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ୫୦.୪୭ ଲକ୍ଷ ମତଦାତାଙ୍କ ସୂଚୀରୁ ୩.୯୫ ଲକ୍ଷ ନାମ କଟାଯାଇଛି। ସମସ୍ତିପୁର ଜିଲ୍ଲାରେ ▶ପୃଷ୍ଠା-୭

## ଜାତୀୟ ଚଳଚ୍ଚିତ୍ର ପୁରସ୍କାର

## ‘ପୁଷ୍କରା’ ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ



### ଶାହାରୁଖ, ମାସି ଶ୍ରେଷ୍ଠ ଅଭିନେତା

### ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ

**ଭୁବନେଶ୍ୱର, ୧।୮ (ସମିସ):** ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଘୋଷଣା ହୋଇଛି। ଏହି ତାଲିକାରେ ସ୍ଥାନ ପାଇଛି ଓଡ଼ିଆ ଫିଲ୍ମ ‘ପୁଷ୍କରା’। ତରଙ୍ଗ ସିନେ ପ୍ରଡକସନ୍ସ ନିବଦେିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ ‘ପୁଷ୍କରା’କୁ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ଭାବେ ଜାତୀୟ ପୁରସ୍କାର ମିଳିବ। ୨୦୨୩ ମସିହା ଗଣେଶ ପୂଜାରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ର ଓ ନାୟିକା ସୁପ୍ରିୟାଙ୍କ ଦମ୍‌ଦାର୍ ଅଭିନୟ ଦର୍ଶକଙ୍କ ବେଶ୍ ପ୍ରଶଂସା ସାଉଁଟିଛି। ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ "ନାଦବିନ୍ଦୁ’ ଉପରେ ଆଧାରିତ ‘ପୁଷ୍କରା’ରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତିଙ୍କ ଭଳି ଅନୁଭବୀ ଅଭିନେତା ଅଭିନୟ କରିଛନ୍ତି। ମୃତ୍ୟୁ ପରେ ପୁଷ୍କର ଛଡ଼ାଇବା ପରମ୍ପରା ଉପରେ ଫିଲ୍ମର କଥାବସ୍ତୁ ପର୍ଯ୍ୟବସିତ। ▶ପୃଷ୍ଠା-୭

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

## ଲିକ୍ ପଛର ବଡ଼ ମୁଣ୍ଡ କିଏ ?

### ପୁଣି ଜଣେ ଶିକ୍ଷକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

### ସନ୍ଦେହଘେରରେ ବୋର୍ଡ କାର୍ଯ୍ୟାଳୟର ଏକାଧିକ ଅଧିକାରୀ ଓ କର୍ମଚାରୀ

**କଟକ, ୧।୮(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଭବାନୀପାଟଣାର ଆଉ ଜଣେ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ (୫୬)ଙ୍କୁ ଗିରଫ କରିଛି। ଫଳରେ ଏହି ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୭ ଛୁଇଁଛି। ଏହି ଘଟଣାର ମୂଳଉତ୍ସ କୁହାଯାଉଥିବା କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟର ଜଣେ କର୍ମଚାରୀ (ଡାଟା ଏଣ୍ଟ୍ରି ଅପରେଟର୍)ଙ୍କୁ ଗିରଫ କରାଯାଇଥିଲା। ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେଉଁଠାରୁ ପ୍ରଶ୍ନପତ୍ର ଲିକ ହୋଇଥିଲା, ସେହି କାର୍ଯ୍ୟାଳୟର ଆଉ କିଏ ବଡ଼ ମୁଣ୍ଡ ତଥା ଅଧିକାରୀ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି ନା ନାହିଁ। କିନ୍ତୁ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ନିରବ ରହିଛି। ଯଦିଓ ଏ ଦିଗରେ ତଦନ୍ତ ଅଗ୍ରଗତି କରିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର। ଏପରିକି, ବୋର୍ଡର କେତେଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ଏହି ଘଟଣାରେ ପଚରାଉଚରା ଚାଲିଛି ବୋଲି କୁହାଯାଇଛି। ▶ପୃଷ୍ଠା-୭

### ଅଗଷ୍ଟ ୩୧ରେ ଓଟିଇଟି ପରୀକ୍ଷା

**କଟକ, ୧।୮ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି) ପାଇଁ ଆଜି ସାନି ସମୟ ନିର୍ଘଣ୍ଟ ପ୍ରକାଶ ପାଇଛି। ଗତ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ପାଇଁ ସ୍ଥଗିତ ରଖାଯାଇଥିଲା ବେଳେ ବୋର୍ଡ ପକ୍ଷରୁ ସାନି ତାରିଖ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୩୧ ରବିବାର ଦିନ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

ରାଜ୍ୟର ୪୩୦ଟି କେନ୍ଦ୍ରରେ ୧ଲକ୍ଷ ୪୧ହଜାର ୨୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର-୧ ବିଷୟରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢେ଼୧୧ଟା ପର୍ଯ୍ୟନ୍ତ ଓ ପେପର-୨ ▶ପୃଷ୍ଠା-୭

## ୫ ପ୍ରସ୍ତାବକୁ କ୍ୟାବିନେଟ ମୋହର

### ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ରେ ସଂଶୋଧନ

### ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ପାଇଁ ସମ୍ପ୍ରସାରଣ

**ଭୁବନେଶ୍ୱର, ୧।୮ (ସମିସ):** ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ ଟି ବିଭାଗର ୫ ଟି ପ୍ରସ୍ତାବ ଉପରେ ବାଜିଛି ମୋହର । ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜା ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ମୁଖ୍ୟ ସଚିବ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଦ୍ରବ୍ୟ ଓ ସେବାର କର ଅଧିନିୟମ ୨୦୧୭ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ବ୍ୟବସ୍ଥାକୁ ସରଳ କରାଯାଇଛି। ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱହାନି ଆଶଙ୍କାକୁ ଏଡ଼ାଇବା ପାଇଁ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥା ପ୍ରଚଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥାର ଉଲ୍ଲଂଘନ କଲେ ୧ ଲକ୍ଷ ଟଙ୍କା ବା ଦେୟ ଟିକସର ୧୦ ପ୍ରତିଶତ ଶାସ୍ତି ରାଶି ଆଦାୟ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟ ସରକାର ଓଡ଼ିଶା ଜିଲ୍ଲା ଏବଂ ସିଭିଲ କୋର୍ଟର ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୦୮ ର ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଦ୍ୱାରା ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ୍ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବଢ଼ିବ ଓ ▶ପୃଷ୍ଠା-୭






## ‘ଦମନ’ ବାଟବଣା

# ରାଜ୍ୟରେ ମ୍ୟାଲେରିଆ ଉପରମୁହାଁ

### ମଶା ଦାଉରେ କଲବଲ ଓଡ଼ିଶା

### ଜନସାଧାରଣଙ୍କ ପାଖରେ ପହଞ୍ଚିପାରୁନି ଔଷଧୀୟ ମଶାରି




**ଭୁବନେଶ୍ୱର, ୧।୮ (ସମିସ):** ୨୦୨୭ ସୁଦ୍ଧା ଦେଶକୁ ମ୍ୟାଲେରିଆ ମୁକ୍ତ କରାଯିବାକୁ କେନ୍ଦ୍ର ସରକାର କରିଥିବା ଘୋଷଣା ୨୦୩୦କୁ ଘୁଞ୍ଚାଇଛନ୍ତି। ମାତ୍ର ବର୍ତ୍ତମାନ ପୂର୍ବ, ଉତ୍ତରପୂର୍ବ ଓ ଦକ୍ଷିଣଭାରତରେ ମ୍ୟାଲେରିଆର ସ୍ଥିତିକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ କେବେ ପୂରଣ ହେବ ତାହା କହି ହେଉ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶା ପରି ରାଜ୍ୟରେ ‘ଦମନ’ ଭଳି ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଏବେ ବାଟବଣା ହେବା ଯୋଗୁଁ ଦୀର୍ଘଦିନ ଧରି ନିମ୍ନଗାମୀ ହୋଇ ଚାଲିଥିବା ଗ୍ରାଫ୍ ଏବେ ପୁଣି ଉପରମୁହାଁ ହେବାରେ ଲାଗିଛି। ବିଶେଷକରି ଦକ୍ଷିଣ ଓଡ଼ିଶା ଜିଲ୍ଲା ଗୁଡ଼ିକରେ ମ୍ୟାଲେରିଆ ଚିହ୍ନଟ ପ୍ରତି ବର୍ଷ ରେକର୍ଡ ଭାଙ୍ଗୁଛି। କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ ଆଦି ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ କୀଟ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନ୍‌ଭିବିଡିସିପି) ତଥ୍ୟ ଅନୁସାରେ ଗତ ୩ ବର୍ଷ ହେଲା ରାଜ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବ ସରକାର କାର୍ଯ୍ୟକାରୀ କରୁଥିବା ‘ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ’(ଦମନ) ଯୋଜନା ଏବେ ଆପାତତଃ ମୃତପ୍ରାୟ। ଫଳରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ମ୍ୟାଲେରିଆ ପ୍ରବଣ ରାଜ୍ୟକୁ ମ୍ୟାଲେରିଆ ମୃତ୍ୟରେ ଓଡ଼ିଶା ପଛରେ ପକାଇ ଦେଇଛି। ୨୦୨୪ ମସିହାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେଢ଼ କୋଟି ଔଷଧୀୟ ମଶାରି ମାଗିଥିଲେ। ମାତ୍ର ସେହି ମଶାରି ଆସିଲା କି ନାହିଁ, ବଣ୍ଟନ ହେଲା କି ନାହିଁ ତାହାର ସଠିକ୍ ସୂଚନା ଜନସ୍ୱାସ୍ଥ୍ୟ ବିଭାଗରେ ଉପଲବ୍ଧ ନାହିଁ।

ମ୍ୟାଲେରିଆ ଜ୍ୱରର ଭୟାବହତାକୁ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ଔଷଧ ବୋଳା ମଶାରି ବଣ୍ଟନ କରାଯାଉଥିଲା। ଏହାର ଔଷଧୀୟ ଗୁଣ ସ୍ୱରୂପ ଏହି ମଶାରିରେ ମଶା ବସି ପାରୁ ନ ଥିଲେ। ଫଳରେ ମ୍ୟାଲେରିଆ ରୋକିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ▶ପୃଷ୍ଠା-୭




ସକାଳ
THE SAKALA
www.sakalaepaper.com

## ଟ୍ରମ୍ପଙ୍କ ପାଇଁ ନୋବେଲ ଶାନ୍ତି ମାଗିଲା ଆମେରିକା



ୱାଶିଂଟନ, ୧।୮ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପୁରସ୍କାର ନିଶା ଘାରିଛି। ଏହା ପୁଣି ଯାହା ତାହିଆ ପୁରସ୍କାର, ନୋବେଲ ଶାନ୍ତି ପୁରସ୍କାର। ପାକିସ୍ତାନ, ଇସ୍ରାଏଲ ପରେ ଏବେ ଖୋଦ୍ ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ହ୍ୱାଇଟ ହାଉସ ପକ୍ଷରୁ ଟ୍ରମ୍ପଙ୍କୁ ଏହି ପୁରସ୍କାର ଦେବାକୁ ଦାବି କରାଯାଇଛି। ଆମେରିକାରୁ ବିଦେଶୀ ନାଗରିକଙ୍କୁ ଅକଥନୀୟ ନିର୍ଯାତନା ଦେଇ ନିଜ ଦେଶକୁ ପଠାଇଥିବା ଟ୍ରମ୍ପଙ୍କ ସପକ୍ଷରେ ହ୍ୱାଇଟ ହାଉସ ସଚିବ କ୍ୟାରୋଲାଇନ ଲେଭିଟ ଯୁକ୍ତି ବାଢ଼ିଛନ୍ତି। ସେ କହିଛନ୍ତି ଯେ ଟ୍ରମ୍ପ ୬ ମାସର କାର୍ଯ୍ୟକାଳରେ ବିଶ୍ୱରେ ୬ଟି ସଂଘର୍ଷକୁ ବନ୍ଦ କଲେଣି। ଏହା ମଧ୍ୟରେ ଇସ୍ରାଏଲ-ଇରାନ, ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ରୱାଣ୍ଡା-କଙ୍ଗୋ, ସର୍ବିଆ କୋସାଭୋ ଏବଂ ଇଜିପ୍ଟ-ଇଥୋପିଆ ସଂଘର୍ଷ ସାମିଲ ରହିଛି। ଏଥିପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ। ତେବେ ଭାରତ ଟ୍ରମ୍ପଙ୍କ ଦାବିକୁ ଖାରଜ କରିଦେଇଥିଲା। ଏହା ପୂର୍ବରୁ ଗତ ମାସରେ ଟ୍ରମ୍ପ ମଧ୍ୟ ନିଜ ପାଇଁ ନୋବେଲ ଶାନ୍ତି ପୁରସ୍କାର ଦାବି କରିଥିଲେ।

## ୪ ବର୍ଷ ପରେ ମ୍ୟାଁମାର୍‌ରୁ ଏମର୍ଜେନ୍ସି ହଟିଲା



ନାପିଡ୍ୟ, ୧।୮ (ଏଜେନ୍ସି): ଦୀର୍ଘ ୪ ବର୍ଷ ପରେ ମ୍ୟାଁମାର ସାମରିକ ସରକାର ଜୁଣ୍ଟା ଦେଶରୁ ଏମର୍ଜେନ୍ସି (ଜରୁରୀ ସ୍ଥିତି) ହଟାଇ ଦେଇଛନ୍ତି। ଡିସେମ୍ବରରେ ନିର୍ବାଚନ କରାଇବାକୁ ସାମରିକ ଶାସକ ସିନିୟର ଜେନେରାଲ ମିନ ଆଙ୍ଗ ହ୍ଲାଇଙ୍ଗ ଘୋଷଣା କରିଛନ୍ତି। ଜୁଣ୍ଟା ଶାସନର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଏକ ଟିଭିକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ ଆମେ ଗଣତନ୍ତ୍ର ଚାହୁଁଛୁ। କିନ୍ତୁ ଦେଶରେ ଚାଲୁଥିବା ହିଂସା ଏବଂ ବିକ୍ଷୋଭ ଯୋଗୁଁ ଲୋକେ ନିର୍ବାଚନର ନିରପେକ୍ଷତା ଉପରେ ସନ୍ଦେହ କରୁଛନ୍ତି। ସୂଚନା ଅନୁଯାୟୀ ହ୍ଲାଇଙ୍ଗ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟ ପ୍ରାଶାସନିକ ପରିଷଦର ପଦ ଛାଡ଼ି ଦେଇଛନ୍ତି। କିନ୍ତୁ ସେ ନୂଆ ବ୍ୟବସ୍ଥାରେ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ପାଲଟି ଯାଇଛନ୍ତି। ଏହା ଦ୍ୱାରା ତାଙ୍କ କ୍ଷମତା ଅଧିକ ବୃଦ୍ଧି ପାଇଛି। ଏବେ ସବୁ ସରକାରୀ ଦାୟିତ୍ୱ ସେନା ନିୟନ୍ତ୍ରିତ 'ନ୍ୟାସନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି କାଉନସିଲ' ପାଖରେ ରହିଛି। ଏହି ପରିଷଦ 'ରାଜ୍ୟ ସୁରକ୍ଷା ଏବଂ ଶାନ୍ତି କମିଶନ' ଗଠନ କରିଛି। ତେବେ ଏହାର ନେତୃତ୍ୱ ହ୍ଲାଇଙ୍ଗ ନେଉଛନ୍ତି।

## ଆପ୍ ମନ୍ତ୍ରୀଙ୍କୁ ବିଦେଶ ଗସ୍ତ ମନା



ଅମୃତସର, ୧।୮ (ଏଜେନ୍ସି): ପଞ୍ଜାବର ଶକ୍ତିମନ୍ତ୍ରୀ ହରଭଜନ ସିଂହ ଇଟିଓଙ୍କୁ ବଡ଼ ଝଟ୍‌କା ଲାଗିଛି। କେନ୍ଦ୍ର ସରକାର ତାଙ୍କୁ ଆମେରିକା ଗସ୍ତ ପାଇଁ ଅନୁମତି ଦେଇନାହାନ୍ତି। ସେ ବୋଷ୍ଟନ ଏବଂ ମାସାଚୁସେଟ୍ସରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାସନାଲ କନଫରେନ୍ସ ଅଫ୍ ଷ୍ଟେଟ ଲେଜିଲେଚର୍ସ (ଏନ୍‌ସିଏସ୍‌ଏଲ) ଲେଜିସଲେଟିଭ ସମିଟ୍ ଲାଗି ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆମେରିକା ଯାଇଥାନ୍ତେ। ଏହା ସାରା ବିଶ୍ୱର ବିଧାନସଭା ନେତା, ନୀତି ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରଣକାରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ମିଳନୀ। ମନ୍ତ୍ରୀଙ୍କ ଅନୁମତି ଦିଆଯାଇ ନ ଥିବା ନେଇ କେନ୍ଦ୍ର ପକ୍ଷରୁ ଗୁରୁବାର ପଞ୍ଜାବ ସରକାରଙ୍କୁ ସୂଚନା ଦିଆଯାଇଛି। କ୍ରମାଗତ ପଞ୍ଚମ ଥର ପାଇଁ ଆମ ଆଦମୀ ପାର୍ଟି ସରକାରର କୌଣସି ନେତା ତଥା ବରିଷ୍ଠ ପଦାଧିକାରୀଙ୍କୁ ବିଦେଶ ଗସ୍ତ ପାଇଁ କେନ୍ଦ୍ର ଅନୁମତି ଦେଇନାହିଁ। ଏହି ଘଟଣା କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ବିବାଦକୁ ଅଧିକ ଉଗ୍ର କରିବ ବୋଲି କୁହାଯାଉଛି। ଏନ୍‌ସିଏସ୍‌ଏଲ୍ ଏବଂ ଏହାର ଭାରତୀୟ ଶାଖା ପଞ୍ଜାବ ମନ୍ତ୍ରୀଙ୍କୁ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିଥିଲା।

## ରାଜନୀତି ଛାଡ଼ିଲେ କମଳା ହ୍ୟାରିସ୍

ୱାଶିଂଟନ୍, ୧।୮ (ଏଜେନ୍ସି): ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି କମଳା ଦେବୀ ହ୍ୟାରିସ୍ ରାଜନୀତି ଛାଡିବାକୁ ଘୋଷଣା କରିଛନ୍ତି। ଏକ ସାକ୍ଷାତକାର ଦେବା ଅବସରରେ ସେ ଏହି ଘୋଷଣା କରିଛନ୍ତି। ଏବେ ସେ କୌଣସି ରାଜନୈତିକ ପଦ ପାଇଁ ଆଉ ନିର୍ବାଚନ ଲଢିବେ ନାହିଁ। ଏପରିକି ସେ କାଲିଫର୍ଣ୍ଣିଆ ଗଭର୍ନର ପଦ ପାଇଁ ମଧ୍ୟ ଲଢିବେ ନାହିଁ ବୋଲି ସେ କହିଛନ୍ତି। ଆମେରିକାରେ ରାଜନୈତିକ ପ୍ରଣାଳୀ ଭୁଶୁଡି ପଡ଼ିଛି ଓ ଏହି ଲୋକତାନ୍ତ୍ରିକ ମୂଲ୍ୟକୁ ରକ୍ଷା କରିବାକୁ ସେତେଟା ଦୃଢ ନୁହଁ ବୋଲି ସେ କହିଛନ୍ତି। କାଲିଫର୍ଣ୍ଣିଆର ଗଭର୍ନର ଭାବେ କାର୍ଯ୍ୟ କରିଥିବା କମଳା କହିଛନ୍ତି ଯେ, ସେ ସମ୍ପୂର୍ଣ୍ଣ ରାଜନୈତିକ କ୍ୟାରିଅରରେ ସେ ଜନତାଙ୍କ ସେବା କରିଆସିଛନ୍ତି। ତାଙ୍କ ଦ୍ୱାରା ଲିଖିତ ବହି '୧୦୭ ଡେଜ' ସେପ୍ଟେମ୍ବର ୨୩ରେ ଉନ୍ମୋଚିତ ହେବ। ଏଥିରେ ସେ ନିଜର ବ୍ୟକ୍ତିଗତ ଓ ରାଜନୈତିକ ଜୀବନ ନେଇ ବହୁତ କଥା ଓ ଅଭିଜ୍ଞତା ଉଲ୍ଲେଖ କରିଛନ୍ତି। ଓକିଲାତିରୁ ସେ ରାଜନୀତି କ୍ଷେତ୍ରରେ ପ୍ରବେଶ କରି ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଥିଲେ। ମାତ୍ର ୭ ବର୍ଷ ମଧ୍ୟରେ ସେ ରାଷ୍ଟ୍ରପତି ପ୍ରାର୍ଥୀ ହେବାରେ ସକ୍ଷମ ହୋଇଥିଲେ।

## ରାଜସ୍ଥାନରେ ୬୯ ବର୍ଷରେ ସର୍ବାଧିକ ୨୮୫ମିମି ବର୍ଷା

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦେଶବ୍ୟାପୀ ଜୁଲାଇରେ ଜବରଦସ୍ତ ବର୍ଷା ହୋଇଛି। ରାଜସ୍ଥାନରେ ଚଳିତ ମୌସୁମୀରେ ୨୮୫ ମିମି ବର୍ଷା ହୋଇଛି। ଗତ ୬୯ ବର୍ଷରେ ରାଜସ୍ଥାନରେ ଏଥିସହ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ପୂର୍ବରୁ ୧୯୫୬ରେ ରାଜସ୍ଥାନରେ ସର୍ବାଧିକ ୩୦୮ମିମି ବର୍ଷା ହୋଇଥିଲା। ସେହିପରି ମଧ୍ୟପ୍ରଦେଶରେ ଗ୍ୱାଲିୟର ସମେତ ୧୦ ଜିଲ୍ଲାରେ ବର୍ଷା କୋଟା ପୂରଣ ହୋଇଛି। ରାଜ୍ୟର କେତୋଟି ଜିଲ୍ଲାରେ ବନ୍ୟା ଆସିଛି। ଅନ୍ୟପଟେ ହିମାଚଳ ପ୍ରଦେଶର ମଣ୍ଡି ନିକଟରେ ଚଣ୍ଡିଗଡ଼-ମନାଲୀ ଜାତୀୟ ରାଜପଥରେ ଭୂସ୍ଖଳନ ହୋଇଛି। ଫଳରେ ରାଜପଥ ବନ୍ଦ ହୋଇଛି। କ୍ରମାଗତ ବର୍ଷା ଯୋଗୁଁ ଏହି ଭୂସ୍ଖଳନ ହୋଇଛି। ରାସ୍ତା ସଫା କରିବାକୁ ଅଧିକାରୀମାନେ ଲାଗି ପଡ଼ିଛନ୍ତି। ସେହିପରି ଆସାମ, ମେଘାଳୟ ଓ ଅରୁଣାଚଳ ପ୍ରଦେଶରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଝାଡଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, ବିହାର, ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ଛତିଶଗଡ଼ ସମେତ ୨୧ଟି ରାଜ୍ୟରେ ହଲକା ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

## ଏକାଠି ଡାକ୍ତରୀ ପଢ଼ିବେ ମା-ଝିଅ

ଚେନ୍ନଇ, ୧।୮ (ଏଜେନ୍ସି): ତାମିଲନାଡୁରେ ଜଣେ ୪୯ ବର୍ଷୀୟ ଫିଜିଓଥେରାପିଷ୍ଟ ମା ଓ ତାଙ୍କ ଝିଅ ମେଡିକାଲର ରାଷ୍ଟ୍ରୀୟ ପ୍ରବେଶ ପରୀକ୍ଷା ନିଟ୍‌ରେ ପାସ୍ କରି ଇତିହାସ ସୃଷ୍ଟି କରିଛନ୍ତି। ମା ଅମୁଥାଭାଲ୍ଲି ମଣିଭନନ୍ ପ୍ରଥମଥର ପାଇଁ ଝିଅ ସହ ନିଟ୍ ପରୀକ୍ଷା ଦେଇଥିଲେ ଓ ଦୁହେଁ ଭଲ ର୍‌ୟାଙ୍କରେ ପାସ କରିଛନ୍ତି। ୩ ଦଶନ୍ଧି ତଳେ ଡାକ୍ତର ହେବାକୁ ତାଙ୍କର ଇଚ୍ଛା ଥିଲା। କିନ୍ତୁ ସେତେବେଳେ ତାଙ୍କୁ ଏମ୍‌ବିବିଏସ୍ ସିଟ୍ ନ ମିଳିବାରୁ ସେ ଫିଜିଓଥେରାପିରେ ଡିଗ୍ରୀ ହାସଲ କରିଥିଲେ। ତେଣୁ ଏବେ ଡାକ୍ତରୀ ପଢ଼ିବାର ତାଙ୍କର ପୁରୁଣା ଇଚ୍ଛା ଶେଷରେ ପୂରଣ ହୋଇଛି। ଏବେ ମା ଓ ଝିଅ ସାଥି ହୋଇ ଏମ୍‌ବିବିଏସ୍ ପାଠ ପଢ଼ା ଆରମ୍ଭ କରିବେ। ମାଙ୍କୁ ସରକାରୀ ମେଡିକାଲ କଲେଜରେ ଆଡମିସନ ମିଳିବ। ଝିଅ ସମ୍ୟୁକ୍ତା କୃପାଳିନୀଙ୍କୁ ମଧ୍ୟ ସେ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତିରେ ସାହାଯ୍ୟ କରୁଥିଲେ। ନିଟ୍ ପାଇଁ ଝିଅ ପ୍ରସ୍ତୁତ ହେଉଥିବା ବେଳେ ମାଙ୍କ ମଧ୍ୟ ପରୀକ୍ଷା ଦେବାକୁ ଇଚ୍ଛା ଯାଗ୍ରତ ହୋଇଥିଲା। ସ୍ୱାମୀ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାକୁ ସ୍ୱାମୀ ତାଙ୍କୁ ବହୁତ ସାହାଯ୍ୟ କରିବା ସହ ଉତ୍ସାହିତ କରିଛନ୍ତି ବୋଲି ଅମୁଥାଭାଲ୍ଲି କହିଛନ୍ତି।

## କୋଲକାତାରୁ ବାଂଲାଦେଶୀ ମଡେଲ ଗିରଫ

କୋଲକାତା, ୧।୮ (ଏଜେନ୍ସି): କୋଲକାତାର ଯାଦବପୁର ଅଞ୍ଚଳରେ ରହୁଥିବା ଜଣେ ବାଂଲାଦେଶୀ ମଡେଲଙ୍କୁ ଗିରଫ କରାଯାଇଛି। କୋଲକାତାର ଆଣ୍ଟି ରାଓଡି ସ୍କ୍ୱାଡ ତାଙ୍କୁ ଏକ ଭଡାଘରୁ ଗିରଫ କରିଛି। ଏହି ମଡେଲ ହେଉଛନ୍ତି ୨୮ ବର୍ଷୀୟା ଶାନ୍ତା ପାଲ। ସେ ବାଂଲାଦେଶର ବରିଶାଲର ବାସିନ୍ଦା। ତାଙ୍କ ପାଖରେ ଭିସା ନଥିଲା। କିନ୍ତୁ ଦୁଇଟି ଆଧାର କାର୍ଡ, ଭୋଟର ଆଇଡି, ରାଶନ କାର୍ଡ ତାଙ୍କ ପାଖରେ ଥିଲା। ପୁଲିସ ତାଙ୍କଠାରୁ ବହୁ କାଗଜପତ୍ର ଜବତ କରିଛି। ତାଙ୍କୁ କୋର୍ଟରେ ହାଜର କରାଯାଥିଲା। ତାଙ୍କୁ ଅଗଷ୍ଟ ୮ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶାନ୍ତା ବାଂଲାଦେଶରେ ଜଣେ ଟିଭି ଆଙ୍କର ଓ ଅଭିନେତ୍ରୀ ଭାବେ କାର୍ଯ୍ୟ କରି ସଫଳତା ହାସଲ କରିଛନ୍ତି। ସେ ବିଭିନ୍ନ ବ୍ୟୁଟି କଣ୍ଟେଷ୍ଟରେ ଅଂଶଗ୍ରହଣ କରିଥିଲେ। କେତେକ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଛି ଓ ଏ ନେଇ ତଦନ୍ତ ଚାଲିଛି ବୋଲି ପୁଲିସ କହିଛି। ସେ ୨୦୨୪ରୁ ଜଣେ ପୁରୁଷଙ୍କ ସହ ଭଡା ଘରେ ରହିଆସୁଥିଲେ। ସେ କିଭଳି ଭାବେ ଆଧାରକାର୍ଡ ଓ ରାସନ କାର୍ଡ ହାସଲ କରିଥିଲେ ସେ ନେଇ ତଦନ୍ତ ଚାଲୁ ରହିଛି।

### ନିର୍ବାଚନ କମିଶନଙ୍କୁ ରାହୁଲ ଗାନ୍ଧୀଙ୍କ ଧମକ

# ଭୋଟ ଚୋରି କରୁଛନ୍ତି ନିର୍ବାଚନ ଅଧିକାରୀ



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୯ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଧମକ ଦେଇଛନ୍ତି। ଶୁକ୍ରବାର ସଂସଦ ବାହାରକୁ ଆସିବା ସମୟରେ ଗଣମାଧ୍ୟମ ସହ ଆଲୋଚନା ବେଳେ କଂଗ୍ରେସ ସାଂସଦ ସଙ୍ଗୀନ ଅଭିଯୋଗ ଲଗାଇଛନ୍ତି। ନିର୍ବାଚନ କମିଶନ ହିଁ ଭୋଟ ଚୋରି କରୁଥିବା କହିଛନ୍ତି। ଆମ ପାଖରେ ପରମାଣୁ ବୋମା ରହିଛି। ଯେତେବେଳେ ଏହା ଫାଟିବ ନିର୍ବାଚନ କମିଶନ ବଞ୍ଚିବେ ନାହିଁ। ଭୋଟ ଚୋରି କରିବାର କାମ କରୁଥିବା ନିର୍ବାଚନ କମିଶନଙ୍କୁ ଆମେ ଛାଡ଼ିବୁ ନାହିଁ। ସେ ଭାରତ ବିରୋଧରେ କାମ କରୁଛନ୍ତି। ଏହା ଦେଶଦ୍ରୋହ। ଯେଉଁଠି ଥିଲେ ବି, ଏମିତିକି ଅବସର ଗ୍ରହଣ କରି ସାରିଥିଲା ପରେ ବି ଆମେ ଖୋଜି ଖୋଜି ବାହାର କରିବୁ ବୋଲି ରାହୁଲ ଧମକ ଦେଇଛନ୍ତି।

ଏହା ପୂର୍ବରୁ ଗତ ୨୪ ତାରିଖରେ ରାହୁଲ କହିଥିଲେ ଯେ ସେ ନିର୍ବାଚନ କମିଶନଙ୍କୁ ଏକ ବାର୍ତ୍ତା ଦେବାକୁ ଚାହୁଁଛନ୍ତି। ଯଦି ଏଥିରୁ ନିର୍ବାଚନ କମିଶନ କିମ୍ବା ନିର୍ବାଚନ ଅଧିକାରୀ ବଞ୍ଚିଯିବେ ବୋଲି ଲାଗୁଛି ତେବେ ଏହା ଭୁଲ ଧାରଣା। ଆମେ ବର୍ତ୍ତିଯିବାକୁ ଦେବୁ ନାହିଁ। ଅନ୍ୟପକ୍ଷରେ ଆଜି ନିର୍ବାଚନ କମିଶନ ରାହୁଲଙ୍କୁ କଡ଼ା ଜବାବ ଦେଇଛନ୍ତି। ସେ ଲଗାଇଥିବା ଗମ୍ଭୀର ଅଭିଯୋଗକୁ ଖାରଜ କରିଦେଇଛନ୍ତି। ରାହୁଲଙ୍କୁ ୫ଟି ଜବାବ ଦେବା ସହିତ ଧମକକୁ ନେଇ ନିଜ ଅଧିକାରୀ ମାନଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ରାହୁଲ ଗାନ୍ଧୀଙ୍କୁ ଚଳିତ ବର୍ଷ ଜୁନ୍ ୧୨ରେ ଏକ ମେଲ ପଠା ଯାଇଥିଲା। ମାତ୍ର ସେ ଏ ପର୍ଯ୍ୟନ୍ତ ଆସୁନାହାନ୍ତି। ସେହି ଦିନ ପୁଣି ଏକ ଚିଠି ଲେଖା ଯାଇଥିଲା, କିନ୍ତୁ ରାହୁଲ ଏହାର ବିବ ଜବାବ ଦେଇ ନ ଥିଲେ। ସେ କେବେ ବି କୌଣସି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ କୌଣସି ଚିଠି ଦେଇ ନାହାନ୍ତି। ରାହୁଲ ବହୁତ ଅଜବ ଲୋକ। ଖାଲି ଆଧାରହୀନ ଅଭିଯୋଗ ଲଗାଉଛନ୍ତି। ଏବେ ନିର୍ବାଚନ କମିଶନ ଏବଂ ଏହାର କର୍ମଚାରୀଙ୍କୁ ଧମକାଇବା ଆରମ୍ଭ କରିଦେଇଛନ୍ତି। ଏଭଳି ଆଧାରହୀନ ଅଭିଯୋଗକୁ ଅଣଦେଖା କରିବାକୁ ଇସି ନିଜ ଅଧିକାରୀଙ୍କୁ କହିଛନ୍ତି। କ୍ରମାଗତ ଦିଆଯାଉଥିବା ଧମକ ସତ୍ତ୍ୱେ ପୂର୍ବ ଭଳି ନିରପେକ୍ଷ ଏବଂ ସଚ୍ଚୋଟତାର ସହ କାମ କରିଚାଲନ୍ତୁ। ଜରୁରୀ ହୋଇ ନ ଥିବା ବୟାନକୁ ଅଣଦେଖା କରନ୍ତୁ।

**ଅବସର ନେଲା ପରେ ବି ଛାଡ଼ିବୁନି**

**ପାଖରେ ପରମାଣୁ ବୋମା ଅଛି; ଫାଟିଲେ ଇସି ବଞ୍ଚିବେନି**

**ଅଧିକାରୀଙ୍କୁ ପରାମର୍ଶ ଦେଲେ ନିର୍ବାଚନ କମିଶନ**

**ଏଭଳି ଧମକକୁ ଧ୍ୟାନ ନ ଦେଇ ନିରପେକ୍ଷ ଭାବେ କାମ କର**

### ସୁପ୍ରିମକୋର୍ଟଙ୍କ ଚେତାବନୀ

## ନକ୍ସାରୁ ଅଦୃଶ୍ୟ ହୋଇଯିବ ହିମାଚଳ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତର ମାନଚିତ୍ରରୁ ହିମାଚଳ ପ୍ରଦେଶ ଅଦୃଶ୍ୟ ହୋଇଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ଏକ ମାମଲାର ଶୁଣାଣି କରିବା ଅବସରରେ ହିମାଚଳ ପର୍ଯ୍ୟାବରଣ ସଂକଟକୁ ନେଇ କୋର୍ଟ ଚିନ୍ତା ପ୍ରକଟ କରି ଏହା କହିଛନ୍ତି। ଯଦି ଏହି ରାଜ୍ୟର ପର୍ଯ୍ୟବରଣ ନେଇ ଧ୍ୟାନ ଦିଆ ନଯାଏ ତେବେ ହିମାଚଳର ବିପର୍ଯ୍ୟୟ ନିଶ୍ଚିତ ବୋଲି କୋର୍ଟ ସତର୍କ କରାଇଦେଇଛନ୍ତି। ଏଥିସହ କୋର୍ଟ ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ଏହି ସଂକଟର ସାମ୍ନା କରିବା ନେଇ ଆକ୍ସନ ପ୍ଲାନ ଅର୍ଥାତ କାର୍ଯ୍ୟ ଯୋଜନା ଉପସ୍ଥାପନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଜେବି ପର୍ଦ୍ଦିୱାଲା ଓ ଆର ମାହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଘରୋଇ କମ୍ପାନୀର ଚ୍ୟାଲେଞ୍ଜକୁ ଖାରଜ କରିବା ଅବସରରେ ଏହି କଥା କହିଛନ୍ତି। ଉଲ୍ଲେଖଥାଉ କି, ଶ୍ରୀ ତାରା ମାତା ହିଲ୍‌କୁ ସବୁଜ କ୍ଷେତ୍ର ଘୋଷିତ କରାଯାଇଥିଲା ଓ ଏଠାରେ ନୂଆ ନିର୍ମାଣ ଉପରେ ରୋକ ଲଗାଯିବା ନେଇ ଅଧିସୂଚନା ଜାରି କରାଯାଇଥିଲା। କିନ୍ତୁ ଏହି ଅଧିସୂଚାନକୁ ପ୍ରିଷ୍ଟିନ ହୋଟେଲ୍ସ ଆଣ୍ଡ ରିସର୍ଟ୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ଘରୋଇ କମ୍ପାନୀ ଚ୍ୟାଲେଞ୍ଜ କରିଥିଲା ଓ ସୁପ୍ରିମ କୋର୍ଟ ଏହାକୁ ଖାରଜ କରିବା ସହ ଏହି ସତର୍କତା ଜାରି କରିଛନ୍ତି। ଏହି ଅଧିସୂଚନାକୁ ହାଇକୋର୍ଟ ବଜାୟ ରଖିବା ସହ କମ୍ପାନୀର ଆବଦନକୁ ଖାରଜ କରିଥିଲେ। ଫଳରେ କମ୍ପାନୀ ସୁପ୍ରିକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲା। ହିମାଚଳରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରକୃତି ନୁହଁ ବରଂ ମନୁଷ୍ୟକୃତ କାର୍ଯ୍ୟକଳାପ ହିଁ ଦାୟୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନିୟନ୍ତ୍ରିତ ନିର୍ମାଣ, ସଡକ ପ୍ରଶସ୍ତିକରଣ, ଜଳ ବିଦ୍ୟୁତ ପରିଯୋଜନା ଓ ଜଙ୍ଗଲ ସଫା କରିବା ପ୍ରକ୍ରିୟା ହିଁ ଏହି ସଂକଟ ସୃଷ୍ଟି କରିଛି। ଯଥାଶୀଘ୍ର ଏ ସବୁ କାର୍ଯ୍ୟକଳାପକୁ ରୋକାଯିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି।

### ମେଡ୍ ଦୁଷ୍କର୍ମ ମାମଲା

## ଜେଡିଏସ୍ ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନା ଦୋଷୀ



ମହିସୂର, ୧।୮ (ଏଜେନ୍ସି): ପୂର୍ବତନ ଜେଡିଏସ୍ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଏଚ୍‌ଡି ଦେବଗୌଡାଙ୍କ ନାତି ପ୍ରଜ୍ୱଳ ରେଭନ୍ନା ମେଡ୍‌ଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ଦୋଷୀ ବୋଲି ଅବିହିତ କରିଛନ୍ତି। ଶନିବାର କୋର୍ଟ ତାଙ୍କୁ ରାୟ ଦେବା ସହ ଦଣ୍ଡବିଧାନ କରିବେ। କୋର୍ଟ ତାଙ୍କ ନିଷ୍ପତ୍ତି ଶୁଣାଇବା ପରେ ୩୪ ବର୍ଷୀୟ ରେଭନ୍ନା ବେଶ୍ ଭାବୁକ ହୋଇଥିଲେ ଓ ବାହାରକୁ ଆସିବା ବେଳେ କାନ୍ଦୁଥିବାର ଦେଖାଯାଇଥିଲା।

ଉଲ୍ଲେଖଥାଉ କି, ରେଭନ୍ନାଙ୍କ ପରିବାରର ଫାର୍ମ ହାଉସ୍‌ରେ କାମ କରୁଥିବା ଜଣେ ୪୭ ବର୍ଷୀୟ ମହିଳା ଗତ ଏପ୍ରିଲ୍‌ରେ ତାଙ୍କ ବିରୋଧରେ ଦୁଷ୍କର୍ମ କରିବା ନେଇ ଥାନାରେ ଅଭିଯୋଗ କରିଥିଲେ। ୨୦୨୧ରେ ରେଭନ୍ନା ତାଙ୍କୁ ବହୁଥର ଦୁଷ୍କର୍ମ କରିଥିଲେ ଓ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ନହେଲେ ଅଶ୍ଳୀଳ ଚିତ୍ର ଲିକ୍ କରିବାକୁ ଧମକ ଦେଇଥିଲେ। ତାଙ୍କ ବିରୋଧରେ ପାଖାପାଖି ୨୦୦ ଅଶ୍ଳୀଳ ଭିଡିଓ ଓ ୧୨୩ଟି ଅନ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନା କରାଯାଇଥିଲା। ଜୁଲାଇ ୧୮ ରେ ଏହି ମାମଲାରେ କୋର୍ଟ ଶୁଣାଣି ପୂରା କରିଥିଲେ। ରେଭନ୍ନାଙ୍କ ବିରୋଧରେ ବିଭିନ୍ନ ଧାରାରେ ଅଭିଯୋଗ କରାଯାଇଥିଲା। ତାଙ୍କ ବିରୋଧରେ ମୋଟ୍ ଉପରେ ୪ଟି ଦୁଷ୍କର୍ମ ମାମଲା ରହିଛି। କିନ୍ତୁ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୪ ମେ ୩୧ରେ ଜର୍ମାନୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହିଁ ତାଙ୍କୁ ଏହି ମାମଲାରେ ଗିରଫ କରାଯାଇଥିଲା। ସେ ଦେଶ ଛାଡି ୩୫ ଦିନ ବିଦେଶରେ ରହିଥିଲେ। ଜେଜେ ତଥା ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡା ତାଙ୍କୁ ସ୍ୱଦେଶ ଫେରିବାକୁ ଚେତାବନୀ ଦେଇଥିଲେ। ତାଙ୍କ ବିରୋଧରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବାର ଅଭିଯୋଗ ରହିଛି। ଦୁଷ୍କର୍ମ ଓ ଯୌନ ଉତ୍ପୀଡନ ସମେତ ତାଙ୍କ ବିରୋଧରେ ବ୍ଲାକମେଲିଂ ଓ ଧମକ ଦେବା ନେଇ ୪ଟି ମାମଲା ରୁଜୁ କରାଯାଇଛି। ରେଭନ୍ନାଙ୍କ ଜେଜେ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡା, ଦାଦା ଏଚ୍‌ଡି କୁମାରସ୍ୱାମୀ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପିତା ପୂର୍ବତନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି।

## ଆମେରିକାଠୁ ଏଫ୍-୩୫ ଲଢୁଆ ବିମାନ କିଣିବନି ଭାରତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କୂଟନୈତିକ ସମ୍ପର୍କରେ ଅବନତୀ ପରିଲକ୍ଷିତ ହୋଇଛି। ଫଳରେ ଭାରତ ଆମେରିକାଠାରୁ ଏଫ୍-୩୫ ଲଢୁଆ ଷ୍ଟେଲ୍‌ଥ ବିମାନ କିଣିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏ ନେଇ ହୋଇଥିବା ଏକ ଚୁକ୍ତିକୁ ଭାରତ ଆକାମୀ କରିଛି। ଆମେରିକାଠୁ ଭାରତ ଏହି ବିମାନ କ୍ରୟ କରିବାକୁ ରୁଚି ରଖୁନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ଅବସରରେ ଏହି ବିମାନ କ୍ରୟ କରିବା ନେଇ ଟ୍ରମ୍ପ ପ୍ରସ୍ତାବ ଦେଇଥିଲେ। ଭାରତ ଏବେ ସ୍ୱଦେଶୀ ଜ୍ଞାନ କୌଶଳ ଦ୍ୱାରା ଯୁଦ୍ଧ ସରଞ୍ଜାମ ନିର୍ମାଣ କରିବା ଲକ୍ଷ୍ୟରେ ରହିଛି।

## ଖରାପ୍ ଇଞ୍ଜିନ୍ ସତ୍ତ୍ୱେ ୧୨୦ କିମି ବିମାନ ଚଳାଇ ୩୦୬ ଜୀବନ ବଞ୍ଚାଇଲେ ପାଇଲଟ୍

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ସାରା ବିଶ୍ୱରେ ବିମାନ ଦୁର୍ଘଟଣା ସଂଖ୍ୟା ଓ ଉଦାହଣ ବହୁତ ରହିଛି। କିନ୍ତୁ ନିଶ୍ଚିତ ଦୁର୍ଘଟଣାରୁ ବିମାନ ଅକ୍ଳକେ ବର୍ତ୍ତିଯାଇଥିବା ଘଟଣା ବହୁତ କମ୍ ଦେଖିବାକୁ ମିଳେ। ୨୦୦୧ରେ ଏଭଳି ଏକ ଘଟଣା ଘଟିଥିଲା। ଦୁଇଟି ଯାକ ଇଞ୍ଜିନ ଖରାପ ହେବା ଓ ଫୁଏଲ ଲିକ୍ ହେବା ସତ୍ତ୍ୱେ ପାଇଲଟ୍ ସାହସିକତାର ସହ ଉପସ୍ଥିତ ବୁଦ୍ଧି ଖଟାଇ ଅସୀମ ଧୈର୍ଯ୍ୟର ସହ ବିମାନକୁ ୧୨୦ କିମି ଚଳାଇ ସୁରକ୍ଷିତ ଭାବେ ଅବତରଣ କରାଇବା ସହ ୩୦୬ଟି ଜୀବନକୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ।


୨୦୦୧ ଅଗଷ୍ଟ ୨୪ରେ ଏୟାରବସ୍ ଏ୩୩୦ ଏଆର ଟ୍ରାନସାଟ୍ ଫ୍ଲାଇଟ୍ ୨୩୬ ବିମାନ କାନାଡାର ଟରଣ୍ଟୋରୁ ପର୍ତ୍ତୁଗାଲ ରାଜଧାନୀ ଲିସବନ ଯାଉଥିଲା। ଆଟଲାଣ୍ଟିକ୍ ମହାସାଗର ଉପରେ ୩୯, ୦୦୦ ଫୁଟ୍ ଉଚ୍ଚରେ ବିମାନ ଉଡୁଥିବା ବେଳେ ପାଇଲଟ୍ ଅଚାନକ ଜାଣିବାକୁ ପାଇଥିଲେ ଯେ, ଫୁଏଲ ଲିକ୍ ହୋଇଛି। ଫଳରେ ବିମାନର ଦୁଇଟି ଯାକ ଇଞ୍ଜିନ କାମକରିବା ବନ୍ଦ କରିଦେଇଥିଲା। ଟରଣ୍ଟୋରୁ ଲିସବନର ଉଡାଣ ୭ ଘଣ୍ଟାର ହୋଇଥିବା ବେଳେ ୫ ଘଣ୍ଟା ଅତିକ୍ରାନ୍ତ ହୋଇଥିଲା। ଡାହାଣ ପଟ ଇଞ୍ଜିନ୍ ଅଚଳ ହେବାର ୧୩ ମିନିଟ୍ ପରେ ବାମପଟ ଇଞ୍ଜିନ୍ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା। ଫଳରେ ପାଇଲଟ୍ ତଥା ୨୮ ବର୍ଷୀୟ ଫାର୍ଷ୍ଟ ଅଫିସର ଡିର୍କ ଡେଜାଗେର 'ମେଡେ, ମେଡେ, ମେଡେ' କଲ୍ କରିଥିଲେ। ସେତେବେଳେ ବିମାନ ନିକଟସ୍ଥ ଆଜୋରେସ୍ ଦୀପପୁଞ୍ଜ ସ୍ଥିତ ରନୱେଠାରୁ ଆହୁରି ୧୨୦ କିମି ତଥା ପର୍ତ୍ତୁଗାଲ ଉପକୂଳ ଓ ଲିସବନଠାରୁ ଯଥାକ୍ରମେ ୧, ୪୦୦ ଓ ୧, ୫୦୦ କିମି ଦୂରରେ ରହିଥିଲା। ବିମାନରେ ବସିଥିବା ସବୁଯାତ୍ରୀ ଆତଙ୍କିତ ହୋଇଥିଲେ। କିନ୍ତୁ ଏତିକିବେଳେ ଚମତ୍କାର ହୋଇଥିଲା। ପାଇଲଟ ତଥା କ୍ୟାପଟେନ ରବର୍ଟ ପ୍ରାଇସ୍‌ଙ୍କ ବିଚକ୍ଷଣ ଉପସ୍ଥିତ ବୁଦ୍ଧି ଯୋଗୁଁ ବିମାନ ଆଜେରେସ ଦୀପପୁଞ୍ଜର ରନୱେରେ ଅବତରଣ କରିଥିଲା।

## ଭାରତରୁ ୨୩ ହଜାର କୋଟି ଠକିନେଲେ ସାଇବର ଠକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତରେ ସାଇବର ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ସମସ୍ୟା ମୁଣ୍ଡବିନ୍ଧା ସୃଷ୍ଟି କରିଥିବାବେଳେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗତ ବର୍ଷ (୨୦୨୪) ସାଇବର ଅପରାଧି ତଥା ଠକମାନେ ଭାରତୀୟଙ୍କଠାରୁ ୨୨, ୮୪୨ କୋଟି ଟଙ୍କା ଠକି ନେଇଥିଲେ। ଦିଲ୍ଲୀର ମିଡିଆ ଏବଂ ଟେକ୍ କମ୍ପାନୀ ଡାଟାଲିଡ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଭାରତ ସରକାରଙ୍କ ସାଇବରକ୍ରାଇମ କୋଅର୍ଡିନେସନ ସେଣ୍ଟର, ୧୪ସି କରିଥିବା ଆକଳନ ମଧ୍ୟ ଭୟ ବଢ଼ାଇ ଦେଇଛି। ଚଳିତ ବର୍ଷ ସାଇବର ଠକେଇ ଦ୍ୱାରା ଭାରତୀୟମାନେ ୧.୨ ଲକ୍ଷ କୋଟି ଟଙ୍କା ହରାଇ ପାରନ୍ତି ବୋଲି କୁହାଯାଇଛି। ଏହା ପୂର୍ବରୁ ୨୦୨୩ରେ ସାଇବର ଠକ ଦେଶରୁ ୭, ୪୬୫ କୋଟି ଟଙ୍କା ଲୁଟି ନେଇଥିଲେ। ଏହା ୨୦୨୨ ତୁଳନା (୨୩୦୬ କୋଟି)ରେ ୧୦ ଗୁଣା ଥିଲା। ଦେଶରେ ସାଇବର କ୍ରାଇମ ଘୁ ଘୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ପ୍ରାୟ ୨୦ ଲକ୍ଷ ସାଇବର ଆକ୍ରମଣ ହୋଇଥିଲା। ଏହା ୨୦୨୩ରେ ୧୫.୬ ଲକ୍ଷ ଥିଲା। ମାତ୍ର ୨୦୧୯ ତୁଳନାରେ ୨୦୨୩ରେ ଏହି ମାମଲା ୧୦ ଗୁଣ ବୃଦ୍ଧି ପାଇଥିଲା। ଡିଜିଟାଲ ପେମେଣ୍ଟ ଆପ୍ ମାଧ୍ୟମରେ ଲୋକେ ବେଶୀ ଠକେଇର ଶିକାର ହେଉଛନ୍ତି। ଭାରତରେ ୨୯୦ ଲକ୍ଷ ଲୋକ ବେକାର ଥିବାବେଳେ ସାଇବର ଠକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି।

## ୯ ମ ବିବାହ କରିବାକୁ ଯାଉଥିବାବେଳେ ଧରାପଡ଼ିଲେ ଲୁଟେରି କନ୍ୟା

ନାଗପୁର, ୧।୮ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ଜଣେ ମହିଳା ଏକାଧିକ ବିବାହ କରି ଲକ୍ଷ ଲକ୍ଷ ଟଙ୍କା ଲୁଟିବାର ଏକ ମଜାଦାର ଖବର ସାମ୍ନାକୁ ଆସିଛି। ପୁଲିସ ଏହି ମହିଳାଙ୍କୁ ଗିରଫ କରିଛି। ସେ ୮ଥର ବିବାହ କରିସାରିଥିଲେ ଓ ୯ମ ବିବାହ କରିବାକୁ ଯାଉଥିବା ବେଳେ ଧରାପଡ଼ିଥିଲେ। ଏହି ମହିଳାଙ୍କୁ 'ଲୁଟେରୀ କନ୍ୟା' କୁହାଯାଉଛି। ଏହି ମହିଳା ଜଣକ ହେଉଛନ୍ତି ସମୀରା ଫାତିମା। ଗତ ୧୫ ବର୍ଷ ମଧ୍ୟରେ ୮ଜଣଙ୍କୁ ବିବାହ କରି ଠକିବା ପରେ ୯ମ ବିବାହ ପାଇଁ ସେ ପ୍ରସ୍ତୁତି ଚଳାଇଥିଲେ। ସେ ବିବାହ କରିଥିବା ସ୍ୱାମୀମାନଙ୍କୁ ବ୍ଲାକମେଲ କରି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଥିଲା। ଏ ନେଇ ପୁଲିସ ମାମଲା ରୁଜୁ କରିଛି ଓ ତଦନ୍ତ ମଧ୍ୟ ଆରମ୍ଭ କରିଛି। ଏହିକ୍ରମରେ ସମୀରା ଏକ ଗ୍ୟାଙ୍ଗ ସହ ଜଡିତ ଥିଲା। ସମୀରା ଉଚ୍ଚ ଶିକ୍ଷିତା ଥିଲା ଓ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲା। ସେ ମୁସଲମାନ ସମ୍ପ୍ରଦାୟରେ ବିବାହିତ ଧନୀ ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ସହଜରେ ନିଜର ସ୍ୱାର୍ଥ ସାଧନ କରୁଥିଲା। ସେ ୫୦ ଲକ୍ଷ ଟଙ୍କା ଲୁଟି ଥିବାକଥା ଜଣେ ତା'ର ପୂର୍ବତନ ସ୍ୱାମୀ ଅଭିଯୋଗ କରିଛନ୍ତି। ନଗଦ ଟଙ୍କା ଓ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ସେ ଏହି ଟଙ୍କା ଆଦାୟ କରିଥିଲା। ରିଜର୍ଭ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନଙ୍କଠାରୁ ମଧ୍ୟ ସେ ଏହି ଢଙ୍ଗରେ ଟଙ୍କା ଲୁଟିବାରେ ସକ୍ଷମ ହୋଇଥିଲା। ସମୀରା ଏହିକ୍ରମରେ ବିଭିନ୍ନ ମାଟ୍ରିମୋନିଆଲ ୱେବ୍‌ସାଇଟ୍, ସାମାଜିକ ଗଣମାଧ୍ୟମ ଫେସବୁକ୍‌କୁ ଆୟୁଧ କରି ଧନୀ ବ୍ୟକ୍ତିମାନଙ୍କୁ ଫସାଉଥିଲା। ସେ ଫେସବୁକ ଓ ହ୍ୱାଟ୍ସଆପ ଜରିଆରେ ସମ୍ପର୍କ କରି ନିଜ ଜୀବନର ଭାବନାତ୍ମକ କାହାଣୀ ଶୁଣାଇ ଜାଲ ବିଛାଉଥିଲା। ସେ ନିଜକୁ ଜଣେ ଡିଭୋର୍ସ ମହିଳା ଓ ଏକ ସନ୍ତାନର ମା ବୋଲି କହି ବିବାହିତ ବ୍ୟକ୍ତିମାନଙ୍କଠାରୁ ସହାନୁଭୂତି ଓ ଅନୁକମ୍ପା ହାସଲ କରିବାକୁ ପ୍ରୟାସ କରି ବିଶ୍ୱାସ ଜିତିବାରେ ସଫଳ ହେଉଥିଲା। ପୂର୍ବରୁ ଥରେ ସେ ନିଜକୁ ମିଛରେ ଗର୍ଭବତୀ ବୋଲି ଦର୍ଶାଇ ଗିରଫକୁ ଏଡାଇଥିଲା। କିନ୍ତୁ ଶେଷରେ ଜୁଲାଇ ୨୯ରେ ଗିରଫ ହେବା ପରେ ତା'ର ସବୁ ଚାଲ ଧରାପଡ଼ିଯାଇଥିଲା।



### ସ୍ତ୍ରୀ ଓ ଶାଶୂଙ୍କୁ ହତ୍ୟା କରି ପୋତିଦେବା ଘଟଣା

# ମା’-ପୁଅ ସମେତ ୪ ଗିରଫ



ବାରିପଦା/କୁଳିଅଣା, ୧।୮ (ସମିସ): ସ୍ତ୍ରୀ ଓ ଶାଶୂଙ୍କୁ ହତ୍ୟା କରି ବାଡ଼ିରେ ପୋତିଦେବା ଘଟଣାର ରହସ୍ୟ ଭେଦିଛି କୁଳିଅଣା ଥାନା ପୁଲିସ୍। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବାଶିଷ ପାତ୍ର (୩୬) ସମେତ ଆଉ କିଛି ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ନେଇ ପୁଲିସ୍ ଯାହା ସନ୍ଦେହ କରୁଥିଲା, ତାହା ସତ ହୋଇଛି। ଦେବାଶିଷ ବ୍ୟତୀତ ଆଉ ୩ ଅଭିଯୁକ୍ତଙ୍କୁ ଆଜି ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଦେବାଶିଷଙ୍କ ମାଆ ଭାରତୀ ପାତ୍ର (୬୦) ଏବଂ ତିତିରି ଗ୍ରାମର ଶମ୍ଭୁନାଥ ନାଏକ (୨୯) ଓ ସିପୁନ ପ୍ରଧାନ(୨୫)। ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଛାୟତ କହିଛନ୍ତି। ମୃତ ସୋନାଲି ନିଜ ମା’ ସୁମତିଙ୍କ କଥାରେ ପରିଚାଳିତ ହେବା, ସ୍ୱାମୀ ଦେବାଶିଷଙ୍କ ସହ ଭଲ ସଂପର୍କ ନ ରଖିବା ଏବଂ ପୁଅ ପ୍ରତି ଅବହେଳା ପ୍ରଦର୍ଶନ କରିବା ଏହି ଡବଲ୍ ମର୍ଡର୍‌ର କାରଣ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦେବାଶିଷ ସ୍ଥାନୀୟ ଡାକ୍ତରଖାନାରେ ଆଟେଣ୍ଡାଣ୍ଟ ଭାବେ କାମ କରନ୍ତି। ଦୁଇବର୍ଷ ତଳେ ସେ ସୋନାଲିଙ୍କୁ ଦ୍ୱିତୀୟ ବିବାହ କରିଥିଲା। ବିବାହର କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଯାଇଥିଲା। ଫଳରେ ସୋନାଲି ବାରମ୍ବାର ରାଗି ବାପଘର ଆମ୍ବଡୁବିକୁ ପଳାଉଥିଲେ। ଇତିମଧ୍ୟରେ ଉଭୟଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତଥାପି ସେମାନଙ୍କ ସଂପର୍କରେ ସୁଧାର ଆସିନଥିଲା। ବାରମ୍ବାର ଏଭଳି ଘଟଣା

ଘଟିବାରୁ ୨୦୨୪ ସେପ୍ଟେମ୍ବର ୮ରେ ସୋନାଲି କୁଳିଅଣା ଥାନାରେ ଦେବାଶିଷଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହା ପରଠାରୁ ଦେବାଶିଷ ରାଗି ଯାଇଥିଲେ। ସୋନାଲିଙ୍କୁ ବାଟରୁ ହଟାଇବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେ ପୂର୍ବରୁ ନିଜ ବାଡ଼ିରେ ଏକ ୧୦ ଫୁଟ୍‌ର ଗାତ ଖୋଳି ରଖିଥିଲେ।

କିଛି ଦିନ ତଳେ ସୋନାଲି ପୁଣି ରାଗି ବାପଘରକୁ ପଳାଇଥିଲେ। ପରେ ଦେବାଶିଷ ଫୋନ୍ କରିବାରୁ ଗତ ୧୨ ତାରିଖରେ ସୋନାଲିଙ୍କୁ ତାଙ୍କ ମା’ ସୁମତି ଓ ଭାଇ ଆଣି ଶାଶୂଘରେ ଛାଡ଼ିଥିଲେ। ସେହିଦିନଠାରୁ ଝିଅ ଘରେ ସୁମତି ରହିଆସୁଥିଲେ। ତେବେ ୧୪ତାରିଖ ସନ୍ଧ୍ୟାରେ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ଏଥିରେ ଦେବାଶିଷ ଉତ୍ତ୍ୟକ୍ତ ହୋଇ ସୋନାଲି ଓ ସୁମତିଙ୍କ ହାତଗୋଡ଼କୁ ବାନ୍ଧିବା ପାଇଁ ଶମ୍ଭୁନାଥ ଓ ସିପନକୁ ୨ହଜାର ଟଙ୍କା ଦେଇ ଡକାଇଥିଲା। ପରେ ବିଳମ୍ବିତ ରାତିରେ ଦେବାଶିଷ ଏକ ପଥର ଏବଂ କୁରାଢ଼ୀରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଥିଲା ଦେବାଶିଷ। ପରେ ଅପରାଧ ଲୁଚାଇବା ପାଇଁ ଶବକୁ ପଲିଥିନ୍‌ରେ ଘୋଡ଼ାଇ ଖୋଳାଯାଇଥିବା ଗାତରେ ରଖି ମାଟି ଚଲାଇବା ପରେ କଦଳୀ ଗଛ ଲଗାଇ ଦେଇଥିଲା। ଏହି ହତ୍ୟାକାଣ୍ଡରେ ଦେବାଶିଷଙ୍କ ମାଆ ମଧ୍ୟ ସାମିଲ ହୋଇଥିଲେ। ତେବେ ସୁମତି ଘରକୁ ନଫେରିବାରୁ ସୋନାଲିଙ୍କ ଜେଜେବାପା ଅନନ୍ତ ଦଳେଇ ଖୋଜାଖୋଜି କରି ନିରାଶ ହେବା ପରେ ୨୫ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ୍ ଏନେଇ ଦେବାଶିଷଙ୍କୁ ପଚରାଉଚରା କରିବାରୁ, ଦୁହେଁ କାମ କରିବା ପାଇଁ ବାହାର ରାଜ୍ୟକୁ ବସ୍‌ରେ ପଳାଇଛନ୍ତି ବୋଲି ସେ କହିଥିଲା।

ତେବେ ଦେବାଶିଷଙ୍କ ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀକୁ ନିର୍ଯାତନା ଦେଉଥିବା ନେଇ ଥାନାରେ ପୃଥକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହାକୁ ସନ୍ଦେହ କରି ପୁଲିସ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରିଥିଲା। ଏଥିରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଧୁସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି।

### ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ଅସନ୍ତୋଷ

# ଆନ୍ଧ୍ରକୁ ଅନୁମୋଦନ; ଓଡ଼ିଶାରେ ପାଦେ ବି ଆଗେଇ ପାରୁନି

ଭୁବନେଶ୍ୱର, ୧।୮ (ସମିସ): ଆଗେଇପାରୁନି ଓଡ଼ିଶା ଅର୍ଥନୈତିକ କରିଡର୍ ନିର୍ମାଣ କାର୍ଯ୍ୟ। କେବେ ହେବ ତାହା ବି କେହି କହିପାରୁ ନାହାନ୍ତି। କେବଳ ଘୋଷଣାରେ ଏହା ସୀମିତ ରହିଯାଇଛି। ପୂର୍ବତଟ ଅର୍ଥନୈତିକ କରିଡର ଦୁଇଟି ଉପାଦାନ ରହିଛି। ଗୋଟିଏ ହେଲା ଓଡ଼ିଶା ଅର୍ଥନୈତିକ କରିଡର୍ ଓ ଅନ୍ୟଟି ହେଲା ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍। ଆନ୍ଧ୍ରପ୍ରଦେଶରେ ଏହାକୁ ଅନୁମୋଦନ ମିଳି ସାରିଛି। ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍ ଅଧୀନରେ ଥିବା ଆନ୍ଧ୍ରପ୍ରଦେଶର କୋପାର୍ଥୀ ଶିଳ୍ପାଞ୍ଚଳ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି; ହେଲେ ଓଡ଼ିଶାରେ କାମ ପାଦେ ବି ଆଗେଇ ପାରୁନି। ଏନେଇ ଅସନ୍ତୋଷ ପ୍ରକାଶ କରି ସାଂସଦ ମାନସ ମଙ୍ଗରାଜ ଶୁକ୍ରବାର ରାଜ୍ୟସଭାରେ ପ୍ରଶ୍ନ ଉଠାଇଛନ୍ତି।

**ପୂର୍ବତଟ ଅର୍ଥନୈତିକ କରିଡର୍**

ଓଡ଼ିଶା ଅର୍ଥନୈତିକ କରିଡର୍ ପ୍ରତିଷ୍ଠା କରାଗଲାଣି କି ନାହିଁ। ପୂବତଟ ଅର୍ଥନୈତିକ କରିଡର୍ କେଉଁ ପର୍ଯ୍ୟାୟରେ ରହିଛି। ଏହି ପ୍ରକଳ୍ପ ରାଜ୍ୟରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିପାରୁଛି କି ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ସାଂସଦ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଜାତୀୟ ଶିଳ୍ପ କରିଡର ଉନ୍ନୟନ ଯୋଜନା- ୨୦୨୦ ଅଧୀନରେ ଦେଶର ୧୧ଟି ଶିଳ୍ପ କରିଡର୍ ରହିଛି। ଏଥିରେ ଓଡ଼ିଶା ଅର୍ଥନୈତିକ କରିଡର୍ ଅନ୍ତର୍ଭୂକ୍ତ ରହିଛି। ରାଜ୍ୟରେ ଏକ ନୂତନ ସ୍ମାର୍ଟ ଶିଳ୍ପ କ୍ଲଷ୍ଟର ପାଇଁ ଆବଶ୍ୟକ ଜମି ରହିଛି କି ନାହିଁ, ତାହା ନିଶ୍ଚିତ କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହା ନିଶ୍ଚିତ କରିପାରି ନାହାନ୍ତି। ଆନ୍ଧ୍ରପ୍ରଦେଶର କୋପାର୍ଥୀ ଶିଳ୍ପାଞ୍ଚଳରେ ଥିବା ପୂର୍ବତଟ ଅର୍ଥନୈତିକ କରିଡର୍ ଅନ୍ତର୍ଗତ ଭାଇଜାଗ୍-ଚେନ୍ନାଇ ଶିଳ୍ପ କରିଡର୍ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ୨୦୨୪ ମସିହାରେ ଅନୁମୋଦନ ଲାଭ କରିଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

### ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଚିନ୍ତା

# ଜିଲ୍ଲାରେ ନିଯୁକ୍ତ ହେବେ ୫ ଜଣ ‘ଶକ୍ତି ଅପା’

ଭୁବନେଶ୍ୱର,୧।୮ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ନିଯୁକ୍ତ ହେବେ ‘ଶକ୍ତି ଅପା’। ପ୍ରତି ଜିଲ୍ଲାରେ ୫ଜଣ ମହିଳାଙ୍କୁ ନିଯୁକ୍ତି କରାଯିବ। ଜିଲ୍ଲାର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହ ପ୍ରୋତ୍ସାହିତ କରିବା ସେମାନଙ୍କ ପ୍ରମୁଖ କାର୍ଯ୍ୟ ହେବ। ‘ଶକ୍ତି ଅପା’ ଚୟନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ୫ଜଣ ଶକ୍ତି ଅପାଙ୍କ ମଧ୍ୟରେ ଜଣେ ଲେଖାଏଁ ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ, ପୁଲିସ୍ ବା ସଶସ୍ତ୍ର ବାହିନୀରୁ ଅବସରପ୍ରାପ୍ତ ସରକାରୀ ମହିଳା ଅଧିକାରୀ, ଆଇନ କ୍ଷେତ୍ର ସହ ଜଡ଼ିତ ଆଇନ ଏବଂ ସାଇବର୍ ସିକ୍ୟୁରିଟି ଉପରେ ଅଭିଜ୍ଞତା ଥିବା ଶିକ୍ଷିତ ମହିଳା, ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ମନସ୍ତତ୍ତ୍ୱବିତ୍ ଏବଂ ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟ ୱେଲଫେୟାର୍ କମିଟିର ସଂଯୋଜକ ବା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଅଧକ୍ଷା ସ୍ଥାନ ପାଇବେ। ଆସନ୍ତା ୨୦ ତାରିଖ ମଧ୍ୟରେ ସେମାନଙ୍କୁ ଚୟନ କରିବା ସହ ସେମାନଙ୍କ ସମସ୍ତ ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଓଏସ୍‌ଆରଟିସି ଆପ୍‌ରେ କଦର୍ଥ ଓଡ଼ିଆ ଭାଷା

ଭୁବନେଶ୍ୱର, ୧।୮ (ସମିସ): ଓଏସ୍‌ଆରଟିସି ଆପ୍‌ରେ କଦର୍ଥ ଓଡ଼ିଆ ଭାଷା। ରାଜ୍ୟର ବିଭିନ୍ନ ଜିଲ୍ଲାର ନାଁକୁ ଅତି କଦର୍ଥ କରି ଲେଖାଯାଇଛି। ଗୋଟିଏ କି ଦୁଇଟି ନୁହେଁ; ପ୍ରାୟ ଅର୍ଦ୍ଧାଧିକ ସ୍ଥାନର ନାମକୁ କଦର୍ଥ କରି ଲେଖାଯାଇଛି। ଯାଜପୁରକୁ ଜଜପୁର, ଚଣ୍ଡିଖୋଲକୁ ଚାନ୍ଦିଖୋଲ, ପାଣିକୋଇଲିକୁ ପାନିକୋଇଲି, ଭଦ୍ରକକୁ ଭଦ୍ରାକା, ବାଲେଶ୍ୱରକୁ ବାଲାସୋର, ଭଞ୍ଜନଗରକୁ ଭଞ୍ଜାନଗର, ବେଲଗୁଣ୍ଠାକୁ ବେଲାଗୁଣ୍ଠା ଆଦି ଲିଖିତ ରହିଛି। ପ୍ରତିଦିନ ଲକ୍ଷଲକ୍ଷ ଲୋକ ରାଜ୍ୟ ତଥା ରାଜ୍ୟ ବାହରକୁ ଯିବା ଆସିବା ପାଇଁ ଓଏସ୍‌ଆରଟିସି ବସ୍‌ର ଆପ୍ ବ୍ୟବହାର କରୁଛନ୍ତି। ହେଲେ ଏଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନକାରୀ ଆପ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନର ନାମର ବନାନରେ ଗୁରୁତ୍ୱର ତ୍ରୁଟି ରହିଥିଲେ ମଧ୍ୟ ଏହାକୁ ସଂଶୋଧନ କରାଯାଉ ନଥିବା ଦେଖିବାକୁ ମିଳିଛି। ଏମିତିକି, ଅନେକ ଲୋକ ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିବା ପରେ ମଧ୍ୟ ପରିବହନ ବିଭାଗର ନିଦ ଭାଙ୍ଗୁନାହିଁ। ପରିବହନ ବିଭାଗରେ ଓଡ଼ିଆ ଅସ୍ମିତା କାମ କରୁଛି କି ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଏସ୍‌ଆରଟିସି ପକ୍ଷରୁ ଯାତ୍ରୀମାନଙ୍କ ସୂଚନା ପାଇଁ ଉଭୟ ୱେବ୍‌ସାଇଟ୍ ଓ ଆପ୍ ରହିଛି। ଏହି ଆପ୍ ସାହାଯ୍ୟରେ ଯାତ୍ରୀମାନେ ବିଭିନ୍ନ ରୁଟ୍‌ରେ ଚାଲୁଥିବା ବସ୍, ସମୟ ଓ ବସଷ୍ଟପ୍ ଆଦି ସଂପର୍କରେ ସୂଚନା ପାଇପାରୁଛନ୍ତି। ତେବେ ଏହି ଆପ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ସ୍ଥାନ ଆଦିର ବନାନରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ଏହା କଦର୍ଥ କରି ଲେଖାଯାଇଛି।

ଓଡ଼ିଆ ଅସ୍ମିତା କଥା କହୁଥିବା ରାଜ୍ୟ ସରକାର ରାଜ୍ୟର ସମସ୍ତ ବିଭାଗକୁ ଓଡ଼ିଆରେ ନିର୍ଦ୍ଦେଶନାମା ଓ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଓଡ଼ିଆ ଭାଷାର ବ୍ୟବହାରକୁ ଗୁରୁତ୍ୱ ଦେଉଥିବା କହୁଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ବିଭାଗ ନିଜ ଆପ୍‌ରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ବିକୃତ ଭାବେ ଲେଖିଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ପଡ଼ୁନାହିଁ।

ରାଜ୍ୟରେ ନୂତନ ବିଜେପି ସରକାର ଗଠନ ପରେ ନିଜେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ କାର୍ଯ୍ୟାଳୟରେ ପ୍ରବେଶ କରିବା ସମୟରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ହେବ ବୋଲି ଘୋଷଣା କରିଥିଲେ। ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ସହ ଓଡ଼ିଆ ଅସ୍ମିତାର ବିକାଶ ପାଇଁ ଗୁରୁତ୍ୱାରୋପ କରାଯିବ ବୋଲି କହିଥିଲେ। ଏହାକୁ ଆଧାର କରି ରାଜ୍ୟର ପ୍ରମୁଖ ବିଭାଗଗୁଡ଼ିକ ସେମାନଙ୍କ ବିଭାଗରେ ବିଜ୍ଞପ୍ତି, ନିର୍ଦ୍ଦେଶନାମା ଓ ଚିଠି ଆଦି ଓଡ଼ିଆ ଭାଷାରେ ଜାରି କରିବେ ବୋଲି ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ହେଲେ ଧୀରେଧୀରେ ଏସବୁ ଉଭେଇଯିବା ସହ ବର୍ତ୍ତମାନ କଦର୍ଥ ଓଡ଼ିଆ ଲେଖୁଥିବା ବିଭାଗ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଦେଖିବାକୁ ମିଳିଛି।

### ମହାନଦୀ ଜଳ ବିବାଦ

# ଆପୋସ ସମାଧାନ ପାଇଁ ସବୁ ଦଳ ଏକାଠି

ଭୁବନେଶ୍ୱର,୧।୮ (ସମିସ): ମହାନଦୀ ଜଳବିବାଦର ସମାଧାନ ନିମନ୍ତେ ଆଜି ସବୁ ରାଜନୈତିକ ଦଳକୁ ନେଇ ଅନୁଷ୍ଠିତ ହୋଇଛି ଏକ ବୈଠକ। ଏହି ବୈଠକରେ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇ ଏହି ବିବାଦରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି । ଏହା ସହ ବାସ୍ତବରେ ଯଦି ରାଜ୍ୟ ସରକାର ଏହାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ଚାହାନ୍ତି, ତେବେ ତୁରନ୍ତ ରାଜ୍ୟର ସମସ୍ତ ରାଜନୈତିକ ଦଳ, ନଦୀ ଆନ୍ଦୋଳନର କର୍ମକର୍ତ୍ତା, ନଦୀ ବିଶେଷଜ୍ଞ, ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଡାକିବାକୁ ବୈଠକରେ ପ୍ରସ୍ତାବ ଦେଇଛନ୍ତି। ଅଣମୌସୁମୀ ସମୟରେ ଓଡ଼ିଶାକୁ ଜଳପ୍ରବାହ ଅବ୍ୟାହତ ରଖିବା ଓ ମହାନଦୀ ଏହାର ଅବବାହିକା ର ସୁରକ୍ଷା ପାଇଁ ରିଭରବୋର୍ଡ଼ ଗଠନ ନିମନ୍ତେ ମଧ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

**ତୁରନ୍ତ ହସ୍ତକ୍ଷେପ କରନ୍ତୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ**

**ରାଜ୍ୟବାସୀଙ୍କୁ ବିଶ୍ୱାସକୁ ନିଅନ୍ତୁ ଓଡ଼ିଶା ସରକାର**

**ବିଶେଷଜ୍ଞ ଓ ରାଜନୈତିକ ଦଳର ବୈଠକ ଡାକନ୍ତୁ**

ଏହି ବୈଠକରେ ଜଳ ବିବାଦର ଆପୋଷ ସମାଧାନ ପାଇଁ ଏକ ବୈଷୟିକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ, କେନ୍ଦ୍ର ତଥା କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରଦାନ କରାଯିବାର ନିଷ୍ପତି ନିଆଯିବା ସହ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏଥିରେ ଜଳ ସମ୍ପଦ ବିଭାଗର ପୂର୍ବତନ ସଚିବ ଡ ଅରବିନ୍ଦ ବେହେରା, ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନନ କାନୁନଗୋ, ପ୍ରସାଦ ହରିଚନ୍ଦନ, ବିଧାୟକ ଗଣେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ଜଗଦେବ, ଡ ଜୟକୃଷ୍ଣ ପାଣିଗ୍ରାହୀ, ଡ ଶୁଭ୍ରାଂଶୁ ରାୟ, ଦେବୀ ପୃଷ୍ଟି, ଅନିଲ ଧୀର୍, ପ୍ରହଲ୍ଲାଦ ସିଂ, ଅଶୋକ ଦାସ ପ୍ରମୁଖ ସଭ୍ୟ ଭାବରେ ରହିଥିବା ବେଳେ ସୁଦର୍ଶନ ଦାସ ଏହାର ଆବାହକ ଅଛନ୍ତି ।

ଅନ୍ୟପକ୍ଷରେ ମହାନଦୀ ସୁରକ୍ଷା ପାଇଁ ସାମାଜିକ ସଂଗଠନ, ନଦୀ ଆନ୍ଦୋଳନର କର୍ମୀ, ବିଶେଷଜ୍ଞ ମାନଙ୍କ ସହିତ ବୈଠକ ଆୟୋଜନ କରିବାର ନିଷ୍ପତି ନିଆଯାଇଛି। ଏହା ସହ ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ସ୍ଥାନ ସୁଖାସୋଡ଼ାଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଏକ ନଦୀ ଯାତ୍ରା ମଧ୍ୟ ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଜେଡି ବିଧାୟକ ଡ ଅରୁଣ କୁମାର ସାହୁ ଓ ଗଣେଶ୍ୱର ବେହେରା, ବିଜେପି ନେତା କୃଷ୍ଣଚନ୍ଦ୍ର ଜଗଦେବ, ବାମପନ୍ଥୀ ନେତା ପ୍ରଦୀପ୍ତ ନାୟକ, ଅଶୋକ ପ୍ରଧାନ, ଜ୍ୟୋତି ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏନ୍‌ସିପି ନେତା ବିକ୍ରମ ସ୍ୱାଇଁ, ଆରଜେଡି ନେତା ହେମନ୍ତ କୁମାର, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶିବାନନ୍ଦ ରାୟ, ଇ ମନୋରଞ୍ଜନ ମିଶ୍ର, ନିରୂପମା ପାତ୍ର, ବାସୁଦେବ ଭଞ୍ଜଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଜେଲ୍ ଗଲେ ସହକାରୀ ଯନ୍ତ୍ରୀ

### ଆୟଠାରୁ ୨୧୩ ପ୍ରତିଶତ ଅଧିକ ସଂପତ୍ତି

ଭୁବନେଶ୍ୱର,୧।୮ (ସମିସ): ଭାଗୀଦାରିରେ ସମ୍ପତ୍ତି ଠୁଳ କରି ଭିଜିଲାନ୍ସ ସ୍କାନରକୁ ଆସିଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ଗିରଫ ହୋଇଛନ୍ତି। ଲଗାତାର ୪ର୍ଥ ଦିନରେ ଚଢ଼ଉ ପରେ ତାଙ୍କୁ ଗିରଫ କରାଯାଇଛି। ଚନ୍ଦକା ଶିଳ୍ପାଞ୍ଚଳରେ ଶ୍ରୀ ପଣ୍ଡାଙ୍କର ଆଉ ଏକ ୪ ମହଲା କୋଠା ଠାବ ହୋଇଛି। ୪ଦିନ ଚଢ଼ଉ କରି ଭିଜିଲାନ୍ସ ଟିମ୍ ମୋଟ ୩ଟି କୋଠାଘର, ୭ଟି ଫ୍ଲାଟ୍, ଉତ୍କଳ କନିକା ଗ୍ୟାଲେରିଆ, ସିମ୍ଫୋନୀ ଓ ଡିଏଲ୍‌ଏଫ୍ ସାଇବର୍ ସିଟିରେ ୪ଟି ବାଣିଜ୍ୟକ ଆଉଟଲେଟ୍ ଠାବ କରିଛି। ଏଥିସହ ୯ଟି ପ୍ଲଟ୍, ୨କୋଟି ୪୩ଲକ୍ଷର ବ୍ୟାଙ୍କ ଜମା, ୧୨୬ଗ୍ରାମର ସୁନାଗହଣା, ୧୨୭ ଗ୍ରାମ ରୁପା ଅଳଙ୍କାର, ଗୋଟିଏ କାର ଜବତ କରିଛି। ଶ୍ରୀ ପଣ୍ଡାଙ୍କଠାରୁ ଠାବ ସଂପତ୍ତି ତାଙ୍କ ଆୟଠାରୁ ୨୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ କହିଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା ଭିଜିଲାନ୍ସ। ନୀଳାଦ୍ରି ବିହାରରେ ଗୋଟିଏ ୩ ମହଲା କୋଠା, କସ୍ମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫୋନୀ ମଲରେ ୨ଟି ଦୋକାନ ଘର, ୭୫ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ କରିଥିଲା ଭିଜିଲାନ୍ସ। ଏହାବ୍ୟତୀତ ଦୁଇପିଲାଙ୍କ ପାଠପଢ଼ାରେ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତେବେ କସ୍ମୋପଲିସ୍‌ସ୍ଥିତ ଫ୍ଲାଟ୍‌ଟି ରାଜକିଶୋର ଓ ଅଶୋକଙ୍କ ପତ୍ନୀଙ୍କ ନାମରେ ଥିବା ଜାଣିବା ପରେ ଟିମ୍ ଅଶୋକଙ୍କ ଘରେ ଚଢ଼ଉ ଆରମ୍ଭ କରିଥିଲା।

# ଅଗଷ୍ଟ ୧୫ ଯାଏଁ ଇଗ୍ନୋ ନାମଲେଖା

ଭୁବନେଶ୍ୱର,୧।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜୁଲାଇ ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ନାମଲେଖା ସହ ପୁନଃ ପଞ୍ଜୀକରଣ କରିପାରିବେ ଆଶାୟୀ। ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ପ୍ରାର୍ଥୀମାନେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପଢ଼ିପାରିବେ। ସ୍ନାତକରେ କଳା, ବିଜ୍ଞାନ ଓ ବାଣିଜ୍ୟ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ଫି’ ଛାଡ଼ କରାଯାଇଛି। ଇଚ୍ଛୁକ ପ୍ରାର୍ଥୀମାନେ ଇଗ୍ନୋ ୱେବସାଇଟ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ବିଧାୟକ ଧ୍ରୁବ ସାହୁଙ୍କ ବିରୋଧରେ ମାମଲା ଖାରଜ

ରାଜନଗର, ୧।୮ (ସମିସ): ରାଜନଗରର ବିଜେଡି ବିଧାୟକ ଧ୍ରୁବଚରଣ ସାହୁଙ୍କ ବିରୋଧରେ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟର ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ଆବେଦନକାରୀ କିମ୍ବା ତାଙ୍କ ଓକିଲ କ୍ରମାଗତ ଭାବେ ଶୁଣାଣିରେ ଅନୁପସ୍ଥିତ ରହିବା ଓ ମାମଲା ତଥ୍ୟ ବିହୀନ ହୋଇଥିବା କାରଣରୁ ମାମଲାକୁ ଖାରଜ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଧ୍ରୁବଚରଣ ସାହୁ ବିଜୟୀ ହୋଇଥିଲେ। ତାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ବିଜେପି ପ୍ରାର୍ଥୀ ଲଳିତ କୁମାର ବେହେରା ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାଏର କରିଥିଲେ। ଲଳିତ ତାଙ୍କ ଆବେଦନରେ ଧ୍ରୁବ ନିର୍ବାଚନରେ ଅନିୟମିତତା କରିଛନ୍ତି, ପ୍ରାର୍ଥିପତ୍ର ଦାଖଲ ବେଳେ ଅନେକ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି ବୋଲି ଦର୍ଶାଇଥିଲେ। ତେଣୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ଧ୍ରୁବଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ, ମିଳନ କାନୁନଗୋ, କ୍ଷୀରୋଦ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ବଜ୍ରପାତରେ ଯୁବକ ମୃତ

ବାଲେଶ୍ୱର,୧।୮ (ସମିସ): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ସୁଲପଟା ଅଞ୍ଚଳରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସୁଲପଟା ଅଞ୍ଚଳର ବାଇଧର ମହାଲିକଙ୍କ ପୁଅ ଗଣେଶ ମହାଲିକ (୪୪) ଆଜି ବିଲକୁ ତଳି ରୋଇବାକୁ ଯାଇଥିବା ବେଳେ ଅପରାହ୍ନରେ ବର୍ଷା ହୋଇଥିଲା। ଗଣେଶ ଘରକୁ ଫେରୁଥିବା ବେଳେ ହଠାତ ଏକ ବଜ୍ରପାତ ହେବାରୁ ଗଣେଶ ଏଥିରେ ଟଳିପଡ଼ିଥିଲେ। ପରିବାରଲୋକ ତାଙ୍କୁ ସଙ୍ଗେସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସୁଲପଟା ଅଞ୍ଚଳର ଜଳଧର ମହାଲିକଙ୍କ ପତ୍ନୀ ସରସ୍ୱତୀ ମହାଲିକ (୬୭) ଘର ନିକଟସ୍ଥ ପୋଖରୀ ନିକଟରେ ଛେଳି ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

### ଖୋଲିଲା ଭିତରକନିକା

# ପ୍ରଥମ ଦିନରେ ୬୧ ପର୍ଯ୍ୟଟକ




ରାଜନଗର, ୧।୮ (ସମିସ): ଦୀର୍ଘ ୩ ମାସ ପରେ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଛି ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ। ଆଜି ପ୍ରଥମ ଦିନରେ ଭିତରକନିକାକୁ ୬୧ଜଣ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଖୁଆଇ ବନ କର୍ମଚାରୀ ସ୍ୱାଗତ କରିଛନ୍ତି। ଭିତରକନିକାକୁ ପଲିଥିନମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ବୁଝାଇଥିଲେ। ଏଥିସହ ପର୍ଯ୍ୟଟକଙ୍କୁ କାଗଜ ଓ କପଡ଼ା ବ୍ୟାଗ୍ ମଧ୍ୟରେ ଜାତୀୟ ଉଦ୍ୟାନ ମଧ୍ୟକୁ ସେମାନେ ଆଣିଥିବା ସାମଗ୍ରୀ ନେବାକୁ କୁହାଯାଇଥିଲା। ପ୍ଲାଷ୍ଟିକ୍ ପାଣି ବୋତଲ ଜାତୀୟ ଉଦ୍ୟାନ ମଧ୍ୟକୁ ଛଡ଼ାଯାଇନାହିଁ।

**ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ, ମିଠା ଦେଇ ସ୍ୱାଗତ**

ଆଜି ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟରେ ଏସିଏଫ ମାନସ ଦାସ, ଫରେଷ୍ଟର୍ ପ୍ରଶାନ୍ତ ସିଂ, ହେମନ୍ତ ପାଣିଗ୍ରାହୀ, ଯଶୋବନ୍ତ ବେହେରା, ବବୁଲ ପରିଡ଼ା, ଶୁଭ୍ରଜିତ ଖୁଣ୍ଟିଆଙ୍କ ସମେତ ରବି ସିଂ, ଇଡିସି ସଭାପତି ପ୍ରଭାତ ବେହେରା ପ୍ରମୁଖ ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ପରେଷ୍ଟର ବିଭୂତି ଭୂଷଣ ତରାଇ, ତ୍ରିଦୀପ ପ୍ରଧାନ, ପ୍ରକାଶ ଦାସ, ଦେବୀପ୍ରସାଦ ମୁଣ୍ଡା, ଇକୋ ଡେଭେଲପମେଣ୍ଟ କମିଟିର ଗିରୀଶ ନାୟକ, ଖଗେଶ୍ୱର ଲେଙ୍କା, ରମେଶ ମିସ୍ତ୍ରୀ ଓ ବିଭିନ୍ନ ଏସଏଚ୍‌ଜି ଗୋଷ୍ଠୀ ମହିଳା ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଖୋଳା ଏଣ୍ଟ୍ରି ପଏଣ୍ଟରେ ଫରେଷ୍ଟର୍ ନବୀନ ମଲ୍ଲିକଙ୍କ ସମେତ ବନ କର୍ମଚାରୀ ଓ ବୋଟ୍ ଆସୋଏସନ୍‌ର କର୍ମକର୍ତ୍ତା ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଦେଇ ସ୍ୱାଗତ କରିଥିଲେ।

ଆଜି ସ୍ଥଳପଥରେ ଡାଙ୍ଗମାଳ ଦେଇ ଭିତରକନିକାକୁ ୪୧ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଖୋଳା ଏଣ୍ଟ୍ରିପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୧୦ଜଣ ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟ୍‌ରେ ୧୦ଜଣ ପର୍ଯ୍ୟଟକ ଆସି ଭିତରକନିକାର ଉପଭୋଗ କରିଛନ୍ତି। ପର୍ଯ୍ୟଟକଙ୍କ ପାଇଁ ଡାଙ୍ଗମାଳରେ ନିର୍ମାଣ ହୋଇଥିବା ୧୫ଫୁଟ୍ ଓ ୬୦୦ ମିଟରର ସ୍କାଏୱାକ୍ ବ୍ରିଜ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଥିଲା।

# ଶିମିଳିପାଳ ନେଚର୍ କ୍ୟାମ୍ପ ନିର୍ମାଣରେ ଦୁର୍ନୀତି



ବାରିପଦା, ୧।୮ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରେ ମହାଦୁର୍ନୀତି ହୋଇଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି। କୋଟିକୋଟି ଟଙ୍କା ହଡ଼ପ କରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଉତ୍ତର) ବନଖଣ୍ଡର ଉପନିର୍ଦ୍ଦେଶକ ବଦଳି ହୋଇ ଅନ୍ୟତ୍ର ପଳାଇବା ପରେ ଏପରି ଘଟଣା ଜଣାପଡ଼ିଛି। ଅଭୟାରଣ୍ୟରେ ନେଚର୍ କ୍ୟାମ୍ପ ନିର୍ମାଣ ନାମରେ ସମ୍ପୃକ୍ତ ଅଧିକାରୀ ଦାୟିତ୍ୱରେ ଥିବା ବେଳେ ବ୍ୟାପକ ସରକାରୀ ଅର୍ଥ ହରିଲୁଟ୍ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ବର୍ତ୍ତମାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ବାରିପଦା ସର୍କଲର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗନାନୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ, ପ୍ରାକ୍ତନ ଉପନିର୍ଦ୍ଦେଶକଙ୍କଠାରୁ ଅନିୟମିତତା ଅର୍ଥ ଭରଣା କରାଯାଇପାରେ ବୋଲି ଶ୍ରୀ ଗୋଗିନେନୀ କହିଛନ୍ତି।

**ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପ୍ରାକ୍ତନ ଉପନିର୍ଦ୍ଦେଶକଙ୍କୁ କୈଫିୟତ ତଲବ**

ଶିମିଳିପାଳ ଉତ୍ତର ବନଖଣ୍ଡର ପୂର୍ବତନ ଉପନିର୍ଦ୍ଦେଶକ ଡି. ସାଇକିରଣଙ୍କ ସମୟରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ନଅଣା ରେଞ୍ଜରେ ନେଚର୍ କ୍ୟାମ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୩ ଫେବ୍ରୁଆରୀ ୧୯ ତାରିଖରେ ନେଚର୍ କ୍ୟାମ୍ପ ନଅଣା ଭିଲା ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶିଳାନ୍ୟାସ କରିଥିଲେ। ଯାହାର ପ୍ରକଳ୍ପ ଅଟକଳ ୪କୋଟି ୬୦ ଲକ୍ଷ ଟଙ୍କା ରହିଥିଲା। ମାତ୍ର ଦୁଇବର୍ଷ ପରେ ମଧ୍ୟ ଏହି ନେଚର୍ କ୍ୟାମ୍ପ ନିର୍ମାଣ ସମ୍ପୂର୍ଣ୍ଣ ନହୋଇ ସମସ୍ତ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ପ୍ରକଳ୍ପ ଅଧପାନ୍ତରିଆ ହୋଇପଡ଼ିଥିବା ବେଳେ ବିଭାଗ ପକ୍ଷରୁ ୟୁସି ଦିଆସରିଛି। ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମଞ୍ଜୁର ଅର୍ଥ ଯଦି ଖର୍ଚ୍ଚ ହେଲା, ତେବେ କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବା ନେଇ ଏବେ ପ୍ରଶ୍ନ ଉଠିଛି। ଅଭିଯୋଗ ପାଇବା ପରେ ଶ୍ରୀ ଗୋଗନାନୀ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପୂର୍ବତନ ଉପନିର୍ଦ୍ଦେଶକଙ୍କୁ ମଧ୍ୟ କୈଫିୟତ ତଲବ କରାଯାଇଛି ବୋଲି ସେ କହିଛନ୍ତି।


ଶିମିଳିପାଳ ଜାତୀୟ ଅଭୟାରଣ୍ୟ ମଧ୍ୟରେ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ ଥିବା ବେଳେ ଏହି ଗୋଟିଏ ଘଟଣା ନୁହେଁ, ଏଭଳି ବହୁ ଦୁର୍ନୀତି ପଦାକୁ ଆସିବ ବୋଲି ଅଭିଯୋଗ କରିଛି ଜିଲ୍ଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା। ଶିମିଳିପାଳ ମଧ୍ୟରେ ବିନା ଟେଣ୍ଡର୍‌ରେ ସବୁ କାର୍ଯ୍ୟ କରାଯାଉଥିବା ବେଳେ ତାହା ଅଧିକାରୀଙ୍କୁ ଦୁର୍ନୀତି କରିବାକୁ ଅଧିକ ସୁଯୋଗ ଦେଉଛି ବୋଲି ଅଭିଯୋଗ ହୋଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଞ୍ଜସେନା ଦାବି କରିଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା।

### ଚକ୍ରଧରପୁରରେ ଚିନ୍ତା ବଢ଼ାଇଲେ କିଡ୍ନୀ ରୋଗୀ

# ୯୨ ନମୁନାରୁ ୧୮ ପଜିଟିଭ ଚିହ୍ନଟ

କବାଟବନ୍ଧ, ୧।୮ (ସମିସ)

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତରେ କିଡ୍ନୀ ରୋଗ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଗତ ଅପ୍ରେଲ ୨୫ ତାରିଖରେ କ୍ରୋନିକ କିଡ୍ନୀ ରୋଗ ସମ୍ବନ୍ଧୀୟ ଏକ ସଚେତନତା ଶିବିର ଧର୍ମଶାଳା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଚକ୍ରଧରପୁର ପଞ୍ଚାୟତ ଅଧୀନ ଆଦିବାସୀ ଗାଁ ବଲାଙ୍ଗିଆଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ କିଡ୍ନୀ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସ୍ୱାସ୍ଥ୍ୟ ଅଧିକାରୀମାନେ ଗ୍ରାମବାସୀଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ୯୨ ଜଣ ଗ୍ରାମବାସୀଙ୍କ ରକ୍ତ ନମୁନା ଉକ୍ତ ଦିନ ସଂଗ୍ରହ କରିଥିଲେ। ରକ୍ତ ନମୁନା ପରୀକ୍ଷଣରୁ ଯାହା ରିପୋର୍ଟ ଆସିଲା ତାହା ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡ ବ୍ୟଥାର କାରଣ ସାଜିଛି। ମୋଟ ୯୨ ନମୁନାରୁ ୧୮ ଜଣ କିଡ୍ନୀ ରୋଗୀ ଚିହ୍ନଟ ହୋଇଛନ୍ତି। ଯଦି ଗୋଟିଏ ଗାଁର ଅବସ୍ଥା ଏମିତି ତା'ହେଲେ ପାହାଡ଼ ଏବଂ କ୍ରସର ସ୍ଥାପନା ହୋଇଥିବା ଆହୁରି ଅନେକ ଅଞ୍ଚଳର ସ୍ଥିତି କ'ଣ ହେଇଥିବ ତାହା ଉଦ୍‌ବେଗଜନକ।



ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ରସର ଏବଂ ଖଣି ଖାଦାନ ଗଢ଼ି ଉଠିଥିବାରୁ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ସୃଷ୍ଟିହୋଇଛି। ଜଳ ଉତ୍ସଗୁଡ଼ିକ ବ୍ୟାପକ ଭାବେ ପ୍ରଦୂଷିତ ହୋଇଥିବା କାରଣରୁ କିଡ୍ନୀ ରୋଗୀଙ୍କ ସଂଖ୍ୟା ଏହି ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି। ସ୍ଥାନୀୟ ବିଛାଖଣ୍ଡିର ଚନ୍ଦନନଗର ଗ୍ରାମରେ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଆହୁରି ଅନେକ ଲୋକ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ବିଛାଖଣ୍ଡି, କୁସୁନପୁର, ଚକ୍ରଧରପୁର, ନୂଆଗଡ଼, ଉପରଗଡ଼, ବାଲିସାହି, ଅଞ୍ଜିରା, ଅଳସଗଣ୍ଡ, ଢଙ୍କୁଣିଆ, ଲୁଣିବେରୀ, ବାରମାଣ, ନୂଆସାହି ଏବଂ ଏହାର ଆଖପାଖ ଗ୍ରାମମାନଙ୍କରେ ଏହି ରୋଗର ଭୟାବହତା ଦେଖା ଦେଇଛି। ଠିକାଦାର ପଥର ଖାଦାନରୁ ପଥର ଉତ୍ତୋଳନ କରି ମାଲାମାଲ ହେଉଥିବା ବେଳେ ଅଯଥାରେ ନିରୀହ ଲୋକାଙ୍କ ଜୀବନ ଯାଉଛି; ମାତ୍ର ଏଥିପ୍ରତି କାହାର ନିଘା ନାହିଁ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବେଳେ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ପରିବାର ପାଇଁ ସ୍ଥାନୀୟ ରାଜନେତା ଦୁଃଖ ପ୍ରକାଶ କରିବା ଛଡ଼ା ଆଉ କିଛି କରି ପାରୁନାହାଁନ୍ତି। ଯଦି ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏହି ଅଞ୍ଚଳର ପ୍ରତ୍ୟେକ ଗାଁରେ ନମୁନା ସଂଗ୍ରହ କରାଯାଏ; ତେବେ ଶହ ଶହ ସଂଖ୍ୟାରେ କିଡ୍ନୀ ରୋଗୀ ବାହାରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଲିଜ୍ ଓ ବେଆଇନ ଖାଦାନ ଏ ଅଞ୍ଚଳରେ ଚାଲୁଥିବା ସରକାରୀ ଏବଂ ବେସରକାରୀ ପଥର ଖାଦାନମାନଙ୍କରେ ପ୍ରତ୍ୟେହ ବ୍ୟାପକ ବିସ୍ଫୋରକ ବ୍ୟବହାର କରାଯାଉଥିବାରୁ ଏ ଅଞ୍ଚଳର ଜଳ ଉତ୍ସ ଗୁଡ଼ିକ ପ୍ରଦୂଷିତ ହୋଇ ଯାଇଥିବା କୁହାଯାଉଛି। ଉକ୍ତ ଜଳ ଉତ୍ସରୁ ପାନୀୟ ଜଳ ବ୍ୟବହାର କରୁଥିବା ଲୋକମାନେ କିଡ୍ନୀ ରୋଗରେ ଆକ୍ରାନ୍ତ ହେଉଥିବା ଦେଖା ଯାଉଛି। ଶେଷ ଅବସ୍ଥାରେ ଆକ୍ରାନ୍ତ ରୋଗୀଟି ମେଡିକାଲକୁ ଚିକିତ୍ସା ପାଇଁ ଗଲା ବେଳକୁ କିଡ୍ନୀ ଫେଲ୍ ବୋଲି ପରୀକ୍ଷା ରିପୋର୍ଟ ଆସୁଛି। ଏହି ରୋଗ କିପରି ଆଗକୁ ଆଉ ନିରୀହ ଜୀବନ ହାନି ନ କରିବ ସେଥିପାଇଁ ସରକାରଙ୍କ ତରଫରୁ ଠୋସ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି।

## ଯୁବତୀଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

ସୁକିନ୍ଦା, ୧।୮ (ସମିସ): ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ରାଜନଗର ଅଞ୍ଚଳର ଜଣେ ଯୁବକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଭଗବାନପୁର ଅଞ୍ଚଳର ରଜନୀକାନ୍ତ ବେହେରାଙ୍କ ପୁଅ ରଶ୍ମି ରଞ୍ଜନ ବେହେରା (୨୬) ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ଅଞ୍ଚଳର ଜଣେ ଯୁବତୀଙ୍କ ଆପତ୍ତିଜନକ ଫଟୋ, ଭିଡ଼ିଓ ଭାଇରାଲ କରିଥିବା ନେଇ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ୧୦୪/୨୦୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ସମ୍ପୃକ୍ତ ଯୁବକ ରଶ୍ମିରଞ୍ଜନଙ୍କୁ ଗିରଫ କରି ଶୁକ୍ରବାର ଦିନ କୋର୍ଟଚାଲାଣ କରିଥିବା ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।



### ■ ଆବାସ ଯୋଜନାରୁ ବଞ୍ଚିତ ଖଗେଶ୍ୱର

## ପାଲ ତଳେ ୪ ପ୍ରାଣୀ କୁଟୁମ୍ବ

କୟାଁଗୋଲା, ୧।୮ (ସମିସ): ଓଳିଏ ଖାଇଲେ ଦି ଓଳି ଉପାସ। ନା ଅଛି ପିନ୍ଧିବାକୁ ଭଲ କପଡ଼ା; ନା ଖରା, ବର୍ଷା, ଶୀତରୁ ମୁଣ୍ଡ ଗୁଞ୍ଜିବାକୁ ଅଛି ଖଣ୍ଡେ ଭଲ ଘର। ପାଲ ପକାଇ ରହିବାକୁ ପଡ଼େ ଭଙ୍ଗା ଘରେ। ଲଗାଣ ବର୍ଷା ହେଲେ ରାତି ଉଜାଗରରେ କାଟି ଦିଅନ୍ତ ୪ ପ୍ରାଣୀ କୁଟୁମ୍ବ। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଅଧୀନ ଧରମପୁର ଗ୍ରାମରେ। ଗ୍ରାମର ହୃଷୀକେଶ ମଲ୍ଲିକଙ୍କ ପୁଅ ଖଗେଶ୍ୱର ମଲ୍ଲିକ, ବୟସ ପ୍ରାୟ ୪୨ବର୍ଷ ହେବ। ଏହି ବୟସରେ ସେ ଆଜି ଭାଙ୍ଗି ପଡ଼ିଛନ୍ତି। ପରିବାର କହିଲେ ଖଗେଶ୍ୱର, ତାଙ୍କ ପତ୍ନୀ କବିତା ଓ ତାଙ୍କର ୨ପିଲା। ହେଲେ ବଞ୍ଚିବା ପାଇଁ ଲୋଡ଼ା ସାମାନ୍ୟ ମୌଳିକ ଆବଶ୍ୟକତାରୁ ବଞ୍ଚିତ ଏହି ପରିବାର। ଖଗେଶ୍ୱର ଗାଁରେ ପର ଲୋକଙ୍କ କାମ କରିଲେ (ଦିନ ମଜୁରିଆ) ସେଥିରେ ପରିବାର ଚଳେ। ଆବାସ ପାଇଁ ଖଗେଶ୍ୱର ଅନେକ ଥର ପୂର୍ବ ସରପଞ୍ଚ, ଲୋକ ପ୍ରତିନିଧିଙ୍କୁ ଭେଟି ଭେଟି ଥକି ପଡ଼ିଛନ୍ତି। ଦୀର୍ଘ ଦିନ ଧରି ପଞ୍ଚାୟତରେ ପ୍ରକାଶ ପାଉଥିବା ହିତାଧିକାରୀ ତାଲିକାରେ ପତ୍ନୀ କବିତା ମଲ୍ଲିକଙ୍କ ନାମ ବାରମ୍ବାର ପ୍ରକାଶ ପାଉଥିଲେ ମଧ୍ୟ ତାଙ୍କୁ ଅଣ ଦେଖା କରାଯାଇ ତାଙ୍କ ପଛରେ ଥିବା ହିତାଧିକାରୀଙ୍କୁ ଗୃହ ଯୋଗାଇ ଦିଆଯାଉଛି। ଖଗେଶ୍ୱରଙ୍କୁ ସରକାରଙ୍କ ଠାରୁ ରାସନକାର୍ଡ ଖଣ୍ଡେ ମିଳିଛି। ସେହିଥିରେ ମିଳୁଥିବା ଚାଉଳ ଗଣ୍ଡାରେ ପିଲାଙ୍କୁ ପେଟରେ କଷ୍ଟେମଷ୍ଟେ ଦାନା ଗଣ୍ଡା ଯୋଗାଇ ପାରୁଛନ୍ତି। ଅଭାବ ଭିତରେ ପିଲାଙ୍କ ପାଠପଢ଼ା ଅବହେଳିତ ହୋଇପଡ଼ିଛି। ସକାଳ ହେଲେ ପେଟ ଚିନ୍ତାରେ ଗାଁରେ ମୂଲମଜୁରୀ ଲାଗିଥାନ୍ତି। ଆଜି ଯାଏ ସରକାରୀ କର୍ମଚାରୀ ପ୍ରଶାସନ ନଜର ପଡ଼ିନାହିଁ ଏହି ପରିବାର ଉପରେ। ବୈତରଣୀ ନଦୀ କୂଳିଆ ଘର ଥିବାରୁ କୁମ୍ଭୀର ଭୟ ମଧ୍ୟ ସବୁବେଳେ। ବର୍ଷରେ ୩କି ୪ଥର ବନ୍ୟା ଆସେ। ଘର ଢ଼ିହ ବୁଡ଼ିଯାଏ। ଘର ଭିତରେ ପାଣି ଲହରୀ ମାରେ। ଏଭଳି ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି ଖଗେଶ୍ୱରଙ୍କ ପରିବାର। ତେବେ ଖଗେଶ୍ୱରଙ୍କୁ ଘର ଖଣ୍ଡେ ପାଇଁ ଗ୍ରାମବାସୀ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।



## ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାରର ପ୍ରତିଷ୍ଠା ଦିବସ

ଯାଜପୁର, ୧।୮ (ସମିସ): ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ଉଚ୍ଚ ବିଦ୍ୟାଳୟ ପରିସର ସ୍ଥିତ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାରର ୨୪ତମ ପ୍ରତିଷ୍ଠା ଦିବସ ପାଠାଗରର ସମ୍ମିଳନୀ କକ୍ଷରେ ମହାସମାରୋହରେ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ନୃସିଂହ ଚରଣ ମହାପାତ୍ର ପାଠାଗାର ଓ ପଠନ କକ୍ଷର ସ୍ଥାପନ ଓ କ୍ରମ ବିକାଶ ସମ୍ପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଗଦାଧର ରାଉତ, ନୃସିଂହ ଚରଣ ଜେନା, ରବି ଶତପଥୀ, କୃଷ୍ଣ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀପ୍ରିୟା ରାଉତରାୟ, ଦେବାଶିଷ ମହାନ୍ତି ପ୍ରମୁଖ ପାଠାଗାର ବିଷୟରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ଦାସ, ଧନଞ୍ଜୟକେଶରୀ ରାଉତରାୟ, ଭରତ ଚନ୍ଦ୍ର ସାହୁ, ରଜତ କୁମାର ମହାନ୍ତି, ନିରୁପମା ମହାନ୍ତି, ନୃସିଂହ ଚରଣ ଜେନା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅପରାହ୍ନରେ ବିଦ୍ୟାଳୟର ପ୍ରତିଷ୍ଠାତା ଦେବାନ ବାହାଦୁର ହରିବଲ୍ଲଭ ଦାସଙ୍କ ଶ୍ରାଦ୍ଧ ବାର୍ଷିକ ସଭାରେ ପାଠାଗାରର ସଭାପତି କହ୍ନାଇ ଚରଣ ମହାନ୍ତି, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ତିନିଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ




ମଙ୍ଗଳପୁର, ୧।୮ (ସମିସ): ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ଦ ଥିବା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି (ଆରକେଏସ) ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରିଣୀ ଡ. ଅମ୍ରିତା ପ୍ରୀତମ ମଲ୍ଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀ, ରୋଗୀ କଲ୍ୟାଣ ସମିତି ସଭ୍ୟ ଇଂ. ତିମିରକାନ୍ତ ସେନାପତି, ମଙ୍ଗଳପୁରର ପୂର୍ବତନ ସରପଞ୍ଚ ଶିଶିର ଧଳ, ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ସ୍ୱର୍ଣ୍ଣପ୍ରଭା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମେଡିକାଲରେ ଡାକ୍ତର, ଫର୍ମାସିଷ୍ଟ, ନର୍ସଙ୍କ ଅଭାବ ସହିତ ନୂତନ ଗୃହ ନିର୍ମାଣ କାର୍ଯ୍ୟଶୀଘ୍ର ଶେଷ କରିବାକୁ ମେଡିକାଲ କର୍ତ୍ତୃପକ୍ଷ ଦାବି ରଖିଥିବା ବେଳେ ୨ ବିଧାୟିକା ଏଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଖୁବଶୀଘ୍ର ଏହାର ସ୍ଥାୟୀ ସମାଧାନ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ଦାବି କରିଥିଲେ। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ସ୍ୱାସ୍ଥ୍ୟସେବା ପ୍ରତି ଚରମ ଅବହେଳା କରୁଛି ବୋଲି ବିଧାୟିକା ଶ୍ରୀମତୀ ମଲ୍ଲିକ କହିଥିଲେ।

### କ୍ରୋମନଗର ବିଦ୍ୟାଳୟ ସମସ୍ୟା

## ସ୍କୁଲ ସୁରକ୍ଷା କମିଟିର ଜନସଭା ପାଇଁ ପ୍ରସ୍ତୁତି

ବ୍ୟାସନଗର, ୧।୮ (ସମିସ): କ୍ରୋମନଗର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସୁରକ୍ଷା କମିଟିର ସଭାପତି ପିତବାସ ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବ୍ୟାସନଗର ପୌରପରିଷଦର କାଉନସିଲର ବିଜୟ କୁମାର ଜେନା, କୁନି ହାଁସଦା, କାଉନସିଲରଙ୍କ ପ୍ରତିନିଧି ଅନୁପ କୁମାର ନାୟକ, ସ୍କୁଲ ସୁରକ୍ଷା କମିଟିର ଉପସଭାପତି ଇନ୍ଦ୍ରମଣି ଭୂୟାଁ, ସମ୍ପାଦକ ସଂଗ୍ରାମ କେଶରୀ ପହି, ସହ ସମ୍ପାଦକ ଅନୁପ କୁମାର ରାଉତ ଛାତ୍ର ଅଭିଭାବକ, ପୁରାତନ ଛାତ୍ର ପ୍ରତିନିଧି, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀମାନେ ଉପସ୍ଥିତ ରହିଥିଲେ।



ଗତ ଜୁନ୍ ୩୦ ତାରିଖରେ ଫରୋକ୍ରୋମ କାରଖାନାର ପରିଚାଳିତ ଓଏମ୍‌ସିର ୟୁନିଟ୍ ହେଡ୍ ରଶ୍ମିରଞ୍ଜନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଆଲୋଚନା ମତ ଅନୁସାରେ ଅସାମ୍ବିଧାନିକ ଭାବେ ଗଢ଼ା ହୋଇଥିବା ବିଦ୍ୟାଳୟ କମିଟି ଭାଙ୍ଗିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନଥିବାରୁ ଏହି ବୈଠକରେ ତାହାର ଆଲୋଚନା କରାଯାଇଥିଲା। ଏହା ସହିତ ସେତେବେଳେ ଆଲୋଚନା ହୋଇଥିବା ୫ ଦଫା ଦାବି ସ୍କୁଲ ପରିଚାଳନା କମିଟିକୁ ଭାଙ୍ଗି ନୂତନ କମିଟି ଗଠନ କରିବା, ବିପଦପୂର୍ଣ୍ଣ ସ୍କୁଲ ଗୃହଟିକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବା, ସ୍କୁଲଟିକୁ ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ କରିବା ନିମନ୍ତେ ଓଏମସି ମୁଖ୍ୟ କାର୍ଯ୍ୟାଳୟକୁ ପତ୍ର ଲେଖି ତାର ନକଲ ବିଦ୍ୟାଳୟ ସୁରକ୍ଷା କମିଟିକୁ ଦେବା ଆଦି ୩ଦିନ ବିତିଯାଇଥିଲେ କୌଣସି ଉତ୍ତର ନ ଦେବାକୁ ନେଇ ଏହି ବୈଠକରେ ପୂରାତନ ଛାତ୍ରମାନେ ଉଦ୍‌ବେଗ ପ୍ରକାଶ କରିଥଲେ। ତତ୍‌ସହିତ ଆସନ୍ତା ୧୦ ତାରିଖରେ ଛାତ୍ରଛାତ୍ରୀଙ୍କ ଅଭିଭାବକ, ପୂରାତନ ଛାତ୍ରମାନେ, ବିଭିନ୍ନ ସାମାଜିକ ସଂଗଠନ ଓ ବିଭିନ୍ନ ରାଜନୀତି ଦଳର ଜନ ପ୍ରତିନିଧି ଓ ଅଞ୍ଚଳର ବରିଷ୍ଠ ସାମ୍ବାଦିକମାନଙ୍କୁ ନେଇ ସୁରକ୍ଷା କମିଟି ପକ୍ଷରୁ ଏକ ଜନସଭା ଓ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରାଯିବ ବୋଲି ଶୁକ୍ରବାର ବୈଠକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି ଯାହା ସୁରକ୍ଷା କମିଟିର ସଭାପତି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କବାଟବନ୍ଧ, ୧।୮ (ସମିସ): ଧର୍ମଶାଳା ବ୍ଲକ ମଧୁସୂଦନପୁର ପଞ୍ଚାୟତ ସୋରାଇ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଦ୍‌ଘାଟକ ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର ଯୋଗ ଦେଇଥିଲେ। ସମାଜସେବୀ ଅନୀଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁମିତ୍ରା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ କୁମାର ସାହୁ, ସମ୍ମାନିତ ବକ୍ତା ଭାବେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲର ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମଧୁସୂଦନପୁର ପଞ୍ଚାୟତ ସରପଞ୍ଚ ରଞ୍ଜୁକ୍ତା ସ୍ୱାଇଁ, ବିଶିଷ୍ଟ ସାହିତ୍ୟିକ ରଶ୍ମିତା ବେହେରା, ଆଞ୍ଚଳିକ ସାଧନା କେନ୍ଦ୍ର କୃଷ୍ଣଚନ୍ଦ୍ରପୁର ସଂଯୋଜକ ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବ୍ରଜ କିଶୋର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୁଗଳ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ଗଦାଧର ସ୍ୱାଇଁ, ଜଳଧର ବେହେରା, ଶୁକଦେବ ସାହୁ, ଶରତ ସ୍ୱାଇଁ, ଚୈତନ୍ୟ ସ୍ୱାଇଁ, କୋଦଣ୍ଡଧର ନାୟକ, ସୂର୍ଯ୍ୟମଣୀ ଜେନା, ଜଟାଧାରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ରୀନାରାଣୀ ସାହୁ, ସୌମ୍ୟା ସୁଚରିତା ଜେନା, ରାଜେନ୍ଦ୍ର ମଲ୍ଲିକ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଦୀପ ଧୀର, ସମ୍ପାଦକ ଦୀପକ ପୃଷ୍ଟି ସମେତ ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ/ସଭ୍ୟା ରଞ୍ଜନ ଦାଶ, ମନୋରମା ଦଳାଇ, ଲୋକନାଥ ବାରିକ, ବିଚିତ୍ର ନାୟକ, ବିଜୟ କୁମାର ସାହୁ, ସୁମିତ୍ରା ଦଳାଇ, ପୁଷ୍ପାଞ୍ଜଳି ଦଳାଇ, ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଅପରାହ୍ନ ରେ ଏକ ବିରାଟ ଶୋଭାଯାତ୍ରା ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଦାନଗଦୀ ବ୍ଲକ ନୀଳମଣିଦେଇପୁର ଶାସନ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା।

## ବିଜେଡି ସୋସିଆଲ ମିଡିଆ ବୈଠକ

ବଡ଼ଚଣା, ୧।୮ (ସମିସ): ବଡ଼ଚଣା ବିଜେଡି କାର୍ଯ୍ୟାଳୟରେ ସତ୍ୟବ୍ରତ ସାମଲଙ୍କ ଅଧକ୍ଷତାରେ ସୋସିଆଲ ମିଡିଆର ସଦସ୍ୟମାନଙ୍କୁ ନେଇ ଏକ ପ୍ରସ୍ତୁତି ବେ÷ଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଉପସ୍ଥିତ ରହି ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ମାଙ୍କଡ଼ା, ମୋରମ, ବାଲି ଓ ମାଟି ଚୋରାଚାଲାଣ କରାଯାଉଥିବା ଖବର ତଥା ବିଭିନ ସରକାରୀ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତି ବିରୋଧରେ ଓ ବ୍ଲକ ବିଜେଡି ପକ୍ଷରୁ ପ୍ରତିବାଦ ଖବର ସୋସିଆଲ ମିଡିଆରେ ଜୋରଦାର ପ୍ରଚାର ପ୍ରସାର କରିବା ସହ ବିରୋଧ କରିବା ପାଇଁ ପରାମର୍ଶ ଦେଇଛନ୍ତି। ବଡ଼ଚଣାର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା କର୍ମକର୍ତ୍ତାମାନେ ସୋସିଆଲ ମିଡିଆରେ ଜୋରଦାର ବିରୋଧ କରାଯିବା ନେଇ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ସଞ୍ଜୀବ ସାମଲ, ଅଜିତ ସିଂ ରାଜପୁତ, କମରୁଜ ଖାଁ, ତ୍ରିନାଥ ସାମଲ, ସ୍ମୃତିରଞ୍ଜନ ଜେନା, ସୁଶାନ୍ତ ପରିଡ଼ା, ସେକ ତରିଖଉଦ୍ଦିନ, ଶଶି ଦାସ, ଜୟ ପ୍ରକାଶ ସାମଲ, ସନ୍ତୋଷ କୁମାର ମାହାଲା, ସତ୍ୟ ରଞ୍ଜନ ସିଂ, ଶ୍ରୀକାନ୍ତ ସାମଲ, ଅମ୍ବୁଜ ମୁଦୁଲି, ଅଭିମନ୍ୟୁ ପ୍ରଧାନ, ଜ୍ୟୋତି ରଞ୍ଜନ ସ୍ୱାଇଁ, କାହ୍ନୁଚରଣ ରାଉତ, ପ୍ରଭୁଦତ୍ତ ଜେନା, ଅକ୍ଷୟ କୁମାର ଲେଙ୍କା, ସଞ୍ଜୟ ସିଂ, ମିହିର ରାଉତ, ଚିକୁନ ମହାରଣା, ସମୀର ସାହୁ, ଉପେନ୍ଦ୍ର ମହାନ୍ତି, ସୁଶାନ୍ତ ସାହୁଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିତରକଙ୍କୁ ଆର୍ଥିକ ସହାୟତା ପ୍ରଦାନ

ଧର୍ମଶାଳା, ୧।୮ (ସମିସ): ଧର୍ମଶାଳା ବ୍ଲକ ବଡ଼ମଙ୍ଗଳପୁର ଗ୍ରାମର ଖବର କାଗଜ ବିତରକ ରାମଚନ୍ଦ୍ର ମହାନ୍ତି (ଦାମ) କିଛି ଦିନ ହେଲା ପକ୍ଷଘାତ ରୋଗରେ ଶିକାର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ତାଙ୍କୁ ଭେଟି ତାଙ୍କର ଆଶୁଆରୋଗ୍ୟ କାମନା କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଦାମ ଗତ ୨୪ ତାରିଖ ସକାଳୁ ଖବରକାଗଜ ବାଣ୍ଟୁଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲେ। ଉଚ୍ଚ ରକ୍ତଚାପ ଯୋଗୁଁ ସେ ପକ୍ଷଘାତ ରୋଗର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କିଛି ଦିନ ଚିକିତ୍ସାରେ ରହିବା ପରେ ସେ ଗତକାଲି ଘରକୁ ଫେରିଛନ୍ତି। ଏବେ ତାଙ୍କର ଗୋଟିଏ ଗୋଡ଼ ଅଚଳ ହୋଇପଡ଼ିଥିବା ବେଳେ ସେ କେଉଁ ଆଡେ ଯା'ଆସ କରିପାରୁନାହାନ୍ତି। ଔଷଧ ଖାଇବା ସହିତ ଫିଜିଓଥେରାପି କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ପରିବାରରେ ଛୋଟ ଛୋଟ ଦୁଇଟି ପିଲା ଏବଂ ପତ୍ନୀ ଅଛନ୍ତି। ସେ ପରିବାରର ଏକ ମାତ୍ର ରୋଜଗାରିଆ ହୋଇଥିବାରୁ ଏବେ ପରିବାର ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରାଜେଶ ପାଳ, ସୌମ୍ୟରଞ୍ଜନ ଘଟୁଆରି, ମଦନ ମୋହନ ନାୟକ, ପରମେଶ୍ୱର ପଣ୍ଡା, ଅଶୋକ ସାହୁ, ଅଜୟ ନାୟକ କାଳୀପ୍ରସନ ସାହୁ, ଦେବାଶିଷ ଖୁଣ୍ଟିଆ, ସାମ୍ବାଦିକ ଗୁଲାମ ଗସ, ବିମଳ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ୱେଷଣର ନୂତନ ନାଟକ ନିମନ୍ତେ ବହି ପୂଜା

ଯାଜପୁର, ୧।୮ (ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ଆଗାମୀ ସପ୍ତମ ବାର୍ଷିକ ଉତ୍ସବ ଓ ଲୋକକଳା ମହୋତ୍ସବ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ପରିବେଷଣ ହେବାକୁ ଥିବା ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଅନ୍ୱେଷଣର ବରିଷ୍ଠ ସଦସ୍ୟ ଖଗେଶ୍ୱର ସାହୁଙ୍କର ରଚିତ ନୂତନ ନାଟକ 'ସନ୍ଥ ହାଡ଼ି ଦାସ'ର ବହି ପୂଜା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ପାଖରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ କଳାକାର ଓ କର୍ମକର୍ତ୍ତାମାନେ ମା'ବିରଜାଙ୍କ ମନ୍ଦିର ପରିସରରେ ଏକତ୍ରିତ ହୋଇ ଏହି ନାଟକଟି ଆଗାମୀ ସପ୍ତମ ବାର୍ଷିକ ଉତ୍ସବ ଓ ଲୋକକଳା ମହୋତ୍ସବରେ କିଭଳି ସଫଳ ହେବା ସେଥିପାଇଁ ମା'ଙ୍କ ପାଖରେ ପୂଜା ଅର୍ଚ୍ଚନା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ସୁବାସ ଚନ୍ଦ୍ର ଦେବତା, କୋର କମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ସୂର୍ଯ୍ୟକାନ୍ତ ସେଠୀ, ଅଶୋକ କୁମାର ପାଣିଗ୍ରାହୀ, ସୌଭାଗ୍ୟ ତ୍ରିପାଠୀ, ରବିନାରାୟଣ ରାଉତ, କୋଷାଧ୍ୟକ୍ଷ ଦ୍ୱିଜେନ୍ଦ୍ର ରାଉତ, ସହ ସମ୍ପାଦିକା ଶକୁନ୍ତଳା ବେହେରା, ବରିଷ୍ଠ ସଦସ୍ୟ କିଶୋର କୁମାର ଦାସ, ବିଷ୍ଣୁ ଚରଣ ଲେଙ୍କା, ରଞ୍ଜନ କୁମାର ବେହେରା, ଜିତେନ୍ଦ୍ର କୁମାର ସାହୁ, ସଦସ୍ୟା ଟୁନି ବେହେରା, ସହ ସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ସୂର୍ଯ୍ୟମଣି ବେଦୀ, ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ନନ୍ଦ, ସୋମନାଥ ରଣା ମା'ବିରଜାଙ୍କ ପୂଜକ ଜଗନ୍ନାଥ ପାଣି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

### ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦ

## ସ୍କୁଲରେ ତାଲା ପକାଇଲେ ଛାତ୍ରଛାତ୍ରୀ

ପ୍ରୀତିପୁର/ ବିଞ୍ଝାରପୁର, ୧।୮ (ସମିସ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫଳପୁର ଅଦ୍ୱୈତ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାମଲଙ୍କ ବଦଳିକୁ ବିରୋଧ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିବାଦ କରିଛନ୍ତି। ଯାହାକୁ ନେଇ ଆଜି ସକାଳେ ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ ପାଇଁ ଦାବି କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାଇ ୧୯୮୦ ମସିହାରୁ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଉପରେ ଶିକ୍ଷା ଗ୍ରହଣ ପାଇଁ ଶହ ଶହ ଛାତ୍ରଛାତ୍ରୀ ନିର୍ଭର କରୁଥିବା ବେଳେ ଏବେ ସ୍କୁଲରେ ଶିକ୍ଷକ ସମସ୍ୟ ବେଶ ଉତ୍କଟ ରହିଛି। ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନ ଓ ଗଣିତ ଶିକ୍ଷକ ନଥିବା ବେଳେ ପ୍ରଧାନ ଶିକ୍ଷକ ଏହି ବିଷୟ ପଠନ କରାଇଥାନ୍ତି। ମାତ୍ର ଅଚାନକ ତାଙ୍କର ବଦଳି ଆଦେଶ ଆସିବା ପରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠପ୍ ହୋଇଯାଇଛି। ସରକାର ପ୍ରଥମେ ନୂଆ ଶିକ୍ଷକ ନିଯୁକ୍ତି କରନ୍ତୁ ଓ ତା'ପରେ ଶିକ୍ଷକ ବଦଳି କରନ୍ତୁ ବୋଲି ଛାତ୍ରଛାତ୍ରୀ ଦାବି କରିଥିଲେ। ଅଭିଭାବକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା ସହିତ ପ୍ରଥମେ ଶିକ୍ଷକ ନିଯୁକ୍ତି କରାଯାଉ ବୋଲି ଦାବି କରିଛନ୍ତି। ଘଟଣା ସ୍ଥଳରେ ବିଞ୍ଝାରପୁର ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ, ଅଳକୁଣ୍ଡ ଥାନା ଅଧିକାରୀ ଦେବାଶିଷ ଶତପଥି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମୁଖ୍ୟ ଫାଟକ ଖୋଲି ଶ୍ରେଣୀଗୃହକୁ ଯାଇଥିଲେ। ତେବେ ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ ଓ ନୂତନ ଶିକ୍ଷକ ନିଯୁକ୍ତ କରାନଗଲେ ପୁଣି ଏଭଳି ଆନ୍ଦୋଳନ ପାଇଁ ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ଛାତ୍ରଛାତ୍ରୀ ଧାରଣାରେ ବସିଥିବା ଖବର ପାଇ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ଅଭିଯୋଗ ଗ୍ରହଣ କରିଛି। ଏଥିନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବେ ବୋଲି ସେ ପ୍ରକାଶ କରିଛନ୍ତି।






# ଓଳାଶୁଣୀର ପୂର୍ବ ପଶ୍ଚିମପଟକୁ ଯୋଡ଼ିବ ନୂଆ ରାସ୍ତା

ବାଲିଚନ୍ଦ୍ରପୁର, ୧।୮ (ସମିସ)



ରାଜ୍ୟର ପ୍ରମୁଖ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନକ୍ଷେତ୍ର ଭାବରେ ପରିଚିତ ବଡ଼ଚଣାର ଓଳାଶୁଣୀ ଗୁମ୍ଫାପୀଠ ଏବଂ ଚଣ୍ଡୀଖୋଲ ମହାବିନାୟକ କ୍ଷେତ୍ରର ପାରିପାର୍ଶ୍ୱିକ ବିକାଶ ସହିତ ନୂଆ ସଡ଼କପଥ ନିର୍ମାଣ ପାଇଁ ପ୍ରାରମ୍ଭିକ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗର ଉପଖଣ୍ଡ ଅକ୍ଷୀକ୍ଷଣ ଯନ୍ତ୍ରୀଙ୍କ ସହିତ କ୍ଷେତ୍ର ସର୍ବେକ୍ଷଣ କରି ନୂଆ ସଂଯୋଗ ସଡ଼କ ନିର୍ମାଣ ପାଇଁ ଆଜି ଆଲୋଚନା କରିଥିବା ଜଣାପଡ଼ିଛି। ୫୩ ନମ୍ବର ଚଣ୍ଡୀଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ପାର୍ଶ୍ୱରୁ ଓଳାଶୁଣୀ ପାହାଡ଼ ଉପରେ ପୂର୍ବରୁ ନିର୍ମିତ ପର୍ଯ୍ୟଟନ ଭବନଠାରୁ ଏହି ନୂଆ ଓ ସମ୍ପ୍ରସାରିତ ରାସ୍ତା ଆରମ୍ଭ ହୋଇ ଓଳାଶୁଣୀର ପଶ୍ଚିମପଟରେ ଥିବା ରାସ୍ତା ସହିତ ମିଶିବା ପାଇଁ ଯୋଜନା କରାଯାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଉପଖଣ୍ଡ ଯନ୍ତ୍ରୀ ଇଂ. ଅନିଲ କୁମାର ସେଠୀ କହିଛନ୍ତି ଯେ, ବର୍ତ୍ତମାନ ଥିବା ପିଚୁ ରାସ୍ତାକୁ ସମ୍ପ୍ରସାରିତ କରାଯାଇ ଏବଂ ଆବଶ୍ୟକସ୍ଥଳରେ ବୁଲାଣି ରାସ୍ତାକୁ କାଟି ପୂର୍ବପଟ ରାସ୍ତା ସହିତ ପଶ୍ଚିମ ପଟର ରାସ୍ତାକୁ ମିଶାଇ ୩୦୦ ମିଟର ଲମ୍ବ ଏବଂ ପୁରୁଣା ରାସ୍ତାର ପ୍ରାୟ ଏକ କିମି ଲମ୍ବର ନୂତନ ରାସ୍ତା ନିର୍ମାଣ କରାଯିବ। ପ୍ରସ୍ତାବିତ ନୂଆ ରାସ୍ତା ୪୦ ଫୁଟ ଚଉଡ଼ାର ଦୁଇଲେନ୍ ବିଶିଷ୍ଟ ହେବ। ମଝିରେ ଡିଭାଇଡ଼ର ସହିତ ଉଭୟ ପାର୍ଶ୍ୱରେ ୨ ମିଟର ଲେଖାଏଁ ରାସ୍ତା ମଧ୍ୟ ରହିବ। ପୂର୍ବପଟର ପର୍ଯ୍ୟଟନ ବିଭାଗ ଭବନ ନିକଟରେ ଥିବା ପାର୍କିଂ ଜାଗାର ମଧ୍ୟ ଚଉଡ଼ା କରାଯାଇ ପ୍ରାୟ ୪୦୦ ଫୁଟରେ ୪୦ ଫୁଟ ଚଉଡ଼ା ପାର୍କିଂର ସମ୍ପ୍ରସାରଣ କରାଯିବ। ସେହିଭଳି ପୂର୍ବପଟ ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ସାମ୍ନାରେ ଥିବା ବାଇଶିପାହାଚକୁ ମଧ୍ୟ ଦୁଇଗୁଣା ଚଉଡ଼ା କରାଯିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ। ନୂଆ ସମ୍ପ୍ରସାରିତ ରାସ୍ତାରେ ଥିବା ଜମିର କିସମ ଓ ସାବକଖାତାର ବିବରଣୀ କଟକସ୍ଥିତ ସର୍ଭେ ଓ ସେଟଲମେଣ୍ଟ ବିଭାଗରୁ ମଗାଯାଇଛି ବୋଲି ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ କହିଛନ୍ତି। ଓଳାଶୁଣୀର ସମ୍ପ୍ରସାରିତ ଏହି ନୂଆ ସଡ଼କ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ଆନୁମାନିକ ପ୍ରାୟ ୧୦ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିବା ଯନ୍ତ୍ରୀ ଶ୍ରୀ ସେଠୀ କହିଛନ୍ତି। ତେବେ ନୂଆ ସଡ଼କ ନିର୍ମାଣ ପାଇଁ ଓଳାଶୁଣୀ ପାହାଡ଼ରେ ଥିବା ଜଙ୍ଗଲ ବିଭାଗର କିଛି ଗଛ କାଟିବାକୁ ପଡ଼ିବ।

ସେହିପରି ଚଣ୍ଡୀଖୋଲର ଚଣ୍ଡୀମନ୍ଦିରରୁ ପ୍ରସିଦ୍ଧ ପଞ୍ଚଦେବଙ୍କର ପ୍ରସିଦ୍ଧପୀଠ ମହାବିନାୟକ ମନ୍ଦିର ପର୍ଯ୍ୟନ୍ତ ପାହାଡ଼ ମଧ୍ୟଭାଗରେ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ବିଧାୟକ ଆଜି କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରାକୃତିକ ସୁଷମା ବିମଣ୍ଡିତ ବାରୁଣାବନ୍ତ ପାହାଡ଼ ଭିତରେ ପ୍ରସ୍ତାବିତ ରାସ୍ତାଟି ପ୍ରାୟ ୧୨୦୦ ମିଟର ଲମ୍ବର ଓ ୨୫ ଫୁଟ ଚଉଡ଼ାର ହେବ ବୋଲି ପ୍ରାରମ୍ଭିକ ଆକଳନ କରାଯାଇଛି। ତେବେ ଏହି ଦୁଇଟି

● ମହାପୁରୁଷଙ୍କ ବାଇଶିପାହାଚର ହେବ ସମ୍ପ୍ରସାରଣ
● ଚଣ୍ଡୀମନ୍ଦିର-ମହାବିନାୟକଙ୍କ ପୀଠର ବିକାଶ ପାଇଁ ଯୋଜନା

ପ୍ରସିଦ୍ଧ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ରର ପାରିପାର୍ଶ୍ୱିକ ବିକାଶ ସହିତ ନୂତନ ସଂଯୋଗପଥର ନିର୍ମାଣ ପାଇଁ ସ୍ଥାନୀୟ ତହସିଲ ପକ୍ଷରୁ ମ୍ୟାପିଙ୍ଗ ଏବଂ ଏହାର ଲ୍ୟାଣ୍ଡ ସିଡ୍ୟୁଲ ସହିତ ପ୍ରାରମ୍ଭିକ ଅଟକଳ ପ୍ରସ୍ତୁତ କରାଯିବା ପରେ ବିଭାଗୀୟ ମଞ୍ଜୁରୀ ସହିତ କାର୍ଯ୍ୟାନ୍ୱୟନ ପାଇଁ ଟେଣ୍ଡର କରାଯିବ। ଏବେ ଓଳାଶୁଣୀର ପୂର୍ବଭାଗରେ ୫୩ ନମ୍ବର ଜାତୀୟ ରାଜପଥ ୮ ଲେନ୍ ଭାବେ ସମ୍ପ୍ରସାରିତ ହେଉଥିଲା ବେଳେ ମା' ଓଳାଶୁଣୀଙ୍କ ପୀଠ ଦର୍ଶନ ସହିତ ଦର୍ଶନାର୍ଥୀ ଓ ପର୍ଯ୍ୟଟକମାନେ ଓଳାଶୁଣୀ ପୀଠକୁ ଆସିପାରିବେ। ଆଜିର କ୍ଷେତ୍ର ପରିଦର୍ଶନ କାଳରେ ବିଭାଗୀୟ ଯନ୍ତ୍ରୀ ଶୁଭ୍ରାଂଶୁ ଦାସ, ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକ ତପନ କୁମାର ମିଶ୍ର ଓ ସମାଜସେବୀ ସୁମନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଜପୁର ଜିଲ୍ଲାପାଳଙ୍କ ବରୀ ଗସ୍ତ



**ବରୀ, ୧।୮ (ସମିସ):** ଯାଜପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଅମ୍ବର କୁମାର କର ଆଜି ପ୍ରଥମ ବରୀ ଗସ୍ତରେ ଆସି ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ କରିଛନ୍ତି। ଦୀର୍ଘଦିନ ଧରି ସାଧାରଣରେ ବିଭିନ୍ନ ଅଭିଯୋଗ ହୋଇ ଆସୁଥିବା ବରୀ ତହସିଲ କାର୍ଯ୍ୟାଳୟରେ ପ୍ରଥମେ ପହଞ୍ଚି ସାଧାରଣ ଲୋକଙ୍କ ସମସ୍ୟାକୁ ଶୀଘ୍ର ସମାଧାନ କରିବାକୁ ତହସିଲଦାର ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଏହି ବ୍ଲକ ଅଧୀନସ୍ଥ ରତଳାଙ୍ଗ ପଞ୍ଚାୟତର ଚିଙ୍ଗୁଡ଼ିଆ ନଦୀରେ ଦୀର୍ଘଦିନ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ସେତୁ ପରିଦର୍ଶନ କରିବା ସହ ରତଳାଙ୍ଗ ନୋଡାଲ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ସେହିପରି ବରୀରେ ବନ୍ୟାରେ ପ୍ରଭାବିତ ହୋଇ ଜଳମଗ୍ନ ହୋଇଥିବା ଚାଷ ଜମିଗୁଡିକ ବୁଲି ଦେଖିବା ସହିତ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସମୟରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଅଭିଯୋଗ ହେଉଥିବା ବେଳେ ଜିଲ୍ଲାପାଳ ପହଞ୍ଚି ସେସବୁ ଉପରେ ସମୀକ୍ଷା କରିଥିଲେ। ବିଶେଷ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ପାଳିରେ ରୋଗୀ ଦେଖିବା ଓ ଅଧିକାରୀ ଅଧିକାଂଶ ସମୟରେ ଅନୁପସ୍ଥିତ ରହିବା ସହ ପାନୀୟ ଜଳ, ଶୌଚାଳୟ ଓ ନୂତନ ଗୃହ ଲୋକଙ୍କ ସେବାରେ ଲାଗିବା ଉପରେ ଆଲୋଚନା କରିଥିଲେ। ପରେ ବରୀ ବ୍ଲକରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ୱାଗତ କରାଯାଇଥିଲା। ଜିଲ୍ଲାପାଳଙ୍କ ବରୀ ଗସ୍ତ ସମୟରେ ତହସିଲଦାର ଦିପ୍ତିମାୟୀ ବେହେରା, ବିଡିଓ ଅସିତ କୁମାର ମହାନ୍ତି, ଜଳସମ୍ପଦ ବିଭାଗ ଅଧିକାରୀ ମନୋରଞ୍ଜନ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିଦ୍ୟାଳୟ ତାଲା ଖୋଲିଲା

## ଝୁମ୍ପୁରୀ ପ୍ରାଥମିକ ବିଦ୍ୟାଳୟ ହେଲା ଉଚ୍ଚ ପ୍ରାଥମିକ

**ଦଶରଥପୁର, ୧।୮ (ସମିସ):** ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନରେ ଥିବା ଝୁମ୍ପୁରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ତାଲା ପଡ଼ିଥିବା ବେଳେ ଏବେ ତାହା ଖୋଲିଛି। ଏଥି ସହ ବିଦ୍ୟାଳୟକୁ ପ୍ରାଥମିକରୁ ଉଚ୍ଚ ପ୍ରାଥମିକକୁ ଉନ୍ନୀତ କରାଯାଇଛି। ଏ




ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ନିର୍ଦ୍ଦେଶନାମା ଆସିଛି। ଏହି ନିର୍ଦ୍ଦେଶନାମା ଆସିବା ପରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ଦଶରଥପୁର ବ୍ଲକ ଶିକ୍ଷାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୯୫୮ ମସିହାରେ ଏହି ବିଦ୍ୟାଳୟଟି ପ୍ରତିଷ୍ଠା କରାଯାଇଥିଲା। ଏଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉଥିଲା। ଆଖପାଖ ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ମାତ୍ର ବିଦ୍ୟାଳୟକୁ ସରକାର ନିଜ ଅଧୀନକୁ ନେଇ ନଥିଲେ। ଫଳରେ ପୂର୍ଣ୍ଣ ଅନୁଦାନରେ ପିଲାଙ୍କୁ ପାଠ ପଢ଼ାଉଥିବା ଶିକ୍ଷକମାନେ ଅବସର ନେବା ପରେ ଏଠାରେ ସରକାର ଆଉ ନିଯୁକ୍ତି ଦେଇ ନଥିଲେ। ତେଣୁ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦ ଚନ୍ଦ୍ର କର ଓ ଅନ୍ୟ କେତେକ ଶିକ୍ଷକ ବିନା ଦରମାରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ଏହାସହ ଏହି ସ୍କୁଲରେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ସରକାରଙ୍କୁ ଦାବି ହୋଇଥିଲେ ହେଁ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସରକାରୀ ଶିକ୍ଷକ ନିଯୁକ୍ତ ହୋଇନପାରିବା ଯୋଗୁଁ ସମସ୍ୟା ସୃଷ୍ଟି ହୋଇଥିଲା। ତେଣୁ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ବହୁ ଦାବି ପରେ ଗଣଶିକ୍ଷା ବିଭାଗ ଏହି ବିଦ୍ୟାଳୟର ଗୁରୁତ୍ୱ ଅନୁଭବ କରି ଏହାକୁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପରିଣତ କରିଛନ୍ତି। ଏହାସହ ସରକାରୀ ଶିକ୍ଷକ ନିଯୁକ୍ତି କରିଛନ୍ତି।

### ପିହୁ ନିଖୋଜ ଘଟଣାକୁ ୬ ବର୍ଷ ପୂରିବ

## ଅନଶନ କରିବାକୁ ଚେତାବନୀ

**ଯାଜପୁର, ୧।୮ (ସମିସ):** ବହୁ ଚର୍ଚ୍ଚିତ ଶିଶୁ କନ୍ୟା ପିହୁ ନିଖୋଜ ଘଟଣାକୁ ୬ ବର୍ଷ ପୂରିବ। କିନ୍ତୁ ଆଜି ପର୍ଯ୍ୟନ୍ତ ପିହୁର କୌଣସି ଖୋଜ ଖବର ମିଳିପାରିନାହିଁ। ପୂର୍ବରୁ ବିଜେପି ଏହି ଘଟଣାକୁ ନେଇ ଅନେକ ତୁମ୍ବି ତୋଫାନ କରୁଥିବା ବେଳେ ଏବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ପିହୁକୁ ଖୋଜିବା ପାଇଁ ସମ୍ପୂର୍ଣ୍ଣ ଶୋଇପଡ଼ିଥି? ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଆଗାମୀ ୮ ତାରିଖରେ ପିହୁର ମା' ମୋନାଲିସା ନାୟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଘୋଷଣା କରିଛନ୍ତି। ଶୁକ୍ରବାର ସେ ଜିଲ୍ଲା ପ୍ରଶାସନିକ ଅଧି?କାରୀଙ୍କୁ ଭେଟି



ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସିବିଆଇକୁ ହସ୍ତାନ୍ତର କରିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପିହୁ ନିଖୋଜ ହେବା ଦିନ ଠାରୁ ଜଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ନେତା, ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏପରିକି ବିଧାନସଭା ସମ୍ମୁଖରେ ଧାରଣା ଦେବାକୁ ଯାଉଥିବା ବେଳେ କ୍ରାଇମବ୍ରାଞ୍ଚ ତାଙ୍କୁ ଅଟକାଇ ନିଜ ଆଡୁ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏ ନେଇ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ନିଖୋଜ ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ।

## ଭୁବନେଶ୍ୱରପୁର ପଞ୍ଚାୟତରେ ଦୁର୍ନୀତିର ତଦନ୍ତ ପାଇଁ ଦାବି



**ଯାଜପୁର, ୧।୮ (ସମିସ):** ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତର ଗ୍ରାମବାସୀଙ୍କ ପକ୍ଷରୁ ପଞ୍ଚାୟତରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ପାଇଁ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଭୁବନେଶ୍ୱରପୁର ପଞ୍ଚାୟତର ୨୦୨୧-୨୨ ଆର୍ଥିକ ବର୍ଷରେ କରୋନା ପରିଚାଳନା ନାମରେ ବ୍ୟାପକ ଅର୍ଥ ମିଥ୍ୟା ବିଲ୍ ଜରିଆରେ ଉଠାଣ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ତଥ୍ୟ ଅନୁସାରେ ତତ୍କାଳୀନ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଥ୍ୟା ବିଲ୍ ଦେଖାଇ ବ୍ୟାପକ ଅର୍ଥ ତୋଷାରପାତ କରିଛନ୍ତି ଏବଂ ୧୫ -ସିଏସ୍ପି ଓ ୫-ଏସ୍ଏଫ୍ସି କ୍ୟାସ ବହିରେ ମଧ୍ୟ ସରପଞ୍ଚ ଦସ୍ତଖତ କରିନାହାଁନ୍ତି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି। ପଞ୍ଚାୟତରେ ହୋଇଥିବା ଏହି ବ୍ୟାପକ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଭୁବନେଶ୍ୱରପୁର ପଞ୍ଚାୟତର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନର ବୈଠକ



**ଧର୍ମଶାଳା, ୧।୮ (ସମିସ):** ଧର୍ମଶାଳା ମଣ୍ଡଳ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନର ସାଧାରଣ ପରିଷଦ ବୈଠକ ଜାରକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମାନିକ ପ୍ରସାଦ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସାମଲ, ନୀଳସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃଷଭାନୁ ନାୟକ, ଗୋପାଳଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ ଅତିଥି ଭାବେ ଯୋଗଦେଇ କ୍ରୀଡାର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସୁନୀତି ସେଠୀ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମଣ୍ଡଳସ୍ତରୀୟ ଖେଳକୁଦ ଗୁଡିକୁ ସୁଚାରୁରୂପେ ସମ୍ପାଦନ କରିବାସହ କୃତୀ କ୍ରୀଡ଼ା ପ୍ରତିଭା ଚୟନ ପାଇଁ ଜେନାପୁର- କବାଟବନ୍ଧ, ଦୌଲତପୁର-ଆରୁହା, କାଏମା-କୋଟପୁର ଏବଂ ନେଉଳପୁର-ମୁରାରୀପୁର ଇତ୍ୟାଦି ବିଦ୍ୟାଳୟ ଗୁଡ଼ିକୁ ନେଇ ୪ ଗୋଟି ସବଜୋନ ପୁନର୍ଗଠନ କରାଯାଇଥିଲା ଏବଂ ମଣ୍ଡଳ ସ୍ତରୀୟ କ୍ରୀଡା କମିଟି ମଧ୍ୟ ଗଠନ କରାଯାଇଥିଲା। ମଣ୍ଡଳର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ/ ଶିକ୍ଷୟିତ୍ରୀ ଓ ସାମୟିକ ଶାରୀରିକ ଶିକ୍ଷା ଶିକ୍ଷକ/ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ବେହେରା, ବିରକିଶୋର ଧଳ, ଦିପାରାଣୀ ବିଶ୍ୱାଳ, ବିଶ୍ୱଭୂଷଣ ପାଣି, ଗୀତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ଅମର ମଣ୍ଡଳ, ମନୋଜ ସାମଲ, ନୀଳକଣ୍ଠେଶ୍ୱରୀ ସାହୁ, କମିଳିନୀ ମହାନ୍ତ, ପାର୍ବତୀ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଜାରକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ ରଖିଥିବା ବେଳେ ମଣ୍ଡଳ କ୍ରୀଡା ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶ୍ୟାମସୁନ୍ଦର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୧।୮ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାର (ମଙ୍ଗଳା ବଜାର)ର ପୁରୁଖା ବ୍ୟବସାୟୀ ନାନପୁର ପଟଣା ଗ୍ରାମର ବୈରାଗୀ ଚରଣ ଦାସ (ବାଜ, ୭୩)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଦୀର୍ଘ ବର୍ଷ ଧରି ବାଲିଚନ୍ଦ୍ରପୁର ବଜାରରେ



ଅମ୍ବିକା ଟେଲର ନାମରେ ଏକ ସିଲେଇ ଦୋକାନ କରି ପରିବାର ଚଳାଇ ଆସୁଥିଲେ। ତେବେ ଗତ ୩୦ ତାରିଖରେ ବୈରାଗୀ ନିଜ ଘରେ ଥିବା ବେଳେ ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ଗତ ୩୧ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ବହୁ ବ୍ୟବସାୟୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବାଲିଚନ୍ଦ୍ରପୁରର ମଙ୍ଗଳା ବଜାର

## ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ଧର୍ମଶାଳା, ୧।୮ (ସମିସ):** ଧର୍ମଶାଳା ଥାନା ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ଗ୍ରାମର ଦେବପ୍ରସାଦ ରାୟଙ୍କ ଘରୁ ଦୁର୍ବୃତ୍ତମାନେ ଘର ତାଲାଭାଙ୍ଗି ଲକ୍ଷ୍ୟାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଗତକାଲି ରାତିରେ ଶ୍ରୀ ରାୟ ଓ ତାଙ୍କ ପରିବାର ଲୋକ ଗୋଟିଏ ଘରେ ଶୋଇଥିଲେ। ଅନ୍ୟ ଏକ କୋଠରିରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶିବା ସହିତ ଗଡ଼ରେଜରେ ଥିବା ନଗଦ ୧ଲକ୍ଷ ଟଙ୍କା, ସଂଘରୁ ଅଣାଯାଇଥିବା ୩୨ହଜାର ୫୦୦ଟଙ୍କା, ୮ଗୋଟି ସୁନା ମୁଦି, ୩ଗୋଟି କାନଫୁଲ, ସୁନା ଚେନ ୧ଗୋଟି, ସୁନା ବାଉଟି ୩ଗୋଟି, ସାଂଖୀ ୨ଗୋଟି, ରୁପା ଅଳଙ୍କାର ଓ ବିଭିନ୍ନ ବ୍ୟାଙ୍କର ୫ଗୋଟି ଫିକ୍ସ ଡିପୋଜିଟ ବଣ୍ଡ ଲୁଟି ନେଇଛନ୍ତି। ଯାହାର ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଆଗକୁ ଝିଅ ବାହାଘର ଥିବାରୁ ସମସ୍ତ ଅଳଙ୍କାର ଓ ଟଙ୍କା ଯୋଗାଡ଼ କରିଥିଲେ ବୋଲି ଶ୍ରୀ ରାୟ କହିଛନ୍ତି। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଘଟଣା ସ୍ଥଳରେ ପହଁଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରାଯାଇଛି। ଜାରକା ଅଞ୍ଚଳରେ ଏଭଳି ଭାବେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ଯୋଗୁଁ ପୁଲିସ ପରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବାଲିଚନ୍ଦ୍ରପୁର ବାଣିଜ୍ୟ ମେଳାରୁ ବାଇକ୍ ଚୋରି

**ବାଲିଚନ୍ଦ୍ରପୁର, ୧।୮ (ସମିସ):** ବାଲିଚନ୍ଦ୍ରପୁର ବଜାରର ସରସ୍ୱତୀ ବଜାରରେ ପଡ଼ିଥିବା ବାଣିଜ୍ୟ ମେଳା ବୁଲିବାକୁ ଆସିଥିବା ଜଣେ ଯୁବକଙ୍କର ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଗ୍ରାମର ଅବଦୁଲ ଜାହିଦ (୨୭) ଆଜି ଅପରାହ୍ନ ୫ଟାରେ ନିଜ ବାଇକ୍ ଯୋଗେ ଏହି ବାଣିଜ୍ୟ ମେଳାକୁ ବୁଲିବାକୁ ଆସିଥିଲେ। ତେବେ ମେଳା ବାହାରେ ସେ ତାଙ୍କ ବାଇକ (ଓଡି୦୪କେ-୯୦୭୬)କୁ ରଖି ମେଳା ଭିତରକୁ ବୁଲିବାକୁ ଯାଇଥିଲେ। ତେବେ କିଛି ସମୟ ପରେ କିଛି ଘର କରଣା ଜିନିଷ କ୍ରୟ କରି ଜାହିଦ ବାଇକ୍ ନିକଟକୁ ଆସି ଦେଖନ୍ତି ତ ତାଙ୍କ ବାଇକ୍‌ଟି ସେଠାରେ ନଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ମଧ୍ୟ ସେ ତାଙ୍କ ବାଇକ୍‌ର ସନ୍ଧାନ ପାଇ ନଥିଲେ। ପରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି।

## କାରଖାନାରେ ଜଣେ ଶ୍ରମିକ ମୃତ

**ଦାନଗଦି, ୧।୮ (ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଜିନ୍ଦଲ ଷ୍ଟିଲ କାରଖାନା ପରିସରରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକଙ୍କ ଘର ଝାଡ଼ଖଣ୍ଡ ଅଞ୍ଚଳରେ ଓ ତାଙ୍କ ନାଁ ସନ୍ଦିରୀ କାରେଇ ବୋଲି ଜଣାପଡ଼ିଛି। ସେ କିଛି ଦିନ ହେଲା ଗୋଏଲ ଠିକାଦାର ଅଧୀନରେ ଜିନ୍ଦଲ କାରଖାନାକୁ କାମ କରିବା ପାଇଁ ବିଏଫ୍ ପ୍ରୋଜେକ୍ଟ ସାଇଡକୁ ଆସିଥିଲା। କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ କାରଖାନା ପରିସରରେ ଗତକାଲି ତାଙ୍କର ବାତ ରୋଗ ବାହାରିଲା। ତାକୁ ସଙ୍ଗେ ସଙ୍ଗେ ଟାଟା ମିଡ଼ିକା ହସ୍‌ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଆଜି ସେଠାରେ ଚିକିତ୍ସିତ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁ ଖବର ପାଇବା ପରେ ସମ୍ପୃକ୍ତ ଠିକା ସଂସ୍ଥା ପକ୍ଷରୁ ତାଙ୍କ ଶୁଦ୍ଧିକ୍ରିୟା ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତାଙ୍କ ପରିବାର ଲୋକଙ୍କ ହାତରେ ମୃତଦେହକୁ ତାଙ୍କ ଗାଁକୁ ପଠାଇ ଦିଆଯାଇଛି।

### ତୁଟିଲା ପୌର ପରିଷଦ ବିବାଦ

## ୧୨ ମଧ୍ୟରେ ଟେଣ୍ଡର କରାଇବାକୁ ଲିଖିତ ପ୍ରତିଶ୍ରୁତି

ବ୍ୟାସନଗର, ୧।୮ (ସମିସ)




ତୁଟିଲା ବ୍ୟାସନଗର ପୌର ପରିଷଦର ଟେଣ୍ଡର ବିବାଦ। ୫ ଦିନ ଧରି ଚାଲୁଥିବା ଧାରଣାର ଘଟିଲା ଅନ୍ତ। ଆସନ୍ତା ୧୨ ତାରିଖରେ ମଧ୍ୟ ଟେଣ୍ଡର କରିବାକୁ ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଲେ ୧୯ ଜଣ ପାରିଷଦ।

ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ରିଜୋଲୁସନ ପରେ ମଧ୍ୟ ସହରର ବିକାଶ ପାଇଁ ଟେଣ୍ଡର କରାଇବାରେ ଜାଣିଶୁଣି ବିଳମ୍ବ କରୁଥିବା ପ୍ରତିବାଦରେ ଗତ ଜୁଲାଇ ୨୮ ରୁ ୧୯ ଜଣ ପାରିଷଦ ଧାରଣାରେ ବସିଥିଲେ। ତେବେ ପ୍ରାରମ୍ଭିକ ଭାବେ ଆନ୍ଦୋଳନ ସାଧାରଣ ଭାବେ ଜଣାପଡୁଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମର୍ଥନ ଧୀରେ ବଢ଼ିବା ଆରମ୍ଭ କରିଥିଲା। ତେବେ କ୍ରମାଗତ ଭାବେ ଏହି ଧାରଣାକୁ ଜନସମର୍ଥନ ମିଳୁଥିବା ଦେଖି ପ୍ରଶାସନିକ ଅଧିକାରୀ ପ୍ରାରମ୍ଭରେ ପୌର ନିୟମ ନେଇ ତୋଡ଼ ଦେଖାଉଥିବା ବେଳେ ପରେ ନରମି ଏନେଇ ଏକ ପତ୍ର କରି ଧାରଣା ଭଙ୍ଗ କରିବାକୁ ପାରିଷଦମାନଙ୍କୁ ଅନୁରୋଧ କରିଛନ୍ତି। ତେବେ ପାରିଷଦମାନଙ୍କୁ ପୂର୍ବରୁ ଲଗାଯାଇଥିବା ଗାଡ଼ିକୁ ପୁନର୍ବାର ଲଗାଇବାକୁ ଚାପ ପକାଯାଉଥିବା ନେଇ ଅଭିଯୋଗ ମଧ୍ୟ ହୋଇଥିଲା। ତେବେ ସବୁକୁ ମାନି ନେଇ ପୌର ନିର୍ବାହୀ ଅଧିକାରୀ ଆସନ୍ତା ୧୨ ତାରିଖ ମଧ୍ୟରେ ଗତ ୪ ତାରିଖର ରିଜୋଲୁସନ ଆଧାରରେ ଏକ ନୂଆ ଇଷ୍ଟିମେଟ କରଯାଇ ଟେଣ୍ଡର କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ଆଧାରରେ ସହରର ବିକାଶ ପାଇଁ ଆଗାମୀ ୨ ସପ୍ତାହ ମଧ୍ୟରେ ଟେଣ୍ଡର ହେବା ନେଇ ଆଶା ସଞ୍ଚାର ହୋଇଛି। ତେବେ ଶୁକ୍ରବାର ପୌର କାର୍ଯ୍ୟାଳୟରେ ଧାରଣାରତ ପାରିଷଦମାନଙ୍କ ନିକଟରେ ନିର୍ବାହୀ ଅଧିକାରୀ ପହଞ୍ଚି ଆଲୋଚନା କରିବା ସହିତ ପୌର କାର୍ଯ୍ୟାଳୟ ଚିଠି ସଂଖ୍ୟା ୨୧୯୮/୧-୮-୨୦୨୫ରେ ଗତ ୨୩-୭-୨୦୨୫ ପାରିଷଦଙ୍କ ଦ୍ୱାରା ପ୍ରଦତ୍ତ ଚିଠି ଆଧାରରେ ଟେଣ୍ଡର ହୋଇନଥିବାରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଚିଠିର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର, ଭାରପ୍ରାପ୍ତ ଥାନାଧିକାରୀ ଯାଜପୁର ରୋଡ ଆଦର୍ଶ ଥାନା ଏବଂ ବ୍ୟାସନଗର ପୌରାଧ୍ୟକ୍ଷଙ୍କ ଅବଗତି ନିମନ୍ତେ ପ୍ରେରଣ କରିଛନ୍ତି। ତେବେ ଧାରଣା ପ୍ରତ୍ୟାହୃତ ପରେ ପାରିଷଦ ଏବଂ ସହରବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଏହି ସମୟରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କ ସମେତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ପାରିଷଦ ସିଦ୍ଧାର୍ଥ ସାମଲ, ଦିଲୀପ ସେଠୀ, ସରିତା ଜେନା, କୁନି ହାଁସଦା, ଶିବାନନ୍ଦ ନାୟକ, ଉର୍ମିଳା ପରିଡ଼ା, ମୋନାଲିସା ସାହୁ, ବିଜୟ ଜେନା, ସନ୍ତୋଷ ବରାଳ, ବୁଦୁନି ଦରାଇ, ଅର୍ଣ୍ଣପୂର୍ଣ୍ଣା ତରାଇ, ରଶ୍ମିତା ଖୁଣ୍ଟିଆ, ସୁଜାତା ପ୍ରିୟଦର୍ଶନୀ ପରିଡ଼ା, ଅଶୋକ କୁମାର ଦାସ, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ତପସ୍ୱିନୀ ଶତପଥୀ, ମନୋଜ କୁମାର ପରିଡ଼ା, ମନୋଜ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ।

**୫ ଦିନ ଧରି ଧାରଣାରେ ବସିଥିଲେ ପାରିଷଦ**

## ଡିଏମ୍ଏଫ୍ ଟ୍ରଷ୍ଟ ଗଠନ ସମ୍ପର୍କରେ ଆଲୋଚନା

**ଯାଜପୁର, ୧।୮ (ସମିସ):** ଯାଜପୁର ଜିଲ୍ଲା ଖଣିଜ ଫାଉଣ୍ଡେସନ ଟ୍ରଷ୍ଟ ବୋର୍ଡ ପୁନର୍ଗଠନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଯାଜପୁର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସୁକିନ୍ଦାର ପୂର୍ବତନ ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡାଇ। ଏହି ଟ୍ରଷ୍ଟ ଗଠନ ସମୟରେ ଖଣି ପ୍ରଭାବିତ ଅଞ୍ଚଳର ଲୋକ ପ୍ରତିନିଧିଙ୍କୁ ବାଦ ଦେଇ ଏହି କମିଟି ଗଠନ ହୋଇଥିବା ଅଭିଯୋଗ କରିଥିଲେ। ଏଭଳି ବେଆଇନ ଟ୍ରଷ୍ଟ ଗଠନ ଫଳରେ ଖଣି ପ୍ରଭାବିତ ଅଞ୍ଚଳବାସୀ କ୍ଷତିଗ୍ରସ୍ତ ହେବ ହେବେ ବୋଲି ଶ୍ରୀ ଘଡ଼େଇ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏହି କମିଟିରେ ପ୍ରକୃତ ପ୍ରଭାବିତ ଅଞ୍ଚଳର ଲୋକ ପ୍ରତନିଧି ମାନଙ୍କୁ ସାମିଲ କରି କମିଟି ପୁନଃଗଠନ କରିବାକୁ ଦାବୀ କରାଯାଇଥିଲା। ଏହି ଆଲୋଚନା ସମୟରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି ମାନେ ସାମିଲ ହୋଇଥିଲେ।



ଯଦି ସମସ୍ତେ ଗୋଟିଏ ଲକ୍ଷ୍ୟ ପୂରଣ ପାଇଁ ପାଦରେ ପାଦ ମିଳାଇ ଚାଲିବେ ତେବେ ସଫଳତା ଆପେ ଆପେ ଆସିଯିବ।
-ହେନେରି ଫୋର୍ଡ

ସକାଳ
THE SAKALA

# ଟଳିଲା ସୁନାମି ଆତଙ୍କ

ରୁଷର ପୂର୍ବ ଉପକୂଳ କାମ୍‌ଚାଟ୍‌କା ଉପଦ୍ୱୀପରେ ବୁଧବାର ଅନୁଭୂତ ଶକ୍ତିଶାଳୀ ଭୂମିକମ୍ପ ଏଥିମଧ୍ୟରେ ୭୨ ଘଣ୍ଟା ଅତିକ୍ରମ କରିସାରିଥିବାରୁ ସୁନାମି ଆତଙ୍କ ଅପସରିଯାଇଛି। ଏହି ଭୂମିକମ୍ପର ତୀବ୍ରତା ୮.୮ ହୋଇଥିବାରୁ ପ୍ରଶାନ୍ତ ମହାସାଗର ବେଳାଭୂମି ସଂଲଗ୍ନ ଅଞ୍ଚଳରେ ସୁନାମି ସମ୍ଭାବନା ନେଇ ସତର୍କ କରାଯାଇଥିଲା। ରୁଷ, ଜାପାନ, ଆମେରିକାର ପଶ୍ଚିମ ଉପକୂଳ ଅଞ୍ଚଳ, ଚିଲି, ଇକ୍ୱାଡର, ପେରୁ, ଫିଲିପାଇନ୍ସ, ଗୁଆମ ନ୍ୟୁଜିଲାଣ୍ଡରେ ସମ୍ଭାବ୍ୟ ସୁନାମି ଦୃଷ୍ଟିରୁ ତଟବର୍ତ୍ତୀ ଅଞ୍ଚଳରୁ ଲୋକଙ୍କୁ ନିରାପଦ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏବେ ସ୍ୱାଭାବିକତା ଫେରୁଛି। ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଅର୍ଥାତ୍ ୨୦୦୪ ଓ ୨୦୧୧ରେ ଯଥାକ୍ରମେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ଓ ଜାପାନର ହାନସୁ ଦ୍ୱୀପରେ ୯.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଗଭୀର ସମୁଦ୍ର ହୋଇଥିବାରୁ ପ୍ରଳୟଙ୍କରୀ ସୁନାମି ପ୍ରଭାବରେ ଯଥାକ୍ରମେ ୨.୫ ଲକ୍ଷ ଓ ୧୮,୪୫୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଏକ ମହାପ୍ରଳୟର ଅନୁଭୂତି ଲୋକଙ୍କ ମନରୁ ଲିଭିନାହିଁ। କାମ୍‌ଚାଟ୍‌କା ଉପଦ୍ୱୀପ ନିକଟବର୍ତ୍ତୀ ସମୁଦ୍ରବକ୍ଷର ୧୯.୩ କିଲୋମିଟର ଗଭୀର ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ହୋଇଥିବାରୁ ତାହାର ତୁରନ୍ତ ପ୍ରଭାବ ରୁଷର ପୂର୍ବତଟରେ ଅନୁଭୂତ ହୋଇଥିଲା। ପ୍ରାୟ ୧୩ ଫୁଟ ଉଚ୍ଚର ସୁନାମି ବା ସମୁଦ୍ର ଲହରୀ ଆସି ନିକଟସ୍ଥ ଅଞ୍ଚଳରେ ବନ୍ୟା ବିପର୍ଯ୍ୟୟ ଭଳି ପରିସ୍ଥିତି ସୃଷ୍ଟି କରିଥିଲା। କୁରିଲ ଦ୍ୱୀପପୁଞ୍ଜ ହିଁ ଥିଲା ସୁନାମିର ପ୍ରଥମ ଶିକାର। ପରବର୍ତ୍ତୀ ସମୟରେ ସୁନାମୀର ସୀମିତ ପ୍ରଭାବ ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି।

କାମଚାଟକା ଉପଦ୍ୱୀପ ରୁଷର ଏକ ଜନବହୁଳ ଅଞ୍ଚଳ ନୁହେଁ। ବହୁତ କମ୍ ଜନବସତି ଥିବାରୁ ଏହାର ଆଖପାଖ ଅଞ୍ଚଳରେ ଭୂମିକମ୍ପ ଜନିତ କ୍ଷୟକ୍ଷତି ଅପେକ୍ଷାକୃତ କମ୍। ଉଲ୍ଲେଖଯୋଗ୍ୟ କି ଏହି ଅଞ୍ଚଳରେ କ୍ରମାଗତ ଆଉ ଦୁଇଥର ଭୂମିକମ୍ପ ଅନୁଭୂତ ହୋଇଥିଲା। ତାହାର ତୀବ୍ରତା ଥିଲା ୬.୩। ରୁଷ ସରକାରୀ ମୁଖପାତ୍ରଙ୍କ ବିବରଣୀରେ କିଛି କୋଠାବାଡ଼ି ଭାଙ୍ଗିଥିବା କୁହାଯାଉଥିଲେ ମଧ୍ୟ ମୃତାହତଙ୍କ ସଂଖ୍ୟା ସୀମିତ ମନେ ହେଉଛି। ଜାପାନ ପାଣିପାଗ ବିଜ୍ଞାନ ସଂସ୍ଥା ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରାରମ୍ଭିକ ସୁନାମି ପ୍ରବାହ ସେଭଳି ଆତଙ୍କ ସୃଷ୍ଟିକାରୀ ହୋଇନଥିଲେ ମଧ୍ୟ ପରେ ସମୁଦ୍ରରୁ ଉଚ୍ଚ ଲହରୀ ମାଡ଼ି ଆସିଥିଲା। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଆଲାସ୍କା, ହାଇୱା, ଚିଲି ଓ ସୋଲମାନ ଦ୍ୱୀପପୁଞ୍ଜରେ ସୁନାମିର ପ୍ରଭାବ ଅନୁଭୂତ ହୋଇଥିଲା। ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାର ଖବର ମିଳିଛି। ଜାପାନ ସରକାର ଉପକୂଳ ଅଞ୍ଚଳରୁ ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରିଥିଲା। ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସେନ୍‌ଡାଇ ବିମାନଘାଟିକୁ ସାମୟିକ ବନ୍ଦ ରଖାଯାଇଥିଲା। ପୂର୍ବ ଅନୁଭୂତିକୁ ଦୃଷ୍ଟିରେ ରଖି ଫୁକୁସିମା ପରମାଣୁ କେନ୍ଦ୍ରକୁ ତୁରନ୍ତ ଖାଲି କରିଦିଆଯାଇଥିଲା। ପରବର୍ତ୍ତୀ ସମୟରେ କାମଚାଟକା ଉପଦ୍ୱୀପରେ ଥିବା କ୍ଲିଚେଭସ୍କୋଏ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହୋଇଥିଲା।

ବିଶେଷଜ୍ଞଙ୍କ ସୂତ୍ରରୁ ପ୍ରକାଶ ଯେ ରୁଷର ସୁଦୂର ପର୍ବାଞ୍ଚଳରେ ଅବସ୍ଥିତ କାମଚାଟକା ପ୍ରଶାନ୍ତ ମହାସାଗରୀୟ ଅଗ୍ନିବଳୟରେ ଅବସ୍ଥିତ। ଭୂତାତ୍ତ୍ୱିକ ଦୃଷ୍ଟିକୋଣରୁ ଅଞ୍ଚଳଟି ଭୂମିକମ୍ପ ଓ ଆଗ୍ନେୟଗିରି ଉଦ୍‌ଗୀରଣ ଦୃଷ୍ଟିରୁ ସମ୍ବେଦନଶୀଳ। ସେସ୍‌ମିକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଅପେକ୍ଷାକୃତ ହାଲୁକା ଉତ୍ତର ଆମେରିକୀୟ, ପ୍ଲେଟ ଭାରି ପ୍ରଶାନ୍ତ ମହାସାଗରୀୟ ପ୍ଲେଟର ଚାପରେ ଥିବାରୁ ଏହି ଅଞ୍ଚଳରେ କ୍ରମାଗତ ଭୂମିକମ୍ପ ଓ ଉଦ୍‌ଗୀରଣ ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେବ। ଗତିଶୀଳ ପ୍ରଶାନ୍ତ ମହାସାଗରୀୟ ପ୍ଲେଟ ପ୍ରଥମରୁ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ପ୍ରକୃତିର ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବିଜ୍ଞାନ ଏପର୍ଯ୍ୟନ୍ତ ସମର୍ଥ ହୋଇନାହିଁ। ପରିବେଶିକ ସଂଘାତ ଓ ଯୁଦ୍ଧ ବିଭୀଷିକାର ଘନଘଟା ମନୋରମ ପ୍ରକୃତିକୁ କ୍ରମାଗତ ଭାବେ ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି। ପ୍ରାକୃତିକ ସଂପଦର ଦୁରୁପଯୋଗ ମାଧ୍ୟମରେ ଶକ୍ତି ଓ ଅହଂକାରର ପ୍ରଦର୍ଶନ ପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ତାହାର ପରାଭବ ମନୁଷ୍ୟ ସମାଜକୁ ଭୋଗିବାକୁ ପଡ଼ିବ। ଏହି ପ୍ରବାହ ଓ ବେଗକୁ ରୋକିବା ଲାଗି ବିଶ୍ୱ ନେତୃବର୍ଗ ଯେ ଅସମର୍ଥ ତାହା ହିଁ ସାଂପ୍ରତିକ ଆନ୍ତର୍ଜାତିକ ପରିସ୍ଥିତିରୁ ସ୍ପଷ୍ଟ।

ଘଟଣାକ୍ରମକୁ ନେଇ ସମଗ୍ର ବିଶ୍ୱ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ କ୍ରେମଲିନ୍ ମୁଖପାତ୍ର ଦମିତ୍ରି ପେସକଭ୍ କହିଛନ୍ତି ଯେ ଏହି ବିପର୍ଯ୍ୟୟରେ କାହାର ମୃତ୍ୟୁ ଘଟିନାହିଁ। ଆମର ମଜଭୁତ ନିର୍ମାଣ ଶୈଳୀ କୋଠାବାଡ଼ିକୁ ଭାଙ୍ଗିବାକୁ ଦେଇନି। ଯଥେଷ୍ଟ ପୂର୍ବରୁ ଲୋକଙ୍କ ନିକଟରେ ପହଞ୍ଚିପାରିଛି ସତର୍କ ସୂଚନା। ସ୍ଥାନାନ୍ତର ପ୍ରକ୍ରିୟାରେ ସରକାରୀ ତତ୍ପରତା ପରିସ୍ଥିତିର ଉଚିତ୍ ମୁକାବିଲା କରିପାରିଛି। ସେଭେରୋ-କୁରିଲ୍ସ ଉତ୍ତରାଞ୍ଚଳରେ ସୁନାମି ୩ରୁ ୫ ମିଟର ଉଚ୍ଚତାରେ ଆସିଥିବାରୁ ସମଗ୍ର ଅଞ୍ଚଳରେ ବନ୍ୟା ପ୍ଲାବନର ଭ୍ରମ ସୃଷ୍ଟି କରିଥିଲା। କୁରିଲ ଦ୍ୱୀପରେ ୬.୦୭ ତୀବ୍ରତାରେ ଭୂକମ୍ପ ଅନୁଭୂତ ହୋଇଥିଲା। କାମଚାଟକା ଓ ଉତ୍ତର ଜାପାନର ମଧ୍ୟବର୍ତ୍ତୀ ସ୍ଥାନରେ ଏହି କ୍ଷତିଗ୍ରସ୍ତ ଦ୍ୱୀପ ଅବସ୍ଥିତ। ଜାର୍ମାନୀର ଭୂ-ବିଜ୍ଞାନ ଗବେଷଣା କେନ୍ଦ୍ରର ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ସୁନାମି ପ୍ରଭାବରେ ବନ୍ଦର ଓ ମାଛଧରା ଜେଟି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା କ୍ଷମତାର ଅହଂକାର ସତକୁ ସତ ମାନିବାକୁ ନାରାଜ। ପ୍ରକୃତି ଓ ପରିବେଶ ନିଜ ନିୟନ୍ତ୍ରଣରେ ରଖିବାର ଅଭୀପ୍ସାର ପରିଣତି ଯେ କେତେ ବିଷମୟ ତାହା ବୁଝିବାକୁ ମଣିଷ ନାରାଜ।

ବିଶ୍ୱର ଦଶଟି ଶକ୍ତିଶାଳୀ ଭୂମିକମ୍ପ ମଧ୍ୟରୁ ସଦ୍ୟତମ ଭୂମିକମ୍ପ ଅନ୍ୟତମ। କ୍ରମାଗତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବିଶ୍ୱବାସୀ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଜାଗ ଓ ସତର୍କ। ଆଶ୍ୱସ୍ତିର ବିଷୟ ଯେ ସୁନାମୀର ସମ୍ଭାବ୍ୟ ବିପଦ ବିଶେଷ କିଛି କ୍ଷତି ନ ଘଟାଇ ଟଳିଯାଇଛି। କିନ୍ତୁ ଏହି ଶତାବ୍ଦୀ ଅନୁରୂପ ଦୁଇଟି ବିପଦର ସମ୍ମୁଖୀନ ହୋଇଛି। ପରିସ୍ଥିତି କିଭଳି ମୁକାବିଲା କରାଯାଇ ପାରିବ ସେ ନେଇ ଠିକିଛି ଓ ଶିଖିଛି। ପ୍ରଶାନ୍ତ ମହାସାଗରୀୟ ତଟବର୍ତ୍ତୀ ଅଞ୍ଚଳରେ ସ୍ୱାଭାବିକତା ଫେରିଆସିବା ସୁଖର କଥା।

# ଆତ୍ମଦାହର ଚେତନା ଓ ଚେତାବନୀ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଇତିହାସରୁ ଆମେ ଭୂରି ଭୂରି ପ୍ରମାଣ ପାଇଛେ ଯେ ଶାସକୀୟ ସ୍ୱେଚ୍ଛାଚାରିତା ଓ ଦମନମୂଳକ କାର୍ଯ୍ୟଧାରା ଯୋଗୁଁ ସର୍ବତ୍ର ସୃଷ୍ଟି ହେଉଥିବା ଭୟ ଓ ଆତଙ୍କ ଜନତାଙ୍କୁ ନିରବ, ନିଷ୍ପ୍ରଭ ଓ ଅବଦମିତ ରହିବାକୁ ବାଧ୍ୟ କରିଥାଏ ସତ, ମାତ୍ର ଏ ନିରବତା ହେଉଛି ସର୍ବଦା ଅଶାନ୍ତ ନିରବତା ଏବଂ ଅଶାନ୍ତ ଆତଙ୍କଗ୍ରସ୍ତ ନିରବତା ହେଉଛି ଏକ ସୁପ୍ତ ଆଗ୍ନେୟଗିରି। ଜନତାଙ୍କ ଆପାତଦୃଷ୍ଟ ଜଡ଼ତା, ଭୟବିଜଡ଼ିତ ନିରବତା ସେମାନଙ୍କ ଭିତରେ ପ୍ରସ୍ତ ପରେ ପ୍ରସ୍ତ ଜ୍ୱଳନ୍ତ ଲାର୍ଭା ସୃଷ୍ଟି କରି ଚାଲିଥାଏ। ହଠାତ୍ ଦିନେ ତାହା ଉଦ୍‌ଗୀରିତ ହୋଇ ଶାସନ ଓ ସମାଜ ବ୍ୟବସ୍ଥାରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କରିଦେଇଥାଏ। ଯେଉଁ ଶାସନବ୍ୟବସ୍ଥା ଜନତାଙ୍କ ନିରବତାକୁ ସେମାନଙ୍କ ଅସହାୟ ଅଥଚ ଶାନ୍ତ ଆତ୍ମସମର୍ପଣ ବୋଲି ଭାବିବାର ଭ୍ରମ କରିଥାଏ, ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତାହା ସେହି ବିସ୍ଫୋରିତ କ୍ରୋଧର ଶିକାର ହୋଇଥାଏ।

ଦେଶ ଓ ଦଶ ନିର୍ବିଶେଷରେ ଏବେ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର, ଉଗ୍ରଜାତୀୟତାବାଦ-ସୃଷ୍ଟ ଅସୂୟା, ବିଦ୍ୱେଷ ଓ ସାଂପ୍ରଦାୟିକ ଘୃଣା ସବୁର ବିଷାକ୍ତ, ସଂକ୍ରାମକ ବାତାବରଣରେ ପ୍ରତ୍ୟେକ ଶାସରୁଦ୍ଧ ଅବସ୍ଥାରେ। ଅର୍ଥନୈତିକ ବୈଷମ୍ୟ, ଅସମାନତା, ପର୍ଯ୍ୟାବରଣୀୟ ଦୁଃସ୍ଥିତି ଏବଂ ଧର୍ମ-ଜାତି-ଭାଷା-ଲିଙ୍ଗ ଆଦିକୁ ନେଇ ବିଭେଦତା, ଅସହିଷ୍ଣୁତାର ବାତାବରଣରେ ସତ୍‌ସ୍ୱଭାବସଂପନ୍ନ ପ୍ରତ୍ୟେକ ମଣିଷ ମାନବ ସଭ୍ୟତାର ଭବିଷ୍ୟତ ସମ୍ପର୍କରେ ସନ୍ଦିଗ୍ଧ। ଏ ପ୍ରକାର ବିଷାକ୍ତ ବାତାବରଣକୁ ଦୀର୍ଘସ୍ଥାୟୀ କରିବାରେ ମୁଖ୍ୟ ଭୂମିକା ନେଉଥିବା ଶାସକବର୍ଗଙ୍କ ମଧ୍ୟରୁ ଅନେକ ଫାସିବାଦ ଓ ନାଜିବାଦର ଭ୍ରଷ୍ଟ ଆଦର୍ଶ, ଭ୍ରଷ୍ଟ ରାଜନୈତିକ ସାଂସ୍କୃତିକ ମୂଲ୍ୟବୋଧର ପୃଷ୍ଠପୋଷକ। ସର୍ବସାଧାରଣଙ୍କୁ ଏମିତି ଶ୍ୱାସରୁଦ୍ଧ, ସନ୍ଦିଗ୍ଧ, ସଂଶୟାଚ୍ଛନ୍ନ କରି ରଖିଲେ ହିଁ ସେମାନଙ୍କ ସ୍ୱାଧୀନ ସ୍ୱର ନିଷ୍ପ୍ରଭ ହୋଇ ପରିଶେଷରେ ସଂପୂର୍ଣ୍ଣ ଅବଦମିତ ହୋଇଯିବ -ଏହା ହେଉଛି ସବୁକାଳେ ଫାସିଷ୍ଟ ସରକାରମାନଙ୍କର ନୀତି ଓ ଆଦର୍ଶ। ଭିନ୍ନମତ, ସ୍ୱାଧୀନ ବିଚାର ଚିନ୍ତନ ଉପରେ ଏହି ଆଦର୍ଶର ପକ୍ଷଧର ଶାସକମାନଙ୍କର ଯାବତୀୟ ଆକ୍ରମଣ, ଶାସକୀୟ ଅଙ୍କୁଶ ସତ୍ତ୍ୱେ ଯଦି ଜଣେ କିଏ କେଉଁଠି ସ୍ୱର ଉତ୍ତୋଳନ କରି, ବିରୋଧିତା ପ୍ରଦର୍ଶନ କରି ସରକାରୀ ନିର୍ମମତାର ଶିକାର ହୋଇ ମୃତ୍ୟୁବରଣ କଲା କିମ୍ବା ଅନନ୍ୟୋପାୟ ହୋଇ ଆତ୍ମବିସର୍ଜନ ବା ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଲା, ତାହା କେତେବେଳେ ଯେ ଅହିଂସ କି ହିଂସାତ୍ମକ ଜନବିଦ୍ରୋହର କାରଣ ନହେବ, ତା'ର ପୂର୍ବାନୁମାନ କେହି କରିପାରିବେ ନାହିଁ। ଗଣସ୍ୱାର୍ଥ ପାଇଁ ହେଉ କିମ୍ବା ନ୍ୟାୟସମ୍ମତ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହେଉ, ଯିଏ 'ଶହୀଦତ୍ୱ' ବରଣ କରିଥାଏ, ସିଏ ଅଚିରେ ନିର୍ଭୟତା ଓ ଗାଣତାନ୍ତ୍ରିକ ସଂଗ୍ରାମର ପ୍ରତୀକ ପାଲଟି ଯାଇଥାଏ କୋଟି କୋଟି ଜନତାଙ୍କ ଆଖିରେ।

ଉତ୍ତର-ଆଫ୍ରିକାର ଛୋଟିଆ ଦେଶ ଟ୍ୟୁନିସିଆର 'ମହମ୍ମଦ ବାଉଆଜିଜି'ଙ୍କ ଉଦାହରଣ ପ୍ରଥମେ ନେବା। ଛବିଶବର୍ଷର ଗରିବ ଫଳବିକ୍ରେତା ବାଉଆଜିଜି ପ୍ରତିଦିନ ମ୍ୟୁନିସିପାଲ ଅଫିସର ସମ୍ମୁଖ ରାସ୍ତାର ଗୋଟିଏ ପାର୍ଶ୍ୱରେ ପହଞ୍ଚିଯାଉଥା'ନ୍ତି ତାଙ୍କ ଫଳଭରା ଠେଲାଗାଡ଼ି ସହିତ। ୨୦୧୦ ମସିହାର କଥା ଇଏ। ପ୍ରେସିଡେଣ୍ଟ ଜାଇନ୍ ଅଲ୍ ଆବିଡାଇନଙ୍କ ସନ୍ତ୍ରାସରେ ସମଗ୍ର ଟ୍ୟୁନିସିଆ ଆତଙ୍କଗ୍ରସ୍ତ। ବାଉଆଜିଜିଙ୍କ ଠେଲାଗାଡ଼ିଟିକୁ ପ୍ରଥମେ ରାସ୍ତା କଡ଼କୁ ଫୋପାଡ଼ି ଦେଲେ ଆବିଡାଇନଙ୍କ ରକ୍ତମୁଖା ସୁରକ୍ଷା କର୍ମୀ ଓ ପୁଲିସ୍। ତା'ପରେ ଆରମ୍ଭ ହୋଇଗଲା ତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର। କାକୁତିମିନତି ହେଉଥା'ନ୍ତି ବାଉଆଜିଜି। ଅନୁନୟ କରୁଥା'ନ୍ତି ଲୁହ ଛଳଛଳ ଆଖିରେ ନିର୍ଦ୍ଦୟ ପୁଲିସ୍‌କୁ। କିନ୍ତୁ ପୁଲିସ୍ ଲହୁଲୁହାଣ କରି ଚାଲିଥା'ନ୍ତି ତାଙ୍କୁ ସେଇଠି ସର୍ବସାଧାରଣ ରାସ୍ତାରେ, ନିରବଦ୍ରଷ୍ଟାମାନଙ୍କ ଆଖି ଆଗରେ। ଅମାନବିକ ନିର୍ଯାତନା, ଅପମାନକୁ ଆଉ କାହିଁକି ବା ସେ ସହ୍ୟ କରିବେ? ବାଉଆଜିଜି ବାଛିନେଲେ ଭୟାନକ ଆତ୍ମବଳିଦାନର ମାର୍ଗ। ନିଜକୁ ଜାଳିଦେଲେ ସେ ସେଇ ମ୍ୟୁନିସପାଲ୍ ଅଫିସ୍ ସମ୍ମୁଖସ୍ଥ ରାସ୍ତା ଉପରେ। କିନ୍ତୁ ତାଙ୍କର 'ଆତ୍ମଦାହ' ଜଳାଇଦେଲା ଲକ୍ଷଲକ୍ଷ ଟ୍ୟୁନିସିଆ ନାଗରିକଙ୍କ ଭିତରେ ବିଦ୍ରୋହର ବହ୍ନି। ଦିନ କେତୋଟି ଭିତରେ କ୍ଷୁଦ୍ର ଟ୍ୟୁନିସିଆରେ ସବୁଠି ଜଳି ଉଠିଲା ଗଣବିକ୍ଷୋଭର ଦାବାନଳ। ଅତ୍ୟାଚାରୀ ପ୍ରେସିଡେଣ୍ଟ ଆବିଡାଇନ୍ ପଳାୟନ କଲେ ଦେଶ ଛାଡ଼ି ରାତିଅଧରେ। ବାଉଆଜିଜିଙ୍କ ଆତ୍ମଦାହ ସୂତ୍ରପାତ କଲା 'ଆରବ ବିପ୍ଳବ'- ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର ସର୍ବପ୍ରଥମ ସଂଗଠିତ ଗଣଆନ୍ଦୋଳନ। ଏହି ବିପ୍ଳବର ଅଗ୍ନିଶିଖା ଟ୍ୟୁନିସିଆ ସୀମା ଡେଇଁ ବ୍ୟାପିଗଲା ଇଜିପଟ୍, ଲିବିୟା ଓ ୟେମେନ୍ ପର୍ଯ୍ୟନ୍ତ ଏବଂ ଗାଦିଚ୍ୟୁତ ହେଲେ ସେ ସବୁ ଦେଶର ସ୍ୱେଚ୍ଛାଚାରୀ ଶାସକମାନେ।

ଦ୍ୱିତୀୟ ଉଦାହରଣଟି ହେଉଛି ଇରାନ୍‌ର ଛାତ୍ରୀ 'ନେଦାଙ୍କର ଆତ୍ମବଳିଦାନ', ଯାହା ୨୦୦୯ ମସିହାରେ ଇରାନ୍‌ରେ ଆରମ୍ଭ ହୋଇଥିବା 'ସବୁଜ ଆନ୍ଦୋଳନ' (ଗ୍ରୀନ୍ ରିଭୋଲ୍ୟୁସନ୍)ର ବୀଜ ରୋପଣ କରିଥିଲା। ବିବାଦାସ୍ପଦ ରାଷ୍ଟ୍ରପତି ନିର୍ବାଚନର ବିରୋଧ କରି ରାଜରାସ୍ତାରେ ଅହିଂସ ବିକ୍ଷୋଭ କରୁଥିବା ଇରାନୀୟମାନଙ୍କ ମଧ୍ୟରେ ଥିଲେ ନେଦା। ସରକାରୀ ସଶସ୍ତ୍ରବାହିନୀର ଗୁଳିମାଡ଼ରେ ଟଳି ପଡ଼ିଥିଲେ ସେ। ନେଦାଙ୍କ ଶହୀଦତ୍ୱ ପରେ ଇରାନ୍‌ର ସେତେବେଳର ସରକାର ଅବଶ୍ୟ ଗାଦିଚ୍ୟୁତ ହେଲାନି, କିନ୍ତୁ ନିର୍ଭୟ ସ୍ୱରଉତ୍ତୋଳନ ଏବଂ ପ୍ରତିବାଦର ଭାବୋଦ୍ଦୀପକ ପ୍ରତୀକଟିଏ ପାଲଟିଗଲେ ସେ। ନେଦାଙ୍କ ମରଶରୀରର ପଲକହୀନ ଆଖି ଦୁଇଟି ସତେଯେପରି ମୌନତାକୁ ଆଦରି ନେଇଥିବା ଲକ୍ଷଲକ୍ଷ ଇରାନବାସୀଙ୍କୁ କହୁଥିଲା, ଯାହା ଦିନେ କହିଥିଲେ ମହାମାନବ ମହାତ୍ମା ଗାନ୍ଧୀ, 'ତୁମେ ମୋତେ ଶୃଙ୍ଖଳବଦ୍ଧ କରିପାର, ଭୟଙ୍କର ଶାରୀରିକ, ମାନସିକ ଯନ୍ତ୍ରଣା ଦେଇପାର, ମୋତେ ଗୁଳିବିଦ୍ଧ କରିପାର କିମ୍ବା କାରାରୁଦ୍ଧ କରିପାର, କିନ୍ତୁ ମୋର ମନ, ହୃଦୟ ଓ ଚେତନା ରହିବ ଅକ୍ଷତ ଓ ମୁକ୍ତ ତମର ସକଳ ନିର୍ଯାତନା, ସକଳ କୂଟଫିସାଦ ସତ୍ତ୍ୱେ'।

ଶେଷୋକ୍ତ ଉଦାହରଣଟି ହେଉଛି ୧୯୬୯ ମସିହାର ଗୋଟିଏ 'ଆତ୍ମଦାହ'ର କଥା। ଚେକୋସ୍ଲୋଭାକିଆରେ ସୋଭିଏତ୍ ଅନୁପ୍ରବେଶ ବିରୋଧରେ ରାଜଧାନୀ 'ପ୍ରେଗ୍'ରେ ସଂଘଟିତ ଜନବିକ୍ଷୋଭରେ ଯୋଗ ଦେଇଥିବା ଛାତ୍ର 'ଜନ୍ ପାଲାକ୍' ସାମ୍ରାଜ୍ୟବାଦୀ ସୋଭିଏତ୍ ସରକାର ପ୍ରତି ଦେଶବାସୀଙ୍କ ବିଦ୍ରୋହଭାବନାକୁ ତୀବ୍ରତର କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାରେ ଆତ୍ମଦାହର ପଥ ବାଛିନେଲେ। ଜନ୍‌ଙ୍କ ଆତ୍ମୋତ୍ସର୍ଗ ବ୍ୟର୍ଥ ଗଲା ନାହିଁ। ଏହା ସୋଭିଏତ୍ ଶାସନତନ୍ତ୍ର ଓ ସାମ୍ରାଜ୍ୟବାଦ ବିରୋଧରେ ପ୍ରତିବାଦ, ପ୍ରତିରୋଧର ପ୍ରତୀକରେ ପରିଣତ ହେଲା ଏବଂ 'ଭେଲ୍‌ଭେଟ୍ ବିପ୍ଳବ' (ଭେଲ୍‌ଭେଟ୍ ରିଭୋଲ୍ୟୁସନ) ର ପ୍ରେରଣା ହେଲା।

ଏ ଆଲେଖ୍ୟର ଉଦ୍ଦେଶ୍ୟଟି ସ୍ପଷ୍ଟ ଓ ସରଳ ଏବଂ ଏଥିରେ ଓତପ୍ରୋତ ହୋଇ ରହିଛି ଚେତାବନୀଟିଏ- ନୀତି ଓ ଆଦର୍ଶର ଦ୍ୱାହି ଦେଇ ସାଧାରଣ ଜନତାଙ୍କୁ ଅନ୍ଧ, ମୂକ ଓ ବଧିର କରି ରଖିବାକୁ ମସୁଧା କରୁଥିବା ସ୍ୱେଚ୍ଛାଚାରୀ ଶାସନ ଓ ଜଡ଼ ପ୍ରଶାସନ ପାଇଁ। ଚେତାବନୀଟିଏ ବି ଅଛି ଶାସନତନ୍ତ୍ରର ମୂକଦର୍ଶକ ପାଲଟି ଯାଇ ନିଜ ନିଜ ଆରାମ ବଳୟ ଭିତରେ ଜାକିଜୁକି ହୋଇ ରହିବାକୁ ଅପବିତ୍ର ପଣ କରିଥିବା ଭୀରୁ, ଭୟାଳୁମାନଙ୍କ ପାଇଁ। ଛୋଟିଆ ଅଗ୍ନିଝୁଲଟିଏ ଯେପରି ଅଗ୍ନିପ୍ରଳୟ ରଚନା କରିପାରେ, ସେମିତି ଛୋଟ ଛୋଟ ବିଦ୍ରୋହ, ପ୍ରତିବାଦ, ଛୋଟ ଛୋଟ ପ୍ରତିରୋଧ ସର୍ବବ୍ୟାପକ ଗଣଆନ୍ଦୋଳନ ସୃଷ୍ଟି କରିପାରେ। ବର୍ଷ ବର୍ଷ ଧରି କପଟାଚାରୀ ଶାସକଙ୍କ ହୀନ ଚକ୍ରାନ୍ତରେ ଅଚଳ ହୋଇ ପଡ଼ିଥିବା ଗାଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ସଚଳ, କ୍ରିୟାଶୀଳ କରି ଏକ ସକାରାତ୍ମକ, ଲୋକାଭିମୁଖୀ ଶାସନତନ୍ତ୍ରର ପ୍ରତିଷ୍ଠା ପାଇଁ ପଥ ପରିଷ୍କାର କରିଦେଇପାରେ। ଜଣକର 'ଆତ୍ମୋତ୍ସର୍ଗ', 'ଆତ୍ମଦାହ' ମହାବିପ୍ଳବର କାରଣ ହୋଇପାରେ। ନିର୍ବେଦତା, ସ୍ୱାର୍ଥସର୍ବସ୍ୱ ଉଦାସୀନତାକୁ ଆଦରି ନେଇଥିବା ଜନତାଙ୍କୁ ଜାଗ୍ରତ କରିଦେଇପାରେ।

ଧୃତରାଷ୍ଟ୍ରୀୟ-ଚେତନାର ଶାସକବର୍ଗ ନାନା ମିଛ ଆଦର୍ଶର ଭାଟ ପାଲଟିଯାଇଥା'ନ୍ତି ପ୍ରତି ଯୁଗରେ। ମଣିଷ ବି ଅନେକ ସମୟରେ ମରୀଚିକା-ଶାନ୍ତି ଖୋଜିଥାଏ ତା' ଚତୁର୍ଦ୍ଦିଗରେ ଅନ୍ୟାୟ, ଅନାଚାର ଓ ବ୍ୟଭିଚାର ସବୁର ନିରବଦ୍ରଷ୍ଟା ହୋଇ। ଆଜି ବୋଧହୁଏ ସେ ସମୟ ଉପନୀତ ହୋଇସାରିଲାଣି ଯେତେବେଳେ ସେ ନିରବତା, ସ୍ଥାଣୁତାର ଅର୍ଗଳିରୁ ନିଜକୁ ମୁକ୍ତ କରିବା ପାଇଁ ଗାଣତାନ୍ତ୍ରିକ, ସାମ୍ବିଧାନିକ ମାର୍ଗ ଖୋଜିବାକୁ ପ୍ରୟାସ ଆରମ୍ଭ କରିଦେବ। ସେଥିପାଇଁ ଏମିତି କେତେଜଣ, ନିର୍ଭୟ-ନିର୍ଭୟା, ଅଭୟ-ଅଭୟା, ଇତିଶ୍ରୀ-ସୌମ୍ୟାଶ୍ରୀଙ୍କ 'ଶହୀଦତ୍ୱ' ତା'ପାଇଁ ପ୍ରେରଣାର ଉତ୍ସ ହେବ। ଦୁଇଶହ ବର୍ଷ ତଳେ ଇଂଲଣ୍ଡର ଅନ୍ୟତମ ଶ୍ରେଷ୍ଠ ରୋମାଣ୍ଟିକ ବିଦ୍ରୋହୀ କବି ପି.ବି. ସେଲିଙ୍କ କବିତା 'ଦି ମାସ୍କ ଅଫ ଆନାର୍କି'ର ଏଇ ପଂକ୍ତି, 'ରାଇଜ୍ ଲାଇକ୍ ଲାୟନ୍‌ସ ଆଫ୍‌ଟର ସ୍ଲମ୍ବର / ଇନ୍ ଅନ୍‌ଭାନ୍‌କ୍ୱିସେବଲ୍ ନମ୍ବର/ ସେକ୍ ୟୁଓର୍ ଚେନ୍‌ସ .../ ୟୁ ଆର ମେନି/ ଦେ ଆର୍ ଫିଉ'ର ଓଡ଼ିଆ ମର୍ମାନୁବାଦ ଏହି ପରିପ୍ରେକ୍ଷୀରେ ଅବତାରଣା କରିବା ଖୁବ୍ ପ୍ରାସଙ୍ଗିକ ନିଶ୍ଚୟ - 'ଗଭୀର ନିଦ୍ରାରୁ ଉଠିପଡ଼ କେଶରୀସମ / ଚିରଦୁର୍ଦ୍ଦମ ଅପରାଜେୟ ତମେ / ଖୋଲିଦିଅ ହାତ ଓ ପାଦରୁ ଶୃଙ୍ଖଳ/ ସ୍ମରଣ ରଖ - ତମେମାନେ ଅଗଣିତ / ସେମାନଙ୍କ ସଂଖ୍ୟା ଏଇ ଶହେ କି ହଜାର ମାତ୍ର।'

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ରୋଗଣା ଘର

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଲଗାଣ ବର୍ଷାକୁ ଆମେ ସମସ୍ତେ ସାମ୍ନା କରୁଛେ। ବର୍ଷା ଦିନରେ ଅନେକ ରୋଗସବୁ ଦେଖା ଯାଇଥାଏ। ପେଟ, ଆଖି, କାନଠାରୁ ଅସ୍ଥି, ଚର୍ମ ନାକ, ସବୁକ୍ଷେତ୍ରରେ ଅନେକ ପ୍ରକାରର ଅସ୍ୱାଭାବିକତାକୁ ଆମେ ସାମ୍ନା କରୁ। ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ ଯେ ଘରକୁ ମଧ୍ୟ ରୋଗ ହୋଇପାରେ। ଏ କଥାଟି ଆପଣଙ୍କୁ ଟିକିଏ ଅଦ୍ଭୁଆ ଲାଗିପାରେ, କିନ୍ତୁ ଖୋଦ ଏହି ତଥ୍ୟଟି ବିଜ୍ଞାନ ଓ ଗବେଷଣା ତଥ୍ୟଭିତ୍ତିକ। ରୋଗଣା ଘର ସେ ଘରେ ରହୁଥିବା ମଣିଷକୁ ମଧ୍ୟ ରୋଗଗ୍ରସ୍ତ କରିଦେଇପାରେ। ଏଭଳି ଘରେ ରହି ଯେଉଁ ସବୁ ରୋଗ ହୁଏ ତାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ 'ସିକ ବିଲଡିଂ ସିଣ୍ଡ୍ରୋମ' କୁହାଯାଇଥାଏ।

ଶଉଳିଭରା କାନ୍ଥ ଏବଂ ପାଣି ଜକାଉଥିବା ଚଟାଣ ଘରକୁ ଜରାଗ୍ରସ୍ତ କରିଦିଏ। ଘରେ ଥିବା କାଠ ଆସବାବପତ୍ର ପୁରୁଣା ହୋଇ ସେଥିରେ ଫଙ୍ଗସ (ଛତୁ) ଜମିଲେ ଏହା ବିଭିନ୍ନ ରୋଗକୁ ଡାକି ଆଣିଥାଏ। ନିକଟରେ 'ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ' ତରଫରୁ ବିଲଡିଂ କୋଡ୍‌ର ମାନ ନିର୍ଦ୍ଧାରଣ ପାଇଁ ଆୟୋଜିତ ଏକ ଆଲୋଚନାଚକ୍ରର ନିବନ୍ଧ ବିଶ୍ୱବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଉଲ୍ଲେଖ କରିଛି। 'ସିକ ବିଲ୍ଡିଂ ସିନଡ୍ରୋମ'କୁ ଚିକିତ୍ସକମାନେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି ଏବେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମଧ୍ୟ ଏଥିରେ ସହମତି ଯୋଗାଇଛି। ସବୁଠୁ ଚିନ୍ତାର ବିଷୟ ହେଉଛି, ଯଦି ଜରାଗ୍ରସ୍ତ ଘରର ତାଲିକା ପ୍ରସ୍ତୁତ କରାଯାଏ ତା'ହେଲେ ବଡ଼ ସହରର ଅନେକ ପୁରୁଣା ଘରକୁ ନାକଚ କରିବାକୁ ପଡ଼ିବ। ସଂକ୍ରାମକ ଘର ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଏସବୁ ଘରଗୁଡ଼ିକୁ।

ଆସନ୍ତୁ ଜାଣିବା ଘର କିପରି ରୋଗଗ୍ରସ୍ତ ହୁଏ। 'ଲାନସେଟ୍'ର ସୂଚନା ଅନୁଯାୟୀ, କାନ୍ଥରେ ଦୂଷିତ ଜଳ ଜକେଇବା, କଳା ଛତୁ (ଫଙ୍ଗସ) ଚରିଯିବା, ଶିଉଳି ଜମିବା ଫଳରେ ଘର ରୋଗଣା ହୋଇଯାଏ। ସେ ଘରେ ରହୁଥିବା ଲୋକମାନଙ୍କୁ ସଂକ୍ରମିତ ହେଉଥିବା ରୋଗଗୁଡ଼ିକ ହେଲା - ଷ୍ଟେପିବୋଟ୍ରିସ ଚାଟେରମ୍, ଷ୍ଟେପିବ୍ରୋଟିସ ଏଟ୍ରା, (କଳା-ସବୁଜ ଶିଉଳି), ଏସ୍ପରଜିଲ୍ସ ଫ୍ୟୁମିଗେଟ୍‌ପ, ଏସ୍ପରିଜିଲ୍ସ କ୍ଲେଓଟସ ଓ ଏସ୍କୋମିସିଟିୟସ ପେସିଲିୟମ, ଫଙ୍ଗସ କଣନଖା, ଓନିକୋମିକୋସିସ୍ ଓ କର୍ନିଆରେ କିରୋଟୋମିକୋସିସ୍। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିଲେ ଏହା ମଣିଷକୁ ଖୁବ ଶୀଘ୍ର ଆକ୍ରାନ୍ତ କରେ। ରୋଗଣା ଘର ଜଣଙ୍କୁ ମାନସିକ ଭାବରେ ଅସ୍ୱସ୍ତିକର କରିବା ସହ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଯକୃତକୁ ମଧ୍ୟ ଏକପ୍ରକାର ଅସ୍ୱସ୍ତିକର ପରିପାର୍ଶ୍ୱିକ ପ୍ରତିକ୍ରିୟା ଭିତରକୁ ଠେଲି ଦେଇଥାଏ। ମାନସିକ ଭାବେ ଅସ୍ୱସ୍ତିକର ଓ ବିଷାଦମୟ ଚିନ୍ତାସବୁ ଯକୃତର ବିଭିନ୍ନ ଅନ୍ୟ ସମସ୍ୟାକୁ ଡାକି ଆଣିଥାଏ। ଅହେତୁକ ଭାବେ ଭୋକ କମିଯାଏ, ଚିଡ଼ଚିଡ଼ା ସ୍ୱଭାବ ପରିପାକ ବ୍ୟବସ୍ଥାକୁ ଓଲଟପାଲଟ କରିଦିଏ।

ଜରାଗ୍ରସ୍ତ ଘରେ ରହିଲେ ଆଖି, ନାକ ଏବଂ ଗଳାରେ ଜ୍ୱଳନ ଅନୁଭୂତ ହୁଏ। ଶୁଖିଲା କାଶ ହୋଇଥାଏ। ତ୍ୱଚାରେ ଶୁଖିଲାପଣ ଦେଖାଯାଏ ଏବଂ କୁଣ୍ଡେଇ ହୁଏ। ଏକାଗ୍ରତା କମିଯାଏ ଏବଂ କ୍ଲାନ୍ତ ଲାଗେ ସବୁବେଳେ। ଶ୍ୱାସକ୍ରିୟାରେ କଷ୍ଟ ଏବଂ ଶ୍ୱାସନଳୀରେ ଶୋଥ ହୁଏ। ନିୟମାନୁସାରେ ଘରକୁ ପ୍ରତିବର୍ଷ ଟିକେ ମରାମତି କରାଯିବା ସହିତ ନିୟମିତ ରଙ୍ଗ କରାଇବା ଉଚିତ। ଏହାଫଳରେ ଘରେ ଫଙ୍ଗସ ଜମେ ନାହିଁ। ଘରର କାନ୍ଥରେ ୱାଟର ପ୍ରୁଫ ରଙ୍ଗ ଦେଲେ ଖୁବ ଭଲ। ଶିଉଳି ଭରା କାନ୍ଥରେ ଯାଇଥିବା ପାଣି ପାଇପଗୁଡ଼ିକୁ କିଛି ବର୍ଷ ଅନ୍ତରରେ କାଢ଼ି ନୂଆ ପାଇପ ଲଗାଇବା ଉଚିତ। ଫଙ୍ଗସ ପାଣିକୁ ମଧ୍ୟ ଦୂଷିତ କରିପାରେ। ଘରେ ସୂର୍ଯ୍ୟକିରଣ ପଡ଼ିବାକୁ ଦିଅନ୍ତୁ। ଘର ପାଖାପାଖି ବଡ଼ ବଡ଼ ଗଛ ରଖନ୍ତୁ ନାହିଁ।

ସବୁ ପୁରୁଣାକାଳିଆ ଘର ଯେ ରୋଗଣା, ଅଶୁଭ ଓ ସ୍ୱାସ୍ଥ୍ୟ ପାଇଁ ହାନିକାରକ, ସେ କଥା ନୁହେଁ। ମୂଳକଥା ହେଉଛି 'ଘର ବୈକୁଣ୍ଠପୁର' ବୋଲି ମାନ୍ୟତା ଥିବାରୁ ଏହାର ଯତ୍ନ ନେବା ଜରୁରୀ। ବର୍ଷାଦିନେ ପୁରୁଣାକାଳିଆ ଘର ଯତ୍ନ ଅଭାବରୁ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଘର ମଧ୍ୟ ଏକ ମନ୍ଦିର। ଆମ ଦେହ ମନ୍ଦିର ପରି ଏହାର ଯତ୍ନ ନେବା ଅତ୍ୟନ୍ତ ଜରୁରୀ। ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସଦାସର୍ବଦା ନିଜ ଇଷ୍ଟଙ୍କ ନାମ ସ୍ମରଣରେ ପବିତ୍ରମୟ କରନ୍ତୁ। ଘର ଭିତରକୁ ସୂର୍ଯ୍ୟକିରଣ ଓ ମୁକ୍ତ ଭାବେ ପବନ କିପରି ଆତଯାତ ହେବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। ଦେଖିବେ ଆପଣଙ୍କ ରୋଗଣା ଘର କେବଳ ସୁସ୍ଥବାନ ହେବନି, ଆପଣଙ୍କୁ ଓ ଆପଣଙ୍କ ଶରୀରକୁ ସୁସ୍ଥବାନ କରିରଖିବ।

(ଅବସରପ୍ରାପ୍ତ ପ୍ରଫେସର, ଏସ୍‌ସିବି ମେଡିକାଲ କଲେଜ)
କଟକ, ମୋ: ୯୪୩୭୦୫୧୯୫୭

# ତିବ୍ବତରେ ବୌଦ୍ଧଧର୍ମ

ପ୍ରବୀର କୁମାର ପଟ୍ଟନାୟକ



ପୂର୍ବପ୍ରକାଶିତ ଉତ୍ତାରୁ...

ବର୍ତ୍ତମାନ ତିବ୍ବତର ଧାର୍ମିକ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା। ଶାନ୍ତରକ୍ଷିତ ଯେଉଁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲେ ପଦ୍ମସମ୍ଭବ ସେଥିରେ ସମ୍ପୂର୍ଣ୍ଣ ସଫଳ ହେଲେ। ବନ୍ ଧର୍ମର ଯେଉଁମାନେ ବୌଦ୍ଧଧର୍ମକୁ ଘୋର ବିରୋଧ କରୁଥିଲେ ସେମାନେ ବର୍ତ୍ତମାନ ପଦ୍ମସମ୍ଭବଙ୍କ ପାଖରେ ଶରଣ ପଶିଲେ। ସମସ୍ତେ ତାଙ୍କୁ ସର୍ବମାନ୍ୟ ଗୁରୁ ଭାବରେ ସ୍ୱୀକୃତି ଓ ସମର୍ଥନ ଜଣାଇବାକୁ ଯେପରି ବାଧ୍ୟ ହୋଇଗଲେ। ପଦ୍ମସମ୍ଭବ ସତେଯେପରି ଯାଦୁ ଚଳାଇ ସମଗ୍ର ତିବ୍ବତରେ ବୌଦ୍ଧଧର୍ମକୁ ଦୃଢ଼ ଭାବେ ପ୍ରତିଷ୍ଠା କଲେ।

ପ୍ରକୃତରେ ପଦ୍ମସମ୍ଭବ ତିବ୍ବତକୁ ଏକ ଅଲୌକିକ ଧାର୍ମିକ ବ୍ୟବସ୍ଥା ସାଙ୍ଗରେ ନେଇ ଆସିଥିଲେ, ଯାହାର ସେ ଅନୁଗାମୀ ଓ ଆଚାର୍ଯ୍ୟ, ତାହା ହେଲା ବଜ୍ରଯାନ ବୌଦ୍ଧଧର୍ମ। ବୌଦ୍ଧଧର୍ମ ଭାବେ ତିବ୍ବତବାସୀ ଯାହାକୁ ଜାଣିଥିଲେ ଏହି ନୂତନ ଧର୍ମ ସେ ସବୁରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଥିଲା। ଶାନ୍ତରକ୍ଷିତଙ୍କୁ ଯେଉଁ ସ୍ଥାନୀୟ ଶକ୍ତି ବିରୋଧ କରିଥିଲେ ସେମାନେ ମଧ୍ୟ ପଦ୍ମସମ୍ଭବଙ୍କୁ ବିରୋଧ କରିବାର ଅପଚେଷ୍ଟା କରି ବିଫଳ ହେଲେ। ତିବ୍ବତରେ ଯେଉଁଥିପାଇଁ ସେ ସଫଳତା ଲାଭ କଲେ ତାହା ହେଲା ସେ ଜଣେ ସାଧାରଣ ବୌଦ୍ଧ ହେବା ଅପେକ୍ଷା ଜଣେ ଦକ୍ଷ ଓ ଅଭିଜ୍ଞ ତାନ୍ତ୍ରିକ ଥିଲେ। କାରଣ ସେ ଯେଉଁ ବୌଦ୍ଧଧର୍ମର ଅନୁଗାମୀ ତାହା ହେଉଛି ତାନ୍ତ୍ରିକ ବୌଦ୍ଧଧର୍ମ। ପଦ୍ମସମ୍ଭବଙ୍କ ପିତା ସମ୍ବଳ ରାଜା ତଥା ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ସେହି ବୌଦ୍ଧଧର୍ମର ପ୍ରତିଷ୍ଠାତା ଏବଂ ସେ ଥିଲେ ଚକ୍ରସମ୍ବର ସମ୍ପ୍ରଦାୟର ଅନୁଗାମୀ। ପଦ୍ମସମ୍ଭବ ନିଜେ ହେଉଛନ୍ତି ମହାଯାନର ଯୋଗାଚାର-ବିଜ୍ଞାନବାଦ ଦାର୍ଶନିକ ଭାଗର ଅନୁଗାମୀ ତଥା ବଜ୍ରଯାନୀ। ସେ ତିବ୍ବତରେ ରାଜା ଖ୍ରୀ-ସ୍ରନ୍‌ଙ୍କୁ ତାନ୍ତ୍ରିକ ବଜ୍ରକୀଳ ଓ ହୟଗ୍ରୀବ ସାଧନାରେ ଅଭିଷିକ୍ତ କରିଥିଲେ।

## ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବଙ୍କୁ ବିଭିନ୍ନ ମୂର୍ତ୍ତିକଳା ଓ ଚିତ୍ରକଳାରେ ଭୟଙ୍କର ଚେହେରାରେ ଉପସ୍ଥାପିତ କରାଯାଇଛି, କିନ୍ତୁ ଯଥାର୍ଥରେ ସେ ଅତ୍ୟନ୍ତ ଶାନ୍ତ, ସରଳ ଓ ଆକର୍ଷଣୀୟ ଚେହେରାଯୁକ୍ତ ଏବଂ କୂଟନୀତି ପ୍ରବୀଣ ଥିଲେ। ଏହି ନୀତି ପ୍ରୟୋଗ କରି ସେ ତିବ୍ବତୀୟଙ୍କୁ କରାୟତ୍ତ କରିପାରିଥିଲେ। ସେ ବାସ୍ତବପକ୍ଷେ ବନ୍ ଧର୍ମକୁ ତିବ୍ବତରୁ ସମ୍ପୂର୍ଣ୍ଣ ବହିଷ୍କାର କରି ନଥିଲେ। ଚେଷ୍ଟା କରିଥିଲେ କରିପାରି ନଥାନ୍ତେ ମଧ୍ୟ। ସେ ବନ ଧର୍ମର ସପକ୍ଷବାଦୀ ଓ ଅନୁଗାମୀ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରି କବଳିତ କରିପାରିଥିଲେ। ଅତ୍ୟନ୍ତ ଚତୁରତାର ସହ ବନ୍ ଧର୍ମର କେତେକ ଦେବଦେବୀ ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ଆଚାର, ବିଚାର ଓ ନୀତିକାନ୍ତି ଆଦିକୁ ବଜ୍ରଯାନ ମଧ୍ୟରେ ଗ୍ରହଣ କରିନେବା ଫଳରେ ସେମାନେ ନିରବ ହୋଇଗଲେ ଏବଂ ବଜ୍ରଯାନକୁ ଗ୍ରହଣ କରିନେଲେ। ଏପରିକି ସାଧାରଣ ଭାବେ ବୌଦ୍ଧ ଭିକ୍ଷୁମାନେ ଯେପରି ଅବିବାହିତ ରହୁଥିଲେ ସେହି ଧାରା ବଦଳାଇ ତିବ୍ବତୀୟ ଲାମାମାନେ ଯେପରି ଘରସଂସାର କରିପାରିବେ ସେହି ନୀତି ଆପଣେଇ ଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଧାନସଭା ଆଗରେ ଗର୍ଜିଲେ ସିଆର୍‌ପିସିଏମ୍



ଭୁବନେଶ୍ୱର, ୧।୮ (ସମିସ): ଇନ୍‌ସେନଟିଭ୍ ବନ୍ଦ କରି ମାସିକ ୧୦ ହଜାର ଟଙ୍କା ବେତନ ପ୍ରଦାନ, ଭି.ଆର୍.ଏଫ୍ କାମ ବାବଦକୁ ୫ ହଜାର ଟଙ୍କା ପାରିଶ୍ରମିକ ଓ ଅନ୍‌ଲାଇନ୍ କାମ, ଫୋନ୍ ବିଲ୍ ଏବଂ ଟିଏ-ଡିଏ ବାବଦକୁ ୩ ହଜାର ଟଙ୍କା ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ଭଳି ମୋଟ ୮ ଦଫା ଦାବି ନେଇ ମିଶନ୍ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍‌ପି. ସିଏମ୍. ଆସୋସିଏସନ୍ ଆଜି ବିଧାନସଭା ଆଗରେ ଗର୍ଜିଛି। ଭାରତୀୟ ମଜଦୁର ସଂଘ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୋସିଏସନ୍‌ର ହଜାରହଜାର କର୍ମକର୍ତ୍ତା ଏକ ବିଶାଳ ଶୋଭାଯାତ୍ରାରେ ଲୋୟର୍ ପିଏମ୍‌ଜି ନିକଟରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା।

ଆସୋସିଏସନ୍ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ସିଆର୍‌ପି.ସିଏମ୍. କର୍ମଚାରୀମାନେ ଦୀର୍ଘବର୍ଷ ଧରି ସୁଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି। ତୃଣମୂଳସ୍ତରର ମହିଳାମାନଙ୍କୁ ନେଇ ଏସ୍‌ଏଚ୍‌ଜି ଗଠନ କରି ସେମାନେ ଓଡ଼ିଶା ସାରା ଲକ୍ଷପତି ଦିଦି ସୃଷ୍ଟି କରୁଥିବା ବେଳେ ନିଜେ ଆର୍ଥିକ ସମସ୍ୟାରେ ନିଷ୍ପେସିତ। ସେମାନଙ୍କ କଥା କେହି ବୁଝୁନାହାନ୍ତି। ତେଣୁ, ଯଥାଶୀଘ୍ର ସେମାନଙ୍କ ଦାବିଗୁଡ଼ିକ ପୂରଣ କରିବା ପାଇଁ ସେମାନେ ଦାବି କରିଥିଲେ। ଏହି ପ୍ରତିବାଦ ସଭାରେ ଭାରତୀୟ ମଜଦୁର ସଂଘର ଉପଦେଷ୍ଟା ବସନ୍ତ କୁମାର ସାହୁ, ସଭାନେତ୍ରୀ ଲକି ହୋତା, ସାଧାରଣ ସମ୍ପାଦିକା ତୁଳସୀ ହନ୍ତାଳ, ବିଜୟଲକ୍ଷ୍ମୀ ପରିଜାଙ୍କ ସମେତ ବିଭିନ୍ନ ଜିଲ୍ଲାର କର୍ମକର୍ତାମାନେ ଯୋଗ ଦେଇଥିଲେ। ପରେ ସଂଘର ପାଞ୍ଚଜଣିଆ ଏକ ପ୍ରତିନିଧିମଣ୍ଡଳୀ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

# ବିଷ ପିଇ ଜୀବନ ହାରିଲେ ଚାଷୀ

କଣ୍ଟାବାଞ୍ଜି, ୧।୮ (ସମିସ): ମୁଣ୍ଡ ଉପରେ କରଜ ବୋଝ ସାଙ୍ଗକୁ ଚାଷ କାର୍ଯ୍ୟ ଭଲ ନ ହେବାରୁ ଜଣେ ଚାଷୀ ଆଜି ନିଜ ଜମିରେ ବିଷ ପିଇ ଜୀବନ ହାରିଛନ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ମୁରିବାହାଲ ବ୍ଲକ୍ ଡଙ୍ଗରପଡ଼ା ପଞ୍ଚାୟତର ଦଦରା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ଗ୍ରାମର ରାଜ କୁମାର ପାତ୍ର। ସେ ଆଜି ବିଲକୁ ଯାଇଥିବା ବେଳେ ସେଠାରେ ବିଷ ପିଇ ଦେଇଥିଲେ। ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଖୋଜାଖୋଜି କରିବା ପରେ ରାଜକୁମାର ବିଲରେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାରଲୋକେ ସଙ୍ଗେସଙ୍ଗେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାନୁଯାୟୀ, ରାଜ କୁମାର ଧାରକରଜ କରି ଚାଷ କାର୍ଯ୍ୟ କରିଥିଲେ। କିନ୍ତୁ ଏଥର ତାଙ୍କ ଚାଷବାସ ଭଲ ନ ହେବାରୁ ଋଣ ଟଙ୍କା କିପରି ଶୁଝିବେ, ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। ଗତ କିଛି ଦିନ ହେବ ସେ କାହା ସହ ଭଲରେ କଥାବାର୍ତ୍ତା କିମ୍ବା ମିଳାମିଶା କରୁନଥିଲେ। ଭିତରେ ଭିତରେ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରିବା ପରେ ଆଜି ଏପରି ଚରମ ପଦକ୍ଷେପ ନେଇଥିବା ତାଙ୍କ ପରିବାରଲୋକ କହିଛନ୍ତି।

# ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ ମୃତ

ସୁବଳୟା/ବୀରମହାରାଜପୁର, ୧।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ଥାନା ପିତାମହୁଲ ଗ୍ରାମରେ ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ ହୋଇଛି। ମୃତକ ପିତାମହୁଲ ଗ୍ରାମର ଆନନ୍ଦ ନାୟକ(୩୩) ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ବଡଭାଇ ଆନନ୍ଦ ଓ ସାନଭାଇ ଶଙ୍କର ନାଏକଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାନଭାଇ ଶଙ୍କର ବଡଭାଇ ଆନନ୍ଦକୁ ହତ୍ୟା ଟାଙ୍ଗି÷ଆରେ ଆକ୍ରମଣ କରିଥିଲା। ଆନନ୍ଦଙ୍କୁ ପ୍ରଥମେ ବୌଦ୍ଧ ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମୃତକଙ୍କ ସ୍ତ୍ରୀ ଏନେଇ ସୁବଳୟା ଥାନରେ ଅଭିଯୋଗ କରିଥିଲେ। ସୁବଳୟା ପୁଲିସ ଖବରପାଇ ବୌଦ୍ଧ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ତଦନ୍ତ କରିବା ସହ ସାନଭାଇ ଶଙ୍କର ନାଏକଙ୍କୁ ଗିରଫ କରିଛି। ବୌଦ୍ଧ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ ପହଞ୍ଚି ଛାନ୍‌ଭିନ୍ କରୁଛି। କେଉଁ ପରିସ୍ଥିତିରେ ଅଭିଯୁକ୍ତ ଶଙ୍କର ବଡଭାଇକୁ ଟାଙ୍ଗିଆରେ ହାଣିଲା ସେନେଇ ଜଣାପଡ଼ିନଥିବା ପୁଲିସ କହିଛି। ଶନିବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ହାତରେ ତହସିଲ କିରାଣି

ବ୍ୟାସନଗର,୧।୮ (ସମିସ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ ସରକାରୀ ବାବୁ। ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ କାର୍ଯ୍ୟାଳୟରେ



କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ (କିରାଣି) ହେମନ୍ତ କୁମାର ପେରେଇ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ସୂଚନା ମୁତାବକ, କୋରେଇ ଥାନା ବରୁଣ୍ଡେଇ ଅଞ୍ଚଳର ଲକ୍ଷ୍ମୀଧର ସାହୁଙ୍କ ଏକ ଘରୋଇ କାର୍ଯ୍ୟ କରାଇଦେବା ନିମନ୍ତେ ଲାଞ୍ଚ ମାଗିଥିଲେ ବରିଷ୍ଠ କିରାଣି ଶ୍ରୀ ପେରେଇ। ବ୍ୟକ୍ତିଗତ ଜମିର ସୀମା ନିର୍ଦ୍ଧାରଣ ପାଇଁ ଲକ୍ଷ୍ମୀଧର ବାରମ୍ବାର ବ୍ୟାସନଗର ତହସିଲ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି ନୟାନ୍ତ ହୋଇଥିଲେ। ତେବେ ଏହି କାର୍ଯ୍ୟ କରାଇଦେବାକୁ କିରାଣି ଶ୍ରୀ ପେରେଇ ତାଙ୍କୁ ୫ହଜାର ଟଙ୍କା ଲାଞ୍ଚ

**୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଧରାପଡ଼ିଲେ**

ମାଗିଥିଲେ। ଲକ୍ଷ୍ମୀଧର ଅତ୍ୟନ୍ତ ଗରିବ ହୋଇଥିବାରୁ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି ଯେତେ କାକୁତିମିନତି ହୋଇଥିଲେ ବି ସଂପୃକ୍ତ କିରାଣି କିଛି ଶୁଣିନଥିଲେ। ଟଙ୍କା ନଦେଲେ କାମ ହେବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ। ଫଳରେ ନିରାଶ ହୋଇ ଲକ୍ଷ୍ମୀଧର ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ, ଆଜି ବ୍ୟାସନଗର ତହସିଲ ଅଫିସ୍‌ରେ ଲକ୍ଷ୍ମୀଧର ପହଞ୍ଚି ସମ୍ପୃକ୍ତ କିରାଣିଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ କଟକ ଓ ଯାଜପୁର ଭିଜିଲାନ୍ସ ଟିମ୍‌ର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଅଧିକ ତଦନ୍ତ ପାଇଁ ତାଙ୍କୁ ଗିରଫ କରି ନେଇଯାଇଥିବା ସୂଚନା ମିଳିଛି।

# ସାନଭାଇକୁ ବଡ଼ ଭାଇର ହତ୍ୟା

ଜୁନାଗଡ଼, ୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅଧୀନ ମହୀଭର ଗ୍ରାମରେ ଶୁକ୍ରବାର ସାନଭାଇକୁ ବଡ଼ଭାଇ ହତ୍ୟା କରିଛି। ଲିଙ୍ଗରାଜ ନାଏକ ଓ ତାଙ୍କ ବଡଭାଇ ପ୍ରେମାନନ୍ଦ ନାଏକଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ଏତେ ବଢି ଯାଇଥିଲା ଯେ ବଡଭାଇ ପ୍ରେମାନନ୍ଦ ଏକ କୋଦାଳରେ ସାନଭାଇ ମୁଣ୍ଡରେ ଆଘାତ ଦେଇଥିଲା। ଘଟଣାସ୍ଥଳରେ ସାନଭାଇର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଜୁନାଗଡ ପୁଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ସିନ୍ଦୂର' ପରେ...

ଇତିହାସର କଳା ଦିନ ବୋଲି କହିଥିଲେ। କଂଗ୍ରେସ ଅଧକ୍ଷ ଏ ନେଇ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କୁ ଚିଠି ଲେଖି ପ୍ରତିବାଦ ଜଣାଇଛନ୍ତି। ପରେ ପୁଣି ହଟ୍ଟଗୋଳ ହେବାରୁ ଉଭୟ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖା ଯାଇଥିଲା। ସୂଚନା ଅନୁଯାୟୀ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଥିଲେ ଯେ ଆଜି କମାଣ୍ଡୋ ମୁତୟନ କରାଯାଇଛି। କିଏ ସିଆଇଏସ୍‌ଏଫ କହୁଛି ତା ପୁଣି ଆଉ କିଏ କିଛି କହୁଛି। ସେହି ଯବାନମାନେ ସଦସ୍ୟଙ୍କୁ ଅଟକାଇ ଦେଇଥିଲେ। ଅଧିକାରୀଙ୍କୁ ଭେଟିବା ପାଇଁ ଦେଇ ନ ଥିଲେ। ମହିଳା ସଦସ୍ୟଙ୍କୁ ପୁରୁଷ ଯବାନମାନେ ଅଟକାଇ ଥିଲେ। ଯେଉଁ ଭଳି ଭାବରେ ସଦସ୍ୟଙ୍କୁ ଅଟକା ଗଲା ଏବଂ ଗୃହ ମଧ୍ୟକୁ ଯିବାକୁ ଦିଆଯାଇ ନ ଥିଲା ତାହା ଆପତ୍ତିଜନକ। ସବୁ କିଛି କ୍ୟାମେରାରେ କଏଦ ହୋଇଯାଇଛି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ଯେ କିଛି ସଦସ୍ୟ ହଙ୍ଗାମା କରି ଆକ୍ରାମକ ହୋଇ ଯାଇଥିଲେ। କେବଳ ସେମାନଙ୍କୁ ରୋକା ଯାଇଛି। ସଦସ୍ୟମାନେ ସୁରକ୍ଷା ବଢ଼ାଇବାକୁ ଦାବି କରିଥିଲେ। ତେଣୁ ସିଆଇଏସଏଫ ଡକା ଯାଇଥିଲା। ସଦନ ଭିତରେ ସଦସ୍ୟ ବେଳେବେଳେ କ୍ଷମତାସୀନ ପକ୍ଷର ଡେସ୍କ ଉପରେ ଏବଂ ଗୃହର ମଧ୍ୟ ଭାଗରେ ଛିଡ଼ା ହୋଇ ଯାଉଛନ୍ତି। ଏଭଳି ନ କରିବା ପାଇଁ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। କୌଣସି ସାଂସଦଙ୍କୁ କହିବାକୁ ଅଟକା ଯିବନାହିଁ। ସେହିପରି ରାଜ୍ୟସଭା ଉପାଧ୍ୟକ୍ଷଙ୍କୁ ମଲ୍ଲିକାର୍ଜୁନ ଖଡଗେ ଲେଖିଥିବା ଚିଠିରେ କହିଛନ୍ତି ଯେ ଗୃହ ମଧ୍ୟକୁ ସିଆଇଏସଏଫ କର୍ମୀଙ୍କୁ ଡକାଯିବା ଆପତ୍ତିଜନକ। ଏହାକୁ ତୀବ୍ର ନିନ୍ଦା କରୁଛୁ। ଭବିଷ୍ୟତରେ ଏପରି ନ ହେବ ବୋଲି ସେ ଆଶା କରିଛନ୍ତି।

### 'ପୁଷ୍କରା' ଶ୍ରେଷ୍ଠ...

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଚୟନ ପାଇଁ ଜୁରୀ ସଦସ୍ୟ ଆଶୁତୋଷ ଗୋବରୀକର ଓ ପି. ଶେଷାଦ୍ରୀଙ୍କ ନେତୃତ୍ୱରେ ଫିଲ୍ମଗୁଡ଼ିକୁ କିଛି ସପ୍ତାହ ଧରି ତର୍ଜମା କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଏଲ୍ ମୁରୁଗନ୍‌ଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଆଜି ଦିଲ୍ଲୀର ଜାତୀୟ ମିଡିଆ ସେଣ୍ଟରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଶ୍ରେଣୀର ଫିଲ୍ମ ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଯେଉଁଥିରେ ବଲିଉଡ୍ ବାଦ୍‌ଶାହା ଶାହରୁଖ ଖାନ୍ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଛନ୍ତି। "ଯୱାନ" ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି 'ଟ୍ୱେଲ୍‌ଥ ଫେଲ୍' ଫିଲ୍ମକୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ଘୋଷଣା କରାଯାଇଥିବା ବେଳେ ଏହି ଫିଲ୍ମରେ ବିକ୍ରାନ୍ତ ମାସିଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଘୋଷଣା କରାଯାଇଛି। ଏହାସହିତ ସାଉଣ୍ଡ ଡିଜାଇନ୍ ଏବଂ ବ୍ୟାକଗ୍ରାଉଣ୍ଡ ସ୍କୋର୍ କ୍ୟାଟେଗୋରିରେ ରଣବୀର କପୁରଙ୍କ ଅଭିନୀତ 'ଆନିମଲ୍' ଫିଲ୍ମ ପାଇଁ ସନ୍ଦୀପ ରେଡ୍ଡୀ ବାଙ୍ଗା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

### ଲିକ୍ ପଛର...

ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା କିଭଳି ବୋର୍ଡ ଉପସଭାପତିଙ୍କ ଲାପଟପ୍ ପାସ୍‌ୱାର୍ଡ ହାତେଇଲେ? ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପସଭାପତିଙ୍କ ନିକଟରେ ରହିବା ନିୟମ ବହିର୍ଭୂତ ନୁହେଁ କି? ଯଦି ବି ନିୟମସମ୍ମତ ଥିଲା, ତାହାକୁ କିଭଳି ଗୋପନୀୟ ରଖିବାକୁ ସମ୍ପୃକ୍ତ ଅଧିକାରୀ ଅସମର୍ଥ ହେଲେ, ସେନେଇ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି।

କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ କହିବାନୁଯାୟୀ, ଉପରୋକ୍ତ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି। ଆଜି ଗିରଫ ହୋଇଥିବା ପ୍ରଶାନ୍ତ କୁମାର ଖମାରୀ କଳାହାଣ୍ଡି ଭବାନୀପଟାଣା ଭେଜପଦର ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ। ସେ ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କ୍ୟାଡର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର, ପୂର୍ବତନ କ୍ୟାଡର ଶିକ୍ଷକ ସଭାପତି ସନାତନ ବିଷୋୟୀଙ୍କ ସହିତ ମିଶି ଷଡ଼ଯନ୍ତ୍ର ରଚିଥିଲେ। ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ପ୍ରଶାନ୍ତ ନିଜ ହାତରେ ଲେଖି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏପରିକି, ସେ ଇଂରାଜୀ ପ୍ରଶ୍ନର ଓଡ଼ିଆ ଅନୁବାଦ କରିବା ସହ ଏହାର ଉତ୍ତର ବି ଲେଖିଥିଲେ। ଲିକ୍ ପ୍ରଶ୍ନପତ୍ର ପାଇବା ପାଇଁ ସେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ବିଜୟ ମିଶ୍ରଙ୍କୁ ୯ ୯ ହଜାର ଟଙ୍କା ଫୋନ୍ ପେ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ହାତଲେଖାର ନମୁନା ନିଆଯାଇଛି, ଯାହାକୁ ପରୀକ୍ଷା ଏବଂ ମତାମତ ପାଇଁ ହସ୍ତଲେଖା ବ୍ୟୁରୋ ଏବଂ ସାଇବର ଫରେନସିକକୁ ପଠାଯିବ। ଅନ୍ୟ ଅଭିଯୁକ୍ତଙ୍କ ଏହି ମାମଲାରେ ସେମାନଙ୍କର ସମ୍ପୃକ୍ତି ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଉପରୋକ୍ତ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି।

ପ୍ରକାଶଥାଉକି, ଗତ ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବା ପୂର୍ବ ଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଲିକ ହୋଇଥିଲା। ଘଟଣାର ସତ୍ୟାସତ୍ୟ ପରେ ପରଦିନ ହେବାକୁ ଥିବା ପରୀକ୍ଷାକୁ ଗତ ଜୁଲାଇ ୧୯ ତାରିଖ ରାତିରେ ବାତିଲ କରିଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ ସଂକ୍ରାନ୍ତରେ ବୋର୍ଡର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ବୁଲବୁଲ ବେହେରା କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଆଇଜି ବି.ଗଙ୍ଗାଧରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଜାରି ରଖିଛି।

### ଅଗଷ୍ଟ ୩୧ରେ...

ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା ୩୦ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଯେଉଁ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନେ ପଢ଼ିଲେଖି ପାରୁନଥିବେ, ସେମାନେ ପରୀକ୍ଷାର ୪ଦିନ ପୂର୍ବରୁ ସେମାନଙ୍କ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ଅନ୍ୟ ଜଣଙ୍କ ସହାୟତା ନେବା ପାଇଁ ସମସ୍ତ ଅସଲି ଦସ୍ତାବିଜ ସହ ରିପୋର୍ଟ କରିବେ। ସମ୍ପୃକ୍ତ କେନ୍ଦ୍ର ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶ କରି ଧାର୍ଯ୍ୟ ଗାଇଡଲାଇନ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଏହି ପରୀକ୍ଷା ପାଇଁ ଆଡମିଟ କାର୍ଡ ଆସନ୍ତା ଅଗଷ୍ଟ୨୨ତାରିଖରୁ ବୋର୍ଡର ୱେବସାଇଟରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀ ମାନେ ଏହାକୁ ଡାଉନଲୋଡ କରିପାରିବେ।

ପ୍ରକାଶଥାଉକି, ଗତବର୍ଷ ଏହି ପରୀକ୍ଷା ଆରମ୍ଭ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଓ ଉତ୍ତରପତ୍ର ପ୍ରଘଟ ନେଇ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗକୁ ଗତବର୍ଷ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରଥିଲେ। ଏଥର ପ୍ରଥମେ ସ୍ଥିର ହୋଇଥିବା ପରୀକ୍ଷା ତାରିଖ ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିଲା ବେଳେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଜଣେ ବୋର୍ଡ କର୍ମଚାରୀ ୫ଜଣ ଶିକ୍ଷକଙ୍କ ସହ ମୋଟ ୭ଜଣଙ୍କୁ ଗିରଫ କରିଲାଣି।

### ୫ ପ୍ରସ୍ତାବକୁ...

ଦୈନିକ ଅଦାଲତ କାର୍ଯ୍ୟ ନିର୍ବିଘ୍ନରେ ଚାଲିବା ସହ ଲୋକେମାନେ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଆଇନ ବିଭାଗର ଅନ୍ୟ ଏକ ନିଷ୍ପତ୍ତିରେ ଓଡ଼ିଶା ଲ' ଅଫିସର୍ସ ନିୟମାବଳୀ, ୧୯୭୧ରେ ରହିଥିବା ନିୟମାବଳୀରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ରାଜ୍ୟରେ ଥିବା ଛୋଟ ଛୋଟ ନାଳଗୁଡ଼ିକରେ ଥିବା ୩୩୧୩ଟି ନୂତନ ଆଡ଼ିବନ୍ଧ ନିର୍ମାଣ କରି ଅସ୍ଥାୟୀ ବନ୍ଧ ଦ୍ୱାରା ଜଳସେଚିତ ଜମିରେ ଜଳସେଚନ କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହାସହିତ ଅଚଳ ଅବସ୍ଥାରେ ଥିବା ପ୍ରାୟ ୩୫୨୯ ଆଡ଼ିବନ୍ଧଗୁଡ଼ିକର ପୁନଃରୁଦ୍ଧାର କରି ନିରବଚ୍ଛିନ୍ନ ଜଳସେଚନ ବ୍ୟବସ୍ଥା ପାଇଁ ସରକାର ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ଅର୍ଥାତ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଏଥିପାଇଁ ୨୭୩୮ କୋଟି ଟଙ୍କାର ଆନୁମାନିକ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଏହାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ପୂର୍ବରୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାନଙ୍କର ଆର୍ଥିକ ପ୍ରୋତ୍ସାହନ ଆବେଦନ ଗୁଡ଼ିକୁ ଅନୁମୋଦନ ପାଇଁ ତିନୋଟି କମିଟି ରହିଥିଲା । ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ (୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ), ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ (୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ) ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ (୧ କୋଟି ଟଙ୍କାରୁ ଅଧିକ) ଗଠିତ ହୋଇଥିଲା। କ୍ୟାବିନେଟ୍ ବୈଠକରେ ଏହାକୁ ସଂଶୋଧନ କରାଯାଇଛି। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଅଧ୍ୟକ୍ଷତାରେ (୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ), ଶିଳ୍ପ ନିର୍ଦ୍ଦେଶକ ଅଧ୍ୟକ୍ଷତାରେ (୧ କୋଟି ଟଙ୍କାରୁ ଅଧିକ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ (୧୦ କୋଟି ଟଙ୍କାରୁ ଅଧିକ ଏବଂ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ପାଇଁ ବ୍ୟବସ୍ଥା କରାଯାଇଛି। ଏହି ନିଷ୍ପତ୍ତି ବଳରେ ଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶର ଗତି ବୃଦ୍ଧି ପାଇବ ଏବଂ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ରାଜ୍ୟ ସରକାର ଆଶା ରଖିଛନ୍ତି।

### ରାଜ୍ୟରେ ମ୍ୟାଲେରିଆ...

ବୋଲି କୁହାଯାଉଥିଲା। ଏଥିସହ ମଶା ବଂଶ ବୃଦ୍ଧି ରୋକିବାରେ ଦିଗରେ ସରକାରୀ ଭାବେ ବ୍ୟାପକ ଜନସେତନତା ସୃଷ୍ଟି କରାଯାଉଥିଲା। ମାତ୍ର ଗତ ଦୁଇ ବର୍ଷ ଧରି ଏସବୁ ଶିଥିଳ ପଡ଼ିଯାଇଥିବା ଅଭିଯୋଗ ହେଉଛି। ସେହିଭଳି ଲୋକମାନଙ୍କୁ ମଶାରୀ ବଣ୍ଟନ କରାଯିବା ପରେ ସେମାନେ ତାକୁ ବ୍ୟବହାର କରୁଛନ୍ତି ନା ନାହିଁ, ତାର ନୀରିକ୍ଷଣ ଆଶା ଓ ଅଙ୍ଗନବାଡି କର୍ମୀମାନେ କରୁଥିଲେ। ଲୋକମାନେ ଘରେ ପୁରୁଣା ଚିରା ଫଟା ମଶାରୀ ବ୍ୟବହାର କରୁଥିବାବେଳେ ନୂଆ ମଶାରୀକୁ କ୍ଷେତ ଘେରାଇବା, ମାଛ ମାରିବା ଭଳି କାମରେ ବ୍ୟବହାର କରୁଥିଲେ। ତେଣୁ ଏହାକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ରୀୟସ୍ତରରେ କର୍ମଚାରୀମାନଙ୍କୁ କାର୍ଯ୍ୟରେ ଲଗାଯାଇଥିଲା। ହେଲେ ଏସବୁ ଏବେ ବାଟବଣା ହୋଇଥିବା କୁହାଯାଉଛି ।

ଖୋଦ୍ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଓଡ଼ିଶାରେ ମ୍ୟାଲେରିଆ ଭୟାଭୟସ୍ଥିତିକୁ ସ୍ୱୀକାର କରିଛନ୍ତି। ସେ ଆହୁରି କହିଛନ୍ତି, ନିୟନ୍ତ୍ରଣ କରିବାକୁ ସରକାରୀ ଭାବେ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି। ସମଗ୍ର ଦେଶରେ ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ହୋଇଥିବାରୁ ଏଠି 'ଦମନ' ଭଳି କାର୍ଯ୍ୟକ୍ରମ ଜାରି ରହିଛି। ଦକ୍ଷିଣ ଓଡ଼ିଶାର ୭ ଜିଲ୍ଲାରେ ଔଷଧୀୟ ମଶାରୀ ବଣ୍ଟନ ହେଉଛି। ହେଲେ ଲୋକ ନୂଆ ବଦଳରେ ପୁରୁଣା ମଶାରୀ ବ୍ୟବହାର କରୁଛନ୍ତି। ମ୍ୟାଲେରିଆ ପ୍ରବଣ ଛତିଶଗଡ଼ ଓ ଝାଡ଼ଖଣ୍ଡ ଅପେକ୍ଷା ଆମ ରାଜ୍ୟରେ ଅଧିକ ମ୍ୟାଲେରିଆ ରୋଗୀ ଥିବା ପ୍ରସଙ୍ଗରେ ସେ କହିଛନ୍ତି, ସବୁ ରାଜ୍ୟରେ ଭୌଗଳିକସ୍ଥିତି ଭିନ୍ନ। କେଉଁ ରାଜ୍ୟ ସହ ଆମ ରାଜ୍ୟକୁ ତୁଳନା କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି।

### ସଂସଦରେ ଓଡ଼ିଶା...

ଥିଲା ଓ ଉପାଧ୍ୟକ୍ଷ ରାଜ୍ୟସଭାକୁ ମୁଲତବୀ ଘୋଷଣା କରିଥିଲେ। ମହିଳା ଏବଂ ଶିଶୁମାନଙ୍କ ସୁରକ୍ଷା ଏବଂ ସମ୍ମାନକୁ ପ୍ରଭାବିତ କରୁଥିବା ଜରୁରୀ ସାର୍ବଜନୀନ ଗୁରୁତ୍ୱର ଏକ ପ୍ରସଙ୍ଗ ଉଠାଇବାକୁ ସୁଯୋଗ ନ ଦେବାକୁ ଦଳର ସାଂସଦମାନେ ତୀବ୍ର ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ଏପରି ଗମ୍ଭୀର ଅପରାଧକୁ ଅଣଦେଖା କରିବା ସଂସଦୀୟ ବିତର୍କ ଏବଂ ଦାୟିତ୍ୱର ଉଦ୍ଦେଶ୍ୟକୁ କ୍ଷୁର୍ଣ୍ଣ କରିଛି। ବିଜୁ ଜନତା ଦଳ ମହିଳାମାନଙ୍କ ପାଇଁ ନ୍ୟାୟ, ସୁରକ୍ଷା ଏବଂ ସମ୍ମାନ ପାଇଁ ଲଢ଼ିବାର ପ୍ରତିବଦ୍ଧତାରେ ଅଟଳ ରହିଛି। ଯେ ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ହସ୍ତକ୍ଷେପ ନ କରିବେ, ସେ ପର୍ଯ୍ୟନ୍ତ ଦଳ ସଂସଦ ଓ ସଂସଦ ବାହାରେ ସ୍ୱର ଉତ୍ତୋଳନ କରି ଚାଲିବ ବୋଲି ସାଂସଦମାନେ କହିଛନ୍ତି ।

### ବାଦ୍ ପଡ଼ିଲେ...

୨.୮୩ ଲକ୍ଷ ଲୋକଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ମଧୁପୁରାରେ ୯୯.୦୭୬, ପୂର୍ଣ୍ଣିଆରେ ୨.୭୩ ଲକ୍ଷ, ବଙ୍କାରେ ୮୭,୬୪୫ ଲୋକଙ୍କ ନାମ କଟାଯାଇଥିବା ସୂଚନା ମିଳିଛି । ତେବେ ଭୋଟର ତାଲିକାରେ ନୂଆ ନାମ ଭର୍ତ୍ତି ନିମନ୍ତେ ଅଗଷ୍ଟ ୨ ତାରିଖରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ବିଶେଷ ଶିବିର ଆୟୋଜନ କରାଯିବ ଓ ଏଠାରେ ଉପଯୁକ୍ତ ଦସ୍ତାବିଜ ଦେଇ ଲୋକମାନେ ସେମାନଙ୍କର ନାମ ସାମିଲ କରିପାରିବେ ବୋଲି ନିର୍ବାଚନ କମିଶନର କହିଛନ୍ତି।

**AFFIDAVIT**

By virtue of an affidavit No.2118, dtd.01.08.2025 in the court of the Executive Magistrate, Phulbani. I, Lovabati Kanhar, At/Po- Pabingia, Ps- Phiringia, Dist.: Kandhamal, Odisha – 762011 have changed my name from Luba Kanhar to Lovabati Kanhar. Henceforth I shall be known as **Lovabati Kanhar** for all purposes.

Sd/- Lovabati Kanhar

**AFFIDAVIT**

By virtue of an affidavit before The Notary Public, Titilagarh, on dated-26/07/2025. I, **Bidyadhar Bag** (Applicant name), S/O- Bhakchan Bag, Permanent resident of At- Sargiguda Titilagarh, P.O. Titilagarh, P.S. Titilagarh, Dist- Balangir, (Odisha), PIN-767033, now residing at the same place affirm that I have changed my minor daughter's name from **Hasinarani Bag** (old name) to **Hashina Rani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Hashina Rani Bag** (new name).

**Bidyadhar Bag**

**CHANGE OF NAME**

By virtue of an affidavit sworn before Executive Magistrate, Bargarh, vide no-962, dated 31/07/2025 I, Radheshyam Gardia, S/o- Late Narendra Gardia resident of At/Po.- Gobindpur, Ps./Dist.- Bargarh, PIN- 768028, Odisha state that, I have changed my minor son's name from **Aditya Gardia** to **Bibek Gardia**. Henceforth he will be known as **Bibek Gardia** for all future purposes.

**AFFIDAVIT**

By virtue of an affidavit before the Executive Magistrate, Karlamunda, Kalahandi, Odisha, I, Pradip Rana, resident of At-Sanrengali, PO- Rinja, PS- M. Rampur, Dist.: Kalahandi, Odisha, PIN–766031 have changed my daughter's name from Boesali Rana to Baisali Rana. Henceforth she shall be known as **Baisali Rana** for all purposes.

Sd/- Pradip Rana

**AFFIDAVIT**

**I, Prahalad Mohanty, S/o Late Fagu Mohanty, resident of Vill: At- Surapratapur (Kundigada) Po- Surapratapur, PS- Bhubana, Dist- Dhenkanal, State- Odisha, Pin- 759024 declare by this affidavit CF No-1645, dtd. 31.07.2025 that now onwards I shall be known as PRAHALLAD MOHANTY for all future purposes.**

**Sd- PRAHALLAD MOHANTY**

**LOST**

I Mr. Lokanath Nayak declare that I have lost the Original Sale Deed No-1134, date 21/10/2024 of landed property of Mouza- Chappirikoilama, Tahasil - Ranapur, Thana Ranapur, District-Nayagarh, bearing Khata No 31, Plot No-177, Kisam-Sarad Jala-3, A0l.55 Decimal on Dated: 29/07/2025, at about 12.30 PM, somewhere at Lodhachua locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak (Advocate Name), Mobile No -9778070590 (Of Advocate) or in this address-Room No-309,3rd Floor, Nirmal Plaza, Near Navin Niwas, Forest Park, Bhubaneswar-751009 (Registered address of advocate) within 15 days of this publication.

**AFFIDAVIT**

By virtue of an affidavit in the court of the Executive Magistrate, Nabarangpur, I, TULARAM HARIJAN, Village–Biriguda, PO–Biriguda, PS–Kodinga have changed my minor daughter's name from KARINA HARIJAN to SILPA HARIJAN. Henceforth she shall be known as **SILPA HARIJAN** for all purposes.

Sd/- Tularam Harijan

**CHANGE OF NAME**

I Kalpana Chhotaray, W/o- Abhishek Ray, At-Uppersahi, Po./Dist./Ps.- Khordha, Pin- 752055, Odisha declare by this affidavit No. 1393 dtd.29.07.2025 that now onwards I shall be known as **KALPANA CHHOTRAY** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Cuttack I Sushree Sangita Rath @ Sushree Sangita Mishra @ Mamannie Mishra, D/o. Surendra Kumar Rath, W/o. Ranajit Kumar Mishra, R/o. Village/Po. Gurujang, Ps/Dist. Kurda declare that Sushree Sangita Rath, Sushree Sangita Mishra and Mamannie Mishra is one same person for all purposes.

**CHANGE OF NAME**

By virtue of an affidavit sworn before The Executive Magistrate, Papadahandi, Nabarangpur vide affidavit no.448/25 dtd.31.07.2025, I, Krushna Chandra Sahu, S/o- Rajendra Prasad Sahu resident of Vill./Po.- Jatabal, Ps.- Dabugaon, Dist.: Nabarangpur, Pin- 764071 state that, I have changed my name from **Lokanath Sahoo** (Old name) to **Krushna Chandra Sahu** (New name). Henceforth I shall be known as **Krushna Chandra Sahu** for all future purposes.

**AFFIDAVIT**

By virtue of an affidavit in the court of the Executive Magistrate, Balasore, I Bapu Sing, S/o- Chayan Singh At/Po- Nuapadhi, PS-Remuna, Dist –Balasore, declare that I have changed my name from Babula Singh to Bapu Sing vide Affidavit No.8468 dated: 23.07.2025 and shall be known as **Bapu Sing** for all the future purpose.

**CHANGE OF NAME**

By virtue of an affidavit sworn before Executive Magistrate, Banpur, vide no-2916, dated 23/07/2025 I, Nilima Sabar, W/o- Utam Sabar, of At-Mandar, Po.- Damiabarabara, Ps.- Banpur, Dist.- Khordha, declare that in my Adhar card my name is wrongly mentioned as Nilima Sahoo instead of Nilima Sabar. Henceforth, I shall be known as **Nilima Sabar** for all purposes.

Nilima Sabar

**AFFIDAVIT**

By virtue of an affidavit No.1935, dtd.21.07.2025 in the court of the Executive Magistrate, Phulbani. I, Tutengi Kanhar, At-Lendriniga, PO-Sadingia, PS-Phiringia, Dist-Kandhamal, Odisha – 762011 have changed my name from Tutengi Dei to Tutengi Kanhar. Henceforth I shall be known as **Tutengi Kanhar** for all purposes.

Sd/- Tutengi Kanhar

**AFFIDAVIT**

I, Upasana Giri, D/o- Kishore Kumar Paria, resident of Brahmani H401, Vedanta Meadows, Bhurkamunda, P.O- Jharsuguda, P.S- Badmal, Dist- Jharsuguda, PIN-768201, Odisha declare by this affidavit No. 3668, dated- 09/07/2025 that now onward I shall be known as **UPASANA PARIA** for all future purpose.

**NOTICE**

By virtue of an affidavit sworn before The Notary Public, Sunabeda dated 24/07/2025 I, Sri jinu Kanwar, S/o- Arjuna Kanwar, Vill.- Gulpandi, Po.- Malibelgaon, Ps.- Nandapur, District- Koraput declare that, I ahve changed my sons name from **Abayab Kanwar** to **Ashish Kanwar**. henceforth, my son shall be known as **Ashish Kanwar** for all purposes.

Jinu Kanwar

## ୩ କିମି ଦୂରରେ ରାସନ ଦେବାକୁ ମସୁଧା

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଶତାଧିକ ଖାଉଟି



ଭଦ୍ରକ,୧।୮ (ସମିସ): ପୂର୍ବରୁ ରାସନ ଘର ନିକଟରୁ ନେଉଥିଲୁ। ତେବେ ଆସନ୍ତା ନଭେମ୍ବର ମାସରୁ ରାସନ ଉଠାଇବାକୁ ୩ କିମି ଦୂରକୁ ଯିବାକୁ ପଡିବ। ଏହାର ପ୍ରତିବାଦରେ ଶୁକ୍ରବାର ମଧ୍ୟାହ୍ନରେ ଶହ ଶହ ମହିଳା, ପୁରୁଷ ଜିଲ୍ଲାପାଳଙ୍କୁ ଭେଟି ପ୍ରତିଦାଦ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ପାଳସାହି, ରଇପୁର ଅଞ୍ଚଳର ଶତାଧିକ ରାସନକାର୍ଡଧାରୀ ନିୟମିତ ଭାବେ ଓମ୍‌ଶାନ୍ତି ଏସଏଚଜି ମାଧ୍ୟମରେ ବେତାଳିଗାଁ ବଜାର ନିକଟ ଏକ ଖୋଲା ଜାଗାରେ ସୁରୁଖୁରୁରେ ରାସନ ଚାଉଳ ପାଇଆସୁଛନ୍ତି। ତେବେ ଆସନ୍ତା ନଭେମ୍ବରଠାରୁ ଚାଉଳ ମା'କାଳୀ ଏସଏଚଜି ମାଧ୍ୟମରେ ଦିଆଯିବ। ଉକ୍ତ ମା' କାଳୀ ଏସଏଚଜି ଖାଉଟିଙ୍କ ଗାଁରୁ ୩କିମି ଦୂରରେ ରହିଛି। ତେଣୁ ଶତାଧିକ ବୟସ୍କ, ଭିନ୍ନକ୍ଷମ ଓ ମହିଳା ରାସନକାର୍ଡଧାରୀ ୩କିମି ଦୂରକୁ ଚାଉଳ ଆଣିବାକୁ ଯିବା ଅସମ୍ଭବ। ଏଭଳି ସୁବିଧାକୁ ବିଚାର କରି ପୂର୍ବବତ ଓମ୍‌ଶାନ୍ତି ଏସଏଚଜି ମାଧ୍ୟମରେ ଚାଉଳ ବଣ୍ଟନ କରିବାକୁ ଖାଉଟିମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଯଦି ଏହି ସମସ୍ୟା ସମାଧାନ ନ ହୁଏ ତେବେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥାଗ୍ରହଣ କରିବେ ବୋଲି ରାସନକାର୍ଡଧାରୀ ଚେତାବନୀ ଦେଇଛନ୍ତି।

# ବିଡିଓଙ୍କୁ ଘେରିଲେ ହିତାଧିକାରୀ

ଧାମନଗର : ରାସନ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥାକୁ ନେଇ ଶହ ଶହ ମହିଳା ଓ ପୁରୁଷ ଧାମନଗର ବ୍ଲକ ବିଡିଓ ବନବିହାରୀ ଦିନ୍ଦା ଓ ବ୍ଲକ୍ ଯୋଗାଣ ଅଧିକାରୀ ରସାନନ୍ଦ ସାହୁଙ୍କୁ ଘେରିଥିଲେ। ପରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ମୁତାବକ, ଧାମନଗର ବ୍ଲକ ପାଳସାହି ଓ ରଇପୁର ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ରାସନ ହିତାଧିକାରୀ ଶୁକ୍ରବାର ବ୍ଲକ୍ ପରିସରରେ ଉପସ୍ଥିତ ହୋଇ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସେମାନେ ବେତାଳୀ ଗାଁ ବଜାର ନିକଟସ୍ଥ ଓମ୍ ଶାନ୍ତି ଏସ୍‌ଏଚ୍‌ଜିରୁ ଦୀର୍ଘବର୍ଷ ଧରି ରାସନ ସାମଗ୍ରୀ ଅତି ସୁରୁଖୁରୁରେ ଉଠାଣ କରୁଥିଲେ; ଯାହାକି ରାସନ ନେବାକୁ ପାଖ ଓ ସହଜ ହେଉଥିଲା। କିନ୍ତୁ ବ୍ଲକ ପ୍ରଶାସନ ଓ ଯୋଗାଣ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ନକରି କିମ୍ବା ସ୍ଥାନୀୟ ରାସନ ହିତାଧିକାରୀଙ୍କ ବିନା ପରାମର୍ଶରେ ମା' କାଳୀ ଏସ୍‌ଏଚ୍‌ଜିକୁ ନୂତନ ଭାବେ ନିଯୁକ୍ତ ଦେଇ ରାସନ ସାମଗ୍ରୀ ବଣ୍ଟନ କରିବାକୁ ଅନୁମତି ଦେଇଛନ୍ତି। ନୂଆ କରି ନିଯୁକ୍ତ ହୋଇଥିବା ଏସ୍‌ଏଚ୍‌ଜି ପୂର୍ବରୁ ରାସନ ପାଉଥିବା ସ୍ଥାନରୁ ପ୍ରାୟ ୩ କିମିରୁ ଅଧିକ ଦୂରତା ହେବ। ଫଳରେ ରାସନ ସାମଗ୍ରୀ ଆଣିବାକୁ ଯାଉଥିବା ବୃଦ୍ଧ ଓ ବୃଦ୍ଧା, ଛୋଟ ପିଲା ଏବଂ ମହିଳାମାନେ ନାନାଦି ସମସ୍ୟା ସମ୍ମୁଖିନ ହେବାକୁ ପଡୁଛି। ତେଣୁ ତୁରନ୍ତ ନୂଆ କରି ନିଯୁକ୍ତ ହେଇଥିବା ମା' କାଳୀ ଏସ୍‌ଏଚ୍‌ଜିକୁ ରଦ୍ଦ କରି ପୂର୍ବରୁ ପାଉଥିବା ଓମ୍ ଶାନ୍ତି ଗୋଷ୍ଠୀକୁ ଆମ୍ଭର ସମସ୍ତ ରାସନ କାର୍ଡ ଅନ୍ତର୍ଭୁକ୍ତ କରି ରାସନ ସାମଗ୍ରୀ ଦେବାକୁ ଦାବି କରିଥିଲେ। ପ୍ରଥମେ ଉପସ୍ଥିତ ଥିବା ଶତାଧିକ ମହିଳା ଯୋଗାଣ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ପୂର୍ବରୁ କାହିଁକି ସୂଚନା ଦେଇ ନଥିଲ ବୋଲି କହିବା ପରେ ଉପସ୍ଥିତ ଥିବା ରାସନ କାର୍ଡଧାରୀ ଓ ବିଡିଓଙ୍କ ମଧ୍ୟରେ ଯୁକ୍ତିତର୍କ କିଛି ସମୟ ପାଇଁ ଅଫିସ ଭିତରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ବିଡିଓ ବନବିହାରୀ ଅଭିଯୋଗ ଗ୍ରହଣ କରିବା ସହ ଭଦ୍ରକ ଉପଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ବ୍ଲକ ପ୍ରଶାସନର



ମନମାନି ଏବଂ ଅନଭିଜ୍ଞ ବିଭାଗୀୟ ଯୋଗାଣ ଅଧିକାରୀଙ୍କ ଯୋଗୁଁ ବ୍ଲକ କାର୍ଯ୍ୟାଳୟଠାରୁ ଦୀର୍ଘ ୨୫ କିମିରୁ ଅଧିକ ରାସ୍ତା ଶତାଧିକ ରାସନକାର୍ଡଧାରୀ ମହିଳା ଓ ପୁରୁଷ ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ପଡ଼ିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଅନୀଲ ଦାସ, ଗଜେନ୍ଦ୍ର ମହାନ୍ତି, ଲକ୍ଷ୍ମଣ ନାୟକ, ଗୋଲକ ସାହୁ, ସରୋଜ ଜେନା, ଭାରତୀ ସାହୁ, ସୁଲୋଚନା ଦାସ, ନିଳୀମା ସାହୁ, ଶାନ୍ତିଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ଆରଡି ଭଦ୍ରକ ରାସ୍ତା ଉପରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।

# ଆରଆଇଙ୍କୁ ଉନ୍ନତ ମାନର ଲାପଟପ୍ ବଣ୍ଟନ



ଭଦ୍ରକ,୧।୮ (ସମିସ): ଜିଲ୍ଲାର ରାଜସ୍ୱ ପ୍ରଶାସନିକ କାର୍ଯ୍ୟରେ ଅଧିକ ପ୍ରଭାବଶାଳୀ ଓ ତ୍ୱରିତ ସେବା ଦେବା ଲକ୍ଷ୍ୟରେ ଭଦ୍ରକ ତହସିଲର ଆରଆଇଙ୍କୁ ପ୍ରଥମଥର ପାଇଁ ଉନ୍ନତ ମାନର ଲାପଟପ୍ ବଣ୍ଟନ କରାଯାଇଛି। ଏହି ଲାପଟପ୍ ଗୁଡ଼ିକ ମାଧ୍ୟମରେ ଏବେ ଆର୍. ଆଇମାନେ ଅନଲାଇନ୍ ରାଜସ୍ୱ କାର୍ଯ୍ୟ, ଡାଟା ଅପଡେଟ୍, ଅନୁସନ୍ଧାନ ଓ ରିପୋର୍ଟ ତିଆରି ଉପରେ ଅଧିକ କ୍ଷମତାସମ୍ପନ୍ନ ଓ ଦ୍ରୁତଗତିରେ କାର୍ଯ୍ୟ କରିପାରିବେ। ଏହା ଦ୍ୱାରା ଗ୍ରାମୀଣ ଅଞ୍ଚଳରେ ଥିବା ଜନସାଧାରଣ ମଧ୍ୟ ଶୀଘ୍ର ଓ ସହଜ ରାଜସ୍ୱ ସେବା ଉପଲବ୍ଧ କରିପାରିବେ। ଏହି କାର୍ଯ୍ୟକ୍ରମ ରାଜସ୍ୱ ବିଭାଗର ଏକ ଐତିହାସିକ ଉପଲବ୍ଧି ରୂପେ ଗଣାଯାଉଛି। ଏହି ପଦକ୍ଷେପକୁ ସମସ୍ତ ରାଜସ୍ୱ ବିଭାଗୀୟ କର୍ମଚାରୀ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଭଦ୍ରକ ତହସିଲ ଅଧିନରେ ସମସ୍ତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଆ ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, ଓଡ଼ିଶାର ଉପସଭାପତି ତଥା ଭଦ୍ରକ ତହସିଲ ରେଭିନ୍ୟୁ ସୁପରଭାଇଜର ଜ୍ୟୋତିରଂଜନ ପଣ୍ଡାଙ୍କ ନେତୃତ୍ୱରେ ରାଜସ୍ୱ ମନ୍ତ୍ରୀଙ୍କ କ୍ଷେତ୍ରୀୟ ରାଜସ୍ୱ ଅଧିକାରୀଙ୍କ ସମସ୍ୟା ନେଇ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ।

# କୋଡବରୁଆଁରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ

ଭଦ୍ରକ,୧।୮ (ସମିସ): ଶୁକ୍ରବାର ଭଦ୍ରକ ତହସିଲ ଅଧୀନ କୋଡବରୁଆଁ ଗ୍ରାମ ପଞ୍ଚାୟତରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ସୁକାନ୍ତକୁମାର ଦାଶ, ପ୍ରଶିକ୍ଷଣ ରିଜର୍ଭ ଅଫିସର ମିତାରାଣୀ ବାରିକ, ରାଜସ୍ୱ ପରିଦର୍ଶକ ଦ୍ୱୟ-ଜ୍ୟୋତିରଂଜନ ପଣ୍ଡା, ବିକାଶ କୁମାର ଦାସ, କୋଡବରୁଆଁ ସରପଞ୍ଚ ସୁଷମା ମହାନ୍ତି ଓ ଚଣ୍ଡିଗାଁ ରାଜସ୍ୱ ନିରୀକ୍ଷକ ସୁମିତ୍ରା ମାଝୀଙ୍କ ସମେତ କୋଡବରୁଆଁ, କୋଡଗମ୍ଭିର, ପଲ୍ଲୀ ଅଞ୍ଚଳର ଜନସାଧାରଣ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ସମ୍ପ୍ରତି ସରକାରଙ୍କ ତରଫରୁ ପ୍ରାଧାନ୍ୟ ଦିଆଯାଉଥିବା ପଟ୍ଟାର ଦୁଇ ଖାନାରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନନ କରାଯାଇଥିଲା ଏବଂ ମୃତ୍ୟୁ ପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ୍ୟ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ଏଥି ସଙ୍ଗେସଙ୍ଗେ ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜସ୍ୱ ସମସ୍ୟାର ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। କୋଡବରୁଆଁ ପଞ୍ଚାୟତବାସୀଙ୍କୁ ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ସରକାରୀ କର୍ମଚାରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅନ୍ତର ବା ବ୍ୟବଧାନକୁ ଦୂର କରିବା ଏବଂ ତହସିଲ ସ୍ତରରେ ସମସ୍ତ ପ୍ରକାର ରାଜସ୍ୱ ସେବା ସ୍ୱଚ୍ଛତା ଓ ସେବା ମନବୃତି ରଖି ଯୋଗାଇ ଦିଆଯାଉଛି ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। କୌଣସି ରାଜସ୍ୱ ସେବା ପାଇବା ପାଇଁ ତହସିଲଦାର, ରାଜସ୍ୱ ନିରୀକ୍ଷକ ବା ଅନ୍ୟ କୌଣସି ତହସିଲ କର୍ମଚାରୀ ଙ୍କ ନାମ ନେଇ ମଧ୍ୟସ୍ଥିତା କାରବାର କରୁଥିବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ମାଗୁଥାନ୍ତି, ତେବେ ଏହା ବିଷୟରେ ସଂପୃକ୍ତ ଅଧିକାରୀଙ୍କୁ ଜଣାଇବେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ୱାର୍ଡ଼ ମେମ୍ବର ଓ ଗ୍ରାମବାସୀ ସଂପୂର୍ଣ୍ଣ ଭାବେ ଯୋଡ଼ି ହେବା ସହିତ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଅତିରିକ୍ତ ତହସିଲଦାର ଓ ତହସିଲଦାର ରହିବେ ବୋଲି ସୂଚନା ମିଳିଛି। ପଞ୍ଚାୟତସ୍ତରରେ ଏପରି କାର୍ଯ୍ୟକ୍ରମ ହେଲେ ଜନସାଧାରଣଙ୍କ ରାଜସ୍ୱ ସମସ୍ୟାର ସମାଧାନ ହେବା ସହ କାର୍ଯ୍ୟକ୍ରମର ଗୁରୁତ୍ୱ ବହନ ହୋଇପାରିବ ବୋଲି ସରପଞ୍ଚ ସୁଷମା ମହାନ୍ତି ମତପ୍ରକାଶ କରିଥିଲେ।




# ଦୁଇ ସହକାରୀ ଯନ୍ତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ

ବାରିକପୁର,୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଏବଂ ଧାମନଗର ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଦ୍ୱୟ ଗତକାଲି ଅବସରଗ୍ରହଣ କରିଛନ୍ତି। ଦୁଇଟି ଯାକ କାର୍ଯ୍ୟାଳୟ ଜିଲ୍ଲାର ବନ୍ୟାସ୍ଥିତିକୁ ପରିଚାଳନା କରୁଥିବା ବେଳେ ଯନ୍ତ୍ରୀଦ୍ୱୟଙ୍କ ଅବସର ପରେ ବିଭାଗ ପକ୍ଷରୁ ତତକ୍ଷଣାତ୍ କୌଣସି ନୂତନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ତେଣୁ ଯାଜପୁର ସଦର ଉପଖଣ୍ଡ କାର୍ଯ୍ୟାଳୟ ଯନ୍ତ୍ରୀଙ୍କୁ ଧାମନଗର ଜଳସମ୍ପଦ ବିଭାଗ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଆଖୁଆପଦା ଜଳସମ୍ପଦ ବିଭାଗ ଅଧିକାରୀ ଭାବେ ବିଞ୍ଝାରପୁର ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ପ୍ରସାଦ ଜେନାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହାଛଡା କନିଷ୍ଠ ଯନ୍ତ୍ରୀମାନଙ୍କସ୍ତରରେ ଅଦଳବଦଳ ହୋଇଛି। ରୁଡିଆଠାରେ କାର୍ଯ୍ୟରତ ନାରାୟଣ ଚନ୍ଦ୍ର ଦାସଙ୍କୁ ଧାମନଗର କନିଷ୍ଠ ଯନ୍ତ୍ରୀ ଭାବେ ବଦଳି କରାଯାଇଥିବା ବେଳେ ବାରିକପୁର ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ନରସିଂହ ସୋରେନଙ୍କୁ ଭଦ୍ରକ ବଦଳି କରାଯାଇଛି। ଭଦ୍ରକ ଠାରେ ଥିବା କନିଷ୍ଠ ଯନ୍ତ୍ରୀ ବିମଳ ବେହେରାଙ୍କୁ ଧୂଷୁରୀ ଜଳସମ୍ପଦ ବିଭାଗକୁ ବଦଳି କରାଯାଇଛି। ସେହିଭଳି ସିଂଙ୍ଗପୁର କନିଷ୍ଠ ଯନ୍ତ୍ରୀ ତପସ୍ୱୀନୀ ସାହୁଙ୍କୁ ବାରିକପୁର ବଦଳି କରାଯାଇଛି। ଏନେଇ ଚଣ୍ଡିଖୋଲସ୍ଥିତ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡିଛି।

# ଗାଡ଼ି ସହ ୨ ଗୋରୁ ଜବତ

ଅସୁରାଳି,୧।୮ (ସମିସ): ଧୁଷୁରୀ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଏକ ଗାଡ଼ି ସହ ଦୁଇ ଗୋରୁ ଜବତ କରିଛି। ସୂଚନା ଅନୁଯାୟୀ, ଧୁଷୁରୀ ପୁଲିସକୁ କୋଠାର ନିକଟରେ ଦେଖି ଗାଡିଟି ଦ୍ରୁତ ବେଗରେ ବିପରୀତ ଦିଗରେ ଗାଡ଼ି ଚଳାଇଥିଲା। ଏହା ପୁଲିସ ଅଧିକାରୀଙ୍କ ମନରେ ସନ୍ଦେହ ହେବାରୁ ପିଛା କରିବାରୁ ନଦି ଗାଁ ଛକଠାରେ ଜାଇଲୋ ଗାଡ଼ି ଛାଡ଼ି ଡ୍ରାଇଭର ସମେତ ଆଉ ଜଣେ ଫେରାର ହୋଇଯାଇଥିଲେ। ପରେ ପୁଲିସ ୨ଟି ଗୋରୁ ଜବତ କରି ଅସୁରାଳି ସ୍ଥିତ ଗୋଶାଳାକୁ ସ୍ଥାନାନ୍ତର କରିଛି। ପୁଲିସ ଅଧିକାରୀ ଅଜୟ ସୁଦର୍ଶନ ବାଗେ ଏକ ମାମଲା ରୁଜୁ କରି ଘଟଣାର ତନାଘନା ଜାରି ରଖିଛନ୍ତି।

# ଷଠଗାଁ ହନୁମାନ ମନ୍ଦିରରୁ ଚୋରି



ବାରିକପୁର,୧।୮ (ସମିସ): ଭଗବାନ ମହାବୀର ହନୁମାନଙ୍କୁ ଛାଡି ସବୁ ଲୁଟି ନେଇଛନ୍ତି ଲୁଟେରା। ଏମିତି ଏକ ଚୋରି ଘଟଣା ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋରିଗାଁ ପଂଚାୟତ ଷଠଗାଁ ଠାରେ। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗାଁର ପ୍ରବେଶ ପଥରେ ଥିବା ହନୁମାନ ମନ୍ଦିରରୁ ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ଚୋରମାନେ ମନ୍ଦିର ତାଲା ଭାଙ୍ଗି ଠାକୁରଙ୍କ ରୁପା ମୁକୁଟ, ଦୀପ, ପିତ୍ତଳ ବାଲତି, କୁବଜି, କରତୁଲି, ଘଣ୍ଟା, ପାଣି ମଟର, ପିତଳ ଥାଳି, ଗ୍ଲାସ୍ ଆଦି ଅନ୍ୟାନ୍ୟ ବୋହୁ ସାମଗ୍ରୀ ଚୋରି କରିଛନ୍ତି। ଆଜି ସକାଳୁ ପୂଜକ ମନ୍ଦିରକୁ ଆସିବା ପରେ ସମସ୍ତ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଚୋରି ହୋଇଥିବା ସାମଗ୍ରୀ ର ମୂଲ୍ୟ ପ୍ରାୟ ଦେଢ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ତତକ୍ଷଣାତ୍ ପୂଜକ ବିଭୁପ୍ରସାଦ ମିଶ୍ରଙ୍କ ସମେତ ଗ୍ରାମବାସୀ ନିରଞ୍ଜନ ପୁହାଣ, ବାବୁଲି ସୂତାର, ବାମଦେବ ଜେନା ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନା ଅଧିକାରୀ କମଳାକାନ୍ତ ଦାଶଙ୍କ ସମେତ ଅନ୍ୟାନ୍ୟ ପୋଲିସ ସହକାରୀ ଅଧିକାରୀ ଏବଂ ବିଶେଷଜ୍ଞ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖା ହେବା ଯାଏଁ ଚୋରଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

# ୫ମାସ ହେଲା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି

## ଜଣେ ଆଉ୍‌ହକ କର୍ମଚାରୀରେ ଚାଲିଛି ଅଫିସ




ଭଦ୍ରକ,୧।୮ (ସମିସ): ଜିଲ୍ଲା ପ୍ରଶାସନର ଅନ୍ୟତମ ଗୁରୁତ୍ୱର୍ପୂର୍ଣ୍ଣ ଦପ୍ତର ହେଉଛି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ। ତେବେ ଏହି ପ୍ରମୁଖ କାର୍ଯ୍ୟାଳୟଟି ଦୀର୍ଘମାସ ହେବ କୋମାରେ ରହିଛି। ଏହି କାର୍ଯ୍ୟାଳୟର ମୁଖ୍ୟ ଡିଆଇପିଆରଓ (ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ)ଙ୍କ ପଦବୀଟି ଦୀର୍ଘ ୫ ମାସ ହେବ ଖାଲି ପଡିଛି। ଗତ ୩୧.୩.୨୫ତାରିଖରେ ଡିଆଇପିଆରଓ ରମେଶ ଚନ୍ଦ୍ର ନାୟକ ଅବସର ଗ୍ରହଣ କରିବା ପରେ ଏହି ପଦବୀରେ କାହାରିକୁ ସ୍ଥାୟୀଭାବେ ନିଯୁକ୍ତି ମିଳିନି। ତେବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳଙ୍କୁ ଏହି ପଦବୀର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଶ୍ରୀ ମଣ୍ଡଳ ଏବେ ଜିଲ୍ଲା ପ୍ରଶାସନର ୫ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ବହନ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି କାର୍ଯ୍ୟାଳୟ ପାଇଁ ସରକାରୀ ମଞ୍ଜୁରପ୍ରାପ୍ତ ୯ଟି ପଦବୀ(ଡିଆଇପିଆରଓଙ୍କ ସମେତ) ମଧ୍ୟରୁ ଜଣେ କେହି ସ୍ଥାୟୀ ଅଧିକାରୀ ଓ କର୍ମଚାରୀ ନାହାନ୍ତି। କେବଳ ଜଣେ ଆଉ୍‌ହକ୍ କର୍ମଚାରୀ ଅଫିସ ସମ୍ଭାଳିଛନ୍ତି। ମଞ୍ଜୁରପ୍ରାପ୍ତ-ଏଡିପିଆରଓ ବା ଅତିରିକ୍ତ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ, ୩ଟି କିରାଣୀ ଓ ୧ଟି ଲାଇବ୍ରେରିଆନ୍ ପଦବୀ ସହ ଜଣେ ଅପରେଟର ଓ ୨ଜଣ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦବୀ ଦୀର୍ଘଦିନରୁ ଖାଲି ପଡିଛି। ଜିଲ୍ଲା ପ୍ରଶାସନର ପ୍ରମୁଖ କାର୍ଯ୍ୟ ବହନ କରୁଥିବା ଓ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧି ତଥା ଗଣମାଧ୍ୟମ ସଂସ୍ଥା ପାଇଁ କାର୍ଯ୍ୟ କରୁଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର ଅଚଳାବସ୍ଥା ଦୂର କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ପୋତି ହୋଇଛି ଜଳ ନିଷ୍କାସନ ବାଟ

# ତହସିଲ୍‌ଦାରଙ୍କୁ ଭେଟିଲେ ଗ୍ରାମବାସୀ



ଭଦ୍ରକ,୧।୮ (ସମିସ): ପାଣି ନିଷ୍କାସନ ବାଟ ନ ଥିବାରୁ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାଳଗୋହିରା ୮ ନମ୍ବର ୱାର୍ଡର ମହାନ୍ତିସାହିର ଏହି ୫୦ଟି ପରିବାର ଦୀର୍ଘ ଦିନ ହେଲା ଜଳବନ୍ଦୀ ଜୀବନ ବିତାଉଛନ୍ତି। ଗାଁ ଭିତର ରାସ୍ତାରେ ଅଣ୍ଟାଏ ଲେଖାଏଁ ପାଣି ଜମିରହୁଛି। ଘରୁ ବାହାରିଲେ ପାଣି ଭିତରେ ପଶିକି ଯିବାକୁ ପଡୁଛି। ଛୋଟ ପିଲାଙ୍କୁ ଅଭିଭାବକ କାନ୍ଧରେ ବସାଇ ଅଙ୍ଗନବାଡି ନେଉଥିବା ବେଳେ ସ୍କୁଲ ପିଲାମାନେ ଓଦା ହୋଇ ପାଣିରେ ପଶି ପାଠ ପଢିବାକୁ ଯାଉଛନ୍ତି। ପୂର୍ବରୁ ଥିବା ପାଣି ନିଷ୍କାସନ ବାଟ ଏବେ ପୋତି ହୋଇଯାଇଛି। ବର୍ଷା ଦିନ ଆସିଲେ ଅତ୍ୟଧିକ ବର୍ଷା ହେଲେ ଏମିତି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୁଏ। ପ୍ରତ୍ୟେକ ବର୍ଷ ଚାନ୍ଦବାଲି ତହସିଲ ଓ ବ୍ଲକ ପ୍ରଶାସନକୁ ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଲିଖିତ ଦାବି କରୁଛନ୍ତି ହେଲେ ପ୍ରଶାସନ ନିଦା ବିଷ୍ଣୁ ପାଲଟିଛି ଲୋକେ ହେଉଛନ୍ତି ହଇରାଣ। ତେବେ ଆଜି ଏହି ସମସ୍ୟା ର ସ୍ଥାୟୀ ସମାଧାନ ନିମନ୍ତେ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସିଛନ୍ତି ଗ୍ରାମବାସୀ। ଯେପର୍ଯ୍ୟନ୍ତ ତହସିଲଦାର ଘଟଣାସ୍ଥଳ କୁ ଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରିନାହାନ୍ତି ସେପର୍ଯ୍ୟନ୍ତ ତହସିଲ ସମ୍ମୁଖରେ ବସି ରହିବେ ବୋଲି ପ୍ରକାଶ କରିଛନ୍ତି ନଳଗୋହିରା ପଂଚାୟତ ମହାନ୍ତିସାହି ଗ୍ରାମବାସୀ

# ପୁଲିସ ନିଷ୍କ୍ରିୟତା ଯୋଗୁ ମଠ ମନ୍ଦିରରୁ ବଢୁଛି ଚୋରି

ଦୋବଲ,୧।୮ (ସମିସ)

ଆନନ୍ଦପୁର ପଞ୍ଚାୟତ ଉତ୍ତରବାହିନୀ ମଠରେ ଥିବା ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଛି। ଗୁରୁବାର ରାତି ଓ ଶୁକ୍ରବାର ପାହାନ୍ତାରୁ କେହି ଚୋରି କରିଥିବା ନେଇ ଅଭିଯୋଗରୁ ଜଣାପଡ଼ିଛି। ମଠରେ ଥିବା ଠାକୁରଙ୍କ ଗହଣା ଗାଣ୍ଠି, ବାସନକୁସନ ଓ ପୂଜା ସାମଗ୍ରୀ ସବୁ ଦୁର୍ବୃତ ନେଇଯାଇଛନ୍ତି। ମଠ ପରିଚାଳକ ଅଜୟ କୁମାର ଦାସଙ୍କ ସୂଚନା ଅନୁସାରେ, ତାଙ୍କ ଗାଁ ପାଖର ଜଣେ ବ୍ୟକ୍ତି ଶୁକ୍ରବାର ଭୋର ୩ଟା ୩୦ ବେଳକୁ ବୈତରଣୀ ନଦୀ ପୋଲ ଉପର ଦେଇ ଯାଜପୁରକୁ ପରିବା ଆଣିବା ଲାଗି ଯାଉଥିଲେ। ଏତେ ରାତିରେ ମଠ ବାହାରେ ବାଇକ୍ ଗୋଟିଏ ଛିଡ଼ା ହୋଇଥିବା ସନ୍ଦେହ ହେବାରୁ ସେ ପୋଲ ଉପରେ ନିଜ ଗାଡ଼ିକୁ ରଖି ମଠ ପାଖକୁ ଯିବାରୁ ଜଣେ ଲୋକ ଗୋଟିଏ ପ୍ଲାଷ୍ଟିକ ଅଖାରେ କଣ ଭର୍ତି କରି ବାଇକରେ ବାହାରି ଯିବାକୁ ଚେଷ୍ଟା କରୁଥିଲା। ତେବେ କିଛି ଦିନ ପୂର୍ବରୁ ବଢ଼ି ପାଣି ଛାଡ଼ିଥିବାରୁ ସେ ଯାଇ ମନ୍ଦିର ପାଖରେ



ପହଞ୍ଚିଲା ବେଳକୁ ଚୋରଟି ବାଇକରେ ବସ୍ତାକୁ ଲଦି ଫେରାର ହୋଇଯାଇଥିଲା। ପରେ ଯାଜପୁର ପଟେ ଥିବା ବୈତରଣୀ ବନ୍ଧରେ କଟିକଟା ଆଡ଼କୁ ଦ୍ରୁତ ଗତିରେ ପଳାଇଥିଲା। ପୁଣି ସକାଳୁ ଜଣାପଡିଲା ଯେ, ଜଗନ୍ନାଥ ମନ୍ଦିରଠାରୁ ଉତ୍ତରକୁ ୬୦୦ ମିଟର ଦୂରରେ ଥିବା ହନୁମାନ ମନ୍ଦିରରୁ ମଧ୍ୟ ଚୋରି ହୋଇଛି। କେହି ଦୁର୍ବୃତ୍ତ ମନ୍ଦିରରୁ ପୂଜା ସାମଗ୍ରୀ, ଘଣ୍ଟଘଣ୍ଟା, ପିତ୍ତଳ ବାଲଟି, ତମ୍ବା ବଲଟି, ରୁପା ମୁକୁଟ, ଦାନବାକ୍ସରୁ ଟଙ୍କା ନେଇ ପଳାଇଛନ୍ତି। ଏନେଇ ଗାଁ ଲୋକେ ଥାନାରେ ଅଭିଯୋଗ କରିବାରୁ ଧାମନଗର ଏସଡିପିଓ ଓ ପୋଲିସ ଟିମ୍ ପହଂଚି ତଦନ୍ତ କରିଥିଲେ। ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛନ୍ତି। ଏହି ଦୁଇଟି ଘଟଣା ନୁହଁ, ଗତ ମାସକ ମଧ୍ୟରେ ପାଖାପାଖି ୧୦ରୁ ଅଧିକ ମନ୍ଦିରରୁ ଚୋରି ହୋଇଛି। କିଛିଦିନ ପୂର୍ବରୁ ଆନ୍ଦପୁର ପଂଚାୟତ ଉତେଇପୁରରେ ଥିବା ଜାନକେଶ୍ୱର ମନ୍ଦିର, ଗାର୍ଲସ ହାଇସ୍କୁଲ ପାଖରେ ଥିବା ରାସ୍ତା କଡ଼ ହନୁମାନ ମନ୍ଦିର, ହାତିଡିଅ ସ୍କୁଲ ପଡ଼ିଆ ପାଖ ହର ମହାଦେବ ମନ୍ଦିର, ଖଡ଼ିପଦା ପଂଚାୟତ ଅଫିସ ପାଖ କାବେଶ୍ୱର ମନ୍ଦିର, ଦକ୍ଷିଣକୁରୁଆ ଛକ ମହାଦେବ ମନ୍ଦିର, ଦକ୍ଷିଣକୁରୁଆ ଗାଁ ମୁହଁରେ ଥିବା ଗ୍ରାମଦେବତୀ ଶଶିମୁଖି ମନ୍ଦିର, ଆନନ୍ଦପୁର ପଂଚମୁଖି ହନୁମାନ ମନ୍ଦିର, ମାନଲାପୁର ତାରିଣୀ ମନ୍ଦିର ଓ ଦଳାଙ୍ଗର ସନ୍ତୋଷୀ ମାଆ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଧିକାଂଶ ମନ୍ଦିରର କେହି ପରିଚାଳକ କି କମିଟି ନଥିବାରୁ ଚୋରି ସଂପର୍କରେ ଅଭିଯୋଗ ହୋଇନାହିଁ। ପୁଲିସ ନିଷ୍କ୍ରିୟତା ଯୋଗୁ ମଠ, ମନ୍ଦିରରୁ ଚୋରି ବଢିବାରେ ଲାଗିଛି।

## ବନ୍ୟାରେ ଦବିଲା ଦାଦେଶ୍ୱର ପଥର ସ୍ପର



ବାରିକପୁର,୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ମଧ୍ୟମ ଧରଣର ବନ୍ୟା ଆସି କିଛିଟା କ୍ଷୟକ୍ଷତି କରିଥିବା ଜଣାପଡିଛି। ବିଶେଷ କରି ଷୋଳମପୁର, ବିରୋଳି, ବରାହନୂଆପଡା, ତିଖିଲିଆ, ଚତୁର୍ଭୁଜପୁର, ନୌରଙ୍ଗପୁର ଠାରେ କେତେକ ଧାନ ତଳି ଓ ପନିପରିବା ଚାଷ ନଷ୍ଟ ହୋଇଛି। ନଦୀର ଗୁରୁତ୍ୱପୂର୍ଣ୍ଣ ତଥା ଚର୍ଚ୍ଚିତ କଟିଂ ଏସକେପର ପଥର ପ୍ୟାକିଂ ମଧ୍ୟ ଶତକଡା ୫୦ଭାଗ ନଷ୍ଟ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଝୁଟୁଣା ପଞ୍ଚାୟତ ଦାଦେଶ୍ୱର ଠାରେ ହୋଇଥିବା ପଥର ପ୍ୟାକିଂ ଚଳିତ ବନ୍ୟା ଯୋଗୁ କିଛିମାତ୍ରାରେ ଦୁର୍ବଳ ହୋଇଛି। ଗ୍ରାମକୁ ବନ୍ୟାଦାଉରୁ ରକ୍ଷା କରିବା ଓ ନଦୀତଟ ସୁରକ୍ଷା ପାଇଁ ଚଳିତ ବର୍ଷ ତିନିକୋଟି ଟଙ୍କା ବ୍ୟୟ ବରାଦ ହୋଇ ଏଠାରେ ପ୍ରାୟ ୫୦୦ମିଟରରୁ ଅଧିକ ପଥର ପ୍ୟାକିଂ ହୋଇଥିଲା। ଏହାଛଡା ବନ୍ୟା ପାଣିର ପଥ ପରିବର୍ତ୍ତନ ପାଇଁ ୩ରୁ ୪ଟି ପଥର ସ୍ପର ମଧ୍ୟ ନିର୍ମିତ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ବନ୍ୟା ଆସିବା ଫଳରେ ପ୍ୟାକିଂ ହୋଇଥିବା ପଥର କିଛିକିଛି ଜାଗାରେ ଦବି ଯାଇଛି। ଏହାଛଡା ସ୍ପର ତଥା ପଥର ବନ୍ଧ ଉପରେ ବନ୍ୟା ପାଣିର ପ୍ରଭାବ ପଡିଛି। ଯାହାକୁ ନେଇ ଗ୍ରାମବାସୀ ମାନେ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରିଛନ୍ତି। କାମଟି ସମ୍ପୂର୍ଣ୍ଣ ସରିନଥିବା ବେଳେ ଦବିଥିବା ସ୍ଥାନରେ ପୁନଃ ନିର୍ମାଣ ତଥା ମରାମତି ପାଇଁ ଦାଦେଶ୍ୱର ବାସୀ ଦାବି କରିଛନ୍ତି।

## ଶୁକଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ମାଡ଼ ଅଭିଯୋଗ



ବାସୁଦେବପୁର,୧।୮ (ସମିସ): ଭୟରୁ ମୁକ୍ତ କରିବାକୁ ସରକାର ପ୍ରତି ବିଦ୍ୟାଳୟ ପରିସରଦଣ୍ଡମୁକ୍ତଅଞ୍ଚଳଭାବେଘୋଷଣାକରିଛନ୍ତି।ସ୍ନେହଶ୍ରଦ୍ଧାରସହପିଲାମାନଙ୍କୁ ପାଠ ପଢିବାର ନିୟମ ପ୍ରଣୟନ କରାଯାଇଛି। ହେଲେ ସରକାରୀ କାଗଜ କଲମରେ ଆଇନ ସୀମିତ ରହୁଛି ବୋଲି ଅଭିଯୋଗ ହେଉଛି। ବାସୁଦେବପୁର ପୌରପାଳିକାର ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ତୃତୀୟ ଶ୍ରେଣୀର ଛାତ୍ରୀଙ୍କୁ ମାଡ଼ ମାରିଥିବାର ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଅଭିଯୋଗ ପାଇ ଅଭିଭାବକ ସ୍କୁଲରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପ୍ରଧାନଶିକ୍ଷକ ଅଟକେଇବାକୁ ଚେଷ୍ଟାକରୁ ଥିବାବେଳେ ଚତୁରତାର ସହିତ ଖସି ପଳାଇ ଆସିଥିଲେ। କିଛି ସମୟ ସ୍କୁଲ ପରିସର ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ପ୍ରଧାନଶିକ୍ଷକଙ୍କୁ ଛାତ୍ରୀଙ୍କୁ ମାଡ ମାରିବା ସମ୍ପର୍କରେ ପଚାରିବାରୁ ସେ କହିଲେ ୩ୟ ଶ୍ରେଣୀର ଦୁଇ ଜଣ ପିଲା ମାରପିଟ ଲାଗିଥିଲେ। ଜଣେ ଛାତ୍ରୀଙ୍କୁ ଡାକି ଆସ୍ତେକରି ଦୁଇ ଗାଲକୁ ମାଡ଼ମାରିଛି। ଛାତ୍ରୀ ଜଣକ ଥାନାର ଏତାଲା ଦେବାକୁ ଡାକ୍ତରୀମାଇନା କରିଥିଲେ। ହେଲେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ପୁରୁଣା ପେନସନ ଲାଗୁ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ଭଦ୍ରକ,୧।୮ (ସମିସ): ଓଡ଼ିଶା ସରକାରୀ କର୍ମଚାରୀମାନଙ୍କ ପାଇଁ ଏନପିଏସ୍ ଏବଂ ୟୁପିଏସ୍ ପେନସନ୍ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ହୋଇଛି। ଶୁକ୍ରବାର ଅପରାହ୍ଣ ସାଢେ ୪ଟା ବେଳେ ସରକାରୀ କର୍ମଚାରୀମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଏନଏମଓପିଏସର ଭଦ୍ରକ ଜିଲ୍ଲା ସଂଯୋଜକ ପ୍ରଶାନ୍ତ ରାଉତରାୟ, ମିଳିତକର୍ମଚାରୀସଂଘରସଭାପତି ଶ୍ୟାମସୁନ୍ଦରଜେନା, ସମ୍ପାଦକପଙ୍କଜ କୁମାର ବାଇ, ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘର ରାଜ୍ୟ ଉପସଭାପତି ଜ୍ୟୋତିରଞ୍ଜନ ପଣ୍ଡା, ରାଜ୍ୟ ସଭାପତି ନିବନ୍ଧନ ଅମଲା ସଂଘ ବିଭୁଦତ ବାରିକ, ଅରବିନ୍ଦ ଜେନା, ନବ କିଶୋର, ଦେବାଶିଷ ଜେନା, ପଙ୍କଜ ବାଇ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଗୁଳ୍ମଲତାରେ ଭର୍ତ୍ତି ରହଣିଆ ଶାଖା କେନାଲ

ବାରିକପୁର,୧।୮ (ସମିସ)



ପୁନରୁଦ୍ଧାର ଦାବି କଲେ ଚାଷୀ

ଭଣ୍ଡାରିପୋଖରୀ ବ୍ଲକ୍ ପରିସୀମା ମଧ୍ୟରେ ରହିଥିବା ବିଭିନ୍ନ କେନାଲର ଜଳଧାରଣା କ୍ଷମତା ଧୀରେଧୀରେ କମୁଥିବା ଦେଖାଯାଇଛି। ଅନେକ ବର୍ଷ ହେବ କେନାଲଗୁଡିକର ପୁନଃରୁଦ୍ଧାର ହେଉନଥିବା ବେଳେ ଖରିଫ ଓ ରବି ଚାଷ ସମୟରେ ସଠିକ ଜଳ ପରିଚାଳନା ନେଇ ଏଥିରେ ବିଭିନ୍ନ ସମସ୍ୟା ଦେଖାଦେଉଛି। କେବଳ ଘାସଲତା କଟା ବାବଦରେ ବର୍ଷାଦିନେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିବା ବେଳେ କେନାଲଗୁଡିକ କିନ୍ତୁ ରୁଗଣ୍ ଅବସ୍ଥାରେ ପଡ଼ିରହିଛି। ସେ ଯାହାବି ହେଉ ଏବେ ବର୍ଷା ଛାଡି ଯାଇଥିବାରୁ ଖରିଫ ଧାନଚାଷ ପାଇଁ ଚାଷ ଜମିଗୁଡିକରେ କେନାଲ ପାଣିର ଆବଶ୍ୟକତା ରହିଛି। ଏପରିସ୍ଥଳେ ମୁଖ୍ୟ କେନାଲ ଗୁଡ଼ିକର କିଛିଅଂଶ ସହିତ ଶାଖା କେନାଲଗୁଡିକରେ ଗୁଳ୍ମଲତା ମାଡିଯାଇଥିବାରୁ ଚାଷୀମାନେ ପାଣି ଆସିବା ନେଇ ଆଶଙ୍କା ପ୍ରକଟ କରିଛନ୍ତି। ତନ୍ମଧ୍ୟରୁ ତିନି କିମି ଦୈର୍ଘ୍ୟ ବିଶିଷ୍ଟ ରହଣିଆ ମାଇନରଟି ଅନ୍ୟତମ। ଉକ୍ତ ମାଇନର କେନାଲଟି ୩ନଂ ଖ କେନାଲ ପଟାପୋଲ ନିକଟରୁ ବାହାରିଥିବା ବେଳେ ଏହାଦ୍ୱାରା ଶହଶହ ହେକ୍ଟର ଚାଷଜମି ଜଳ ପ୍ଲାବିତ ହୋଇଥାଏ। ବିଶେଷ କରି ଏହି ମାଇନର କେନାଲ ଦ୍ୱାରା ପୁରସ୍ତମପୁର, ଆକୁଳିକଣା, ରାଢୋ, ହାଜିପୁର, ରହଣିଆ, ନୂଆପୋଖରୀ ପ୍ରମୁଖ ଗ୍ରାମର ଚାଷୀମାନେ ଉପକୃତ ହୋଇଥାନ୍ତି। ଉକ୍ତ କେନାଲର ଆରମ୍ଭରୁ ପ୍ରାୟ ୧କିମି ଯାଏଁ ଜବରଦଖଲରେ ପୁରି ଯାଇଥିବା ବେଳେ ଏଥିରେ ଆବଶ୍ୟକ ପରିମାଣ ପାଣି ଆସିବା ସମ୍ଭବ ହେଉନାହିଁ। ଏହାସତ୍ତ୍ୱେ ଯେତକି ବି ପାଣି ଆସୁଛି ତାହା କେନାଲ ଶେଷମୁଣ୍ଡ ଯାଏଁ ପହଞ୍ଚି ପାରୁନାହିଁ। ଏବେ ହାଜିପୁର ଛକରୁ କେନାଲର ଅନ୍ତିମ ଭାଗ ଯାଏଁ ଘାସଲତାରେ ପରିପୂର୍ଣ୍ଣ ହୋଇଯାଇଛି। ଯଦିଓ ଆଗାମୀ ଦୁଇତିନିଦିନ ମଧ୍ୟରେ ଚାଷ ଜମିଗୁଡ଼ିକ ପାଇଁ ପାଣିର ଆବଶ୍ୟକତା ସେତେଟା ନାହିଁ କିନ୍ତୁ ରୁଆପୋତା ଆରମ୍ଭ ହେଲେ କେନାଲ ପାଣିର ଢେର ଆବଶ୍ୟକତା ବଢ଼ିଯିବ। ସୁତରାଂ କେନାଲଟି ସଫା ନ ଥିବାରୁ ଏଥିରେ ଶତ ପ୍ରତିଶତ ପାଣି ଆସିବା ସମ୍ଭବ ହେବନାହିଁ। କେନାଲ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଧାମନଗର ଜଳସେଚନ ବିଭାଗ ଏହା ଉପରେ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। କେନାଲକୁ ପୁନଃରୁଦ୍ଧାର କରିବା ସହିତ ଜଳ ପ୍ରବେଶ ପଥରେ ହେଡୱାଲ ନିର୍ମାଣ ଏବଂ କେନାଲର ବନ୍ଧର ଦୁଇପାର୍ଶ୍ୱରେ ସ୍ଥାୟୀ କଂକ୍ରିଟ ନିର୍ମିତ ପାଇଁ ସମ୍ପୃକ୍ତ ଅଞ୍ଚଳର ଚାଷୀ ବାରମ୍ବାର ଦାବି ଜଣାଇ ଆସୁଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀମାନେ ଏହାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ତେଣୁ ଶହ ଶହ ଚାଷୀ ଖରିଫ ସମୟରେ କେନାଲ ଜଳ ଅଭାବ ଜନିତ ସମସ୍ୟାକୁ ସାମ୍ନା କରୁଛନ୍ତି। ସେ ଯାହାବି ହେଉ ସମ୍ପ୍ରତି ଚାଷ ପାଇଁ ମାଇନରଟିର ଅସ୍ଥାୟୀ ଭାବେ ସଫା ସୁତୁରା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବିଭାଗରେ କୌଣସି ସ୍ଥାୟୀ ଯନ୍ତ୍ରୀ ନଥିବାରୁ ଦାବି ସତ୍ୱେ ଆମ କଥା କେହି ଶୁଣୁନଥିବା କିଛି ଚାଷୀ ଓ ପାଣି ପଞ୍ଚାୟତ କର୍ତ୍ତୃପକ୍ଷ ଜଣାଇଛନ୍ତି। ତେଣୁ ଉଚ୍ଚ ପଦସ୍ଥ ଅଧିକାରୀ ଏହା ଉପରେ ଦୃଷ୍ଟି ଦାବି ହୋଇଛି।

## ବ୍ୟବହାର ଯୋଗ୍ୟ ହୋଇପାରୁନି ଗୋଷ୍ଠୀ ପରିମଳ କେନ୍ଦ୍ର

ବନ୍ତ/ଆଗରପଡ଼ା,୧।୮ (ସମିସ): ଆଉଦିନ କେଇଟା ପରେ ଉଦ୍‌ଘାଟନକୁ ୨ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ନିର୍ମାଣାଧୀନ ପ୍ରକଳ୍ପ ବ୍ୟବହାର ଯୋଗ୍ୟ ହୋଇପାରୁ ନଥିବା ଅଭିଯୋଗ ହେଉଛି। ବନ୍ତ ବ୍ଲକ ସଦରମହକୁମାରେ ବନ୍ତ ବ୍ଲକ୍ ଓ ପଞ୍ଚାୟତର ମିଳିତ ଆର୍ଥିକ ସହାୟତାରେ ଥାନାଛକରେ ନିର୍ମିତ ହୋଇଥିବା ଗୋଷ୍ଠୀ ପରିମଳ କେନ୍ଦ୍ରଠାରେ ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି।



୨୦୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଭଦ୍ରକ ଆନୁକୁଲ୍ୟରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ୫ମ ଏସଏଫସି (ପିଏସ) ଯୋଜନାରେ ୩ଲକ୍ଷରୁ ଅଧିକ ଅଟକଳ ମୂଲ୍ୟରେ ଏକ ଗୋଷ୍ଠୀ ପାଇଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ୨ବର୍ଷ ପରେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବାରୁ ୨୦୨୨-୨୩ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଅନୁମୋଦିତ ୭ଲକ୍ଷ ଟଙ୍କାରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପରେ ଗତ ୨୦୨୩ ଅଗଷ୍ଟ ୨୪ ତାରିଖରେ ଏହା ଉଦ୍‌ଘାଟନ ହୋଇଥିଲା। ଇତି ମଧ୍ୟରେ ଉଦ୍‌ଘାଟନକୁ ୨ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଗୋଷ୍ଠୀକେନ୍ଦ୍ରଟି ବିଭିନ୍ନ କାରଣରୁ ବ୍ୟବହାର ଯୋଗ୍ୟହୋଇନପାରି ପଡ଼ିରହିଛି। ଯଦ୍ୱାରା ଏହା ସାଧାରଣ ଲୋକଙ୍କ ବ୍ୟବହାରରେ ଲାଗି ପାରୁନାହିଁ। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ନିର୍ମାଣାଧୀନ ପ୍ରକଳ୍ପ ଲୋକଙ୍କ କାମରେ ଲାଗି ପାରୁନଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ ମଧ୍ୟ କରୁଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ଉକ୍ତ ପ୍ରକଳ୍ପରେ ଲାଗିରହିଥିବା ସମସ୍ୟାର ଶୀଘ୍ର ସମାଧାନ କରି ଏହାକୁ ଲୋକମାନଙ୍କ ବ୍ୟବହାର ଯୋଗ୍ୟ କରିବାରେ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ସମାଜସେବୀଙ୍କ ଏକାଦଶାହରେ ସ୍ମୃତିସଭା

ଧାମନଗର,୧।୮ (ସମିସ): ଧାମନଗର ଏନଏସି ଅଧୀନ ଶାମପୁର ଦକ୍ଷିଣବାଡ ଗ୍ରାମର ସମାଜସେବୀ ଡା. ଅଜିତ ପ୍ରସାଦ ଜେନାଙ୍କ ବାପା ତଥା ସମାଜସେବୀ ସ୍ୱର୍ଗତ ଚନ୍ଦ୍ରମଣି ଜେନାଙ୍କ ଏକାଦଶାହ କ୍ରିୟାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ନୋଡାଲ ବିଦ୍ୟାଳୟପଡ଼ିଆରେ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡାଙ୍କ ସଂଚାଳନାରେ ଅତିଥିମାନଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଇ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଜେନାଙ୍କ ଏକାଦଶାହ କ୍ରିୟାରେ ସ୍ମୃତିଚାରଣ କରିଛନ୍ତି ପୂର୍ବତନ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲ ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ଶିକ୍ଷାବିତ ରସାନନ୍ଦ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ନିରାକାର ଧଳ, ରାମଚନ୍ଦ୍ର ସାହୁ ପ୍ରମୁଖ ଆତ୍ମୀୟସ୍ୱଜନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଚନ୍ଦ୍ରମଣି ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଲକ୍ଷ୍ମୀଧର ବେହେରା, ରାଜେଶ ବେହେରା,



ଓମପ୍ରକାଶ ଯେନା, ହେମନ୍ତ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିବାରର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ସ୍ୱର୍ଗତ ଜେନାଙ୍କ ପୁଅ ଡା. ଅଜିତ ପ୍ରସାଦ ଜେନା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଶିଳାନ୍ୟାସକୁ ୨ବର୍ଷ ପୂରିଲା
## ବ୍ଲକ୍‌ସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

ବନ୍ତ/ଆଗରପଡ଼ା,୧।୮ (ସମିସ): ଆଗରପଡ଼ାରେ ୨୦୨୩ ଅଗଷ୍ଟ ମାସରେ ସ୍ଥାନୀୟ ଡାଏଟ ନିକଟସ୍ଥ ପୁରୁଷଣ୍ଡି ମୌଜାର ପ୍ରାୟ ଶହେ ଡିସିମିଲ ପରିମିତ ଜମିରେ ବ୍ଲକ୍‌ସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଥିଲା। ନିର୍ମାଣ ବାବଦରେ ପ୍ରାୟ ଅଢେଇ କୋଟି ଖର୍ଚ୍ଚ ହେବାର ଯୋଜନା ଥିଲା। କିନ୍ତୁ ଇତିମଧ୍ୟରେ ଉକ୍ତ ଯୋଜନାକୁ ୨ବର୍ଷ ବିତିଯିବା ପରେ ମଧ୍ୟ ଏହାର ନିର୍ମାଣରେ ବର୍ତ୍ତମାନର ସରକାରଙ୍କ ଆନ୍ତରିକତା ନଥିବା ପରିଲକ୍ଷିତ ହେଉଥିବାରୁ ବସଷ୍ଟାଣ୍ଡ ନିର୍ମାଣ ସ୍ୱପ୍ନ ଅଧୁରା ରହିଯିବା ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି ଆଗରପଡ଼ା ୩ଟି ଜିଲ୍ଲା ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ସୀମାନ୍ତବର୍ତ୍ତୀ ସ୍ଥାନରେ ଅବସ୍ଥିତ ହୋଇଥିବାରୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ ଅଧିକ ଥିବା ସ୍ଥଳେ ବଜାର ଅଞ୍ଚଳରେ ସ୍ଥାୟୀ ବସ୍‌ଷ୍ଟାଣ୍ଡଟିଏ ନଥିବାରୁ ବିଭିନ୍ନ କାର୍ଯ୍ୟରେ ବିଭିନ୍ନ ଜିଲ୍ଲାକୁ ଯିବା ପାଇଁ ମଧ୍ୟ ସମସ୍ୟା ଉପୁଜିଥାଏ। ଏହାଏକ ପ୍ରମୁଖ ବ୍ୟବସାୟିକ ସ୍ଥଳୀ ହୋଇଥିବାରୁ ଶହଶହ ଗାଡ଼ି ଯିବା ଆସିବା ମଧ୍ୟ କରିଥାନ୍ତି। କିନ୍ତୁ ଏହିପରି ସ୍ଥଳେ ଏଠାରେ କୌଣସି ସ୍ଥାୟୀ ବସ୍‌ଷ୍ଟାଣ୍ଡ ନଥିବାରୁ ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ବିଧାୟକଙ୍କ ପ୍ରଚେଷ୍ଟାରେ ବଜାରଠାରୁ ପାଖାପାଖି ୨କିମି ଦୂର ସ୍ଥାନୀୟ ଡାଏଟ ଛକରେ ୨୦୧୯ ମସିହାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ମୂହୁର୍ତ୍ତରେ ତତ୍କାଳୀନ ସାଂସଦଙ୍କ ଅନୁଦାନ ପାଣ୍ଠିରୁ ୨୦୨୦ ନଭେମ୍ବର ୨୧ ତାରିଖରେ ୧୦ଲକ୍ଷ ଟଙ୍କା ଏହାର ପୂର୍ଣ୍ଣାଙ୍ଗ ପାଇଁ ମଞ୍ଜୁର ହୋଇଥିଲା। କିନ୍ତୁ ଯୋଜନାକୁ ୫ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହା ଫଳକରେ ପରିଲକ୍ଷିତ ହେଉଛି। ସେହିପରି ବନ୍ତରେ ୨୦୧୯ରେ ମୁଖ୍ୟମନ୍ତ୍ରୀଙ୍କ ସ୍ପେସାଲ ପ୍ରୋବ୍ଲେମ ଫଣ୍ଡ ଅନୁଦାନରେ ଏକ ନୂତନ ବସଷ୍ଟାଣ୍ଡ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଉକ୍ତ ଯୋଜନାକୁ ମଧ୍ୟ ୬ବର୍ଷ ପୂରିବାକୁ ବସିଥିବା ବେଳେ ଏହା ମଧ୍ୟ ଯୋଜନାରେ ଅଟକି ଯାଇଥିବାର ଜଣାପଡ଼ିଛି। ତେଣୁ ବସଷ୍ଟାଣ୍ଡ ନିର୍ମାଣକୁ ଯୋଜନା ମଧ୍ୟରେ ଓ ଫଳକରେ ସୀମିତ ନରଖି ଏହାକୁ କାର୍ଯ୍ୟକ୍ଷମ କରିବାକୁ ବର୍ତ୍ତମାନର ସରକାର ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଗାଁ ଗହଳିରେ ବୃଦ୍ଧି ପାଉଛି ବେଆଇନ ମଦ କାରବାର

ବାରିକପୁର,୧।୮ (ସମିସ): ବେଆଇନ ଓ ଅବାଧ ନିଶା କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗ ନିକଟରେ ନାହାନ୍ତି ଆବଶ୍ୟକୀୟ କର୍ମଚାରୀ ଏବଂ ଅଧିକାରୀ। ଫଳରେ ଗାଁ ଗହଳିରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଯାହାକୁ ନେଇ ବୃଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ ଧାମନଗର ଆଦର୍ଶ ଅବକାରୀ ଥାନାଟି ପ୍ରତିଷ୍ଠା ହେବା ଦିନରୁ ଏଠାରେ କର୍ମଚାରୀ ମରୁଡି ଲାଗି ରହିଛି ବୋଲି ବି ଅଭିଯୋଗ ହେଉଚି।



ଥାନା ଅଧୀନରେ ଧାମନଗର, ଧୂଷୁରୀ, ଆରଡ଼ି ଠାରୁ ଆରମ୍ଭ କରି ଭଣ୍ଡାରିପୋଖରୀ ଆଖୁଆପଦା ଯାଏଁ ସୀମା ରହିଛି। ଉକ୍ତ ଆଦର୍ଶ ଥାନାରେ ଜଣେ ଉପ ନିରୀକ୍ଷକଙ୍କ ସମେତ ହାତଗଣତି କେତେଜଣ କର୍ମଚାରୀ ରହିଛନ୍ତି। ଆବଶ୍ୟକ କର୍ମଚାରୀ ପଦବୀ ଦୀର୍ଘ ବର୍ଷ ହେବ ଖାଲି ପଡ଼ିଛି। ଉପନିରୀକ୍ଷକ ଓ କର୍ମଚାରୀ ମାନେ ୭ଟି ଠିପି ବନ୍ଦ ମଦ ଦୋକାନ, ୪ଟି ଠିପି ଖୋଲା, ୩ଗୋଟି ଦେଶୀ ମଦ ଦୋକାନ କଥା ବୁଝୁବୁଝୁ ସମୟ ଯାଉଛି। ଦୋକାନଗୁଡିକ ଠାରୁ ଲାଇସେନ୍ସ ଫି ଆଦାୟ କରିବା ସହିତ ମଦକ୍ରୟ ଓ ବିକ୍ରୟକାଗଜପତ୍ର ପ୍ରସ୍ତୁତ କରିବା ପାଇଁ ବିଭାଗୀୟଅଧିକାରୀ ମାସର ଅର୍ଦ୍ଧାଧିକ ସମୟ ବିତାଇ ଦେଉଛନ୍ତି। ତେଣୁ ସୀମା ପାର ବେଆଇନ ମଦ ଜବତ ସହିତ ଗାଁ ଗାଁରେ ଚୋରା ମଦ ବେପାରୀଙ୍କୁ ଧରିବା ସେତେଟା ଆଉ ସମ୍ଭବ ହେଉନାହିଁ। ତେଣୁ ଅନାଶୟରେ ଦିନକୁ ଦିନ ଭଣ୍ଡାରିପୋଖରୀ ସମେତ ଧାମନଗର ବ୍ଲକ ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି। ଗୋଟେପଟେ କର୍ମଚାରୀ ଅଭାବ ଓ ଅନ୍ୟପଟେ ଆରଡ଼ିରୁ ଆଖୁଆପଦା ଯାଏଁ ସୁଦୀର୍ଘ ପଥକୁ ଆୟତ କରିବା ବିଭାଗ ପକ୍ଷରୁ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। କେବଳ କେତେବେଳେ କେମିତି ଚୋରା ବେପାରୀଙ୍କ ଉପରେ ଚଢ଼ଉ ହେଉଥିଲେ ମଧ୍ୟ କୋହଳ ଆଇନ ଯୋଗୁଁ ବେପାର କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଯେଉଁଥିପାଇଁ ଗାଁ ଗଣ୍ଡାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। କେବଳ ଉକ୍ତ ଅବକାରୀ ଥାନା ନୁହଁ ଜିଲ୍ଲାର ଅନ୍ୟ ଅବକାରୀ ଥାନାଗୁଡ଼ିକର ଅବସ୍ଥା ମଧ୍ୟ ତଦ୍ରୂପ ହୋଇଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା





ଅସୁରାଳି,୧।୮ (ସମିସ): ଧୂଷୁରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧୂଷୁରୀରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ଦେହୁରିଆ, ମୁଖ୍ୟବକ୍ତା ଭାବେ ଯୁବ ସାମ୍ବାଦିକ ତଥା ଧୂଷୁରୀ ପ୍ରେସ ୟୁନିୟନର କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ସମ୍ପାଦକ ରାମମୋହନ ଗୁପ୍ତା, ଧୂଷୁରୀ ପ୍ରେସ ୟୁନିୟନର ସଭାପତି ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଜୟଶ୍ରୀ ଦାସ ବୃତ କଥନ କରିଥିଲେ। ଗୁରୁମା କଳ୍ପନା ଦେବତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଶ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ପ୍ରକଳ୍ପ ଶିଶୁ ବର୍ଗ (ଜୁନିୟର) ୫୪ଜଣ ଶିଶୁ ବର୍ଗରେ ୧୩, ବାଲବର୍ଗରେ ୩ ଜଣ, ବିଜ୍ଞାନ ପ୍ରକଳ୍ପରେ ମୋଟ୍ ୭୦ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଗଣିତ ପ୍ରକଳ୍ପ ଶିଶୁ ବର୍ଗରେ ୧, ବାଲବର୍ଗରେ ୪ ଜଣ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ପ୍ରୟୋଗରେ ଶିଶୁ ବଗରେ ୨, ବାଲବର୍ଗରେ ୨, ସଂସ୍କୃତି ଜ୍ଞାନ ପତ୍ରବାଚନ ଶିଶୁ ବର୍ଗ ୧ ଓ ବାଲବର୍ଗରେ ୩ ଜଣ, ବିଜ୍ଞାନ ପତ୍ରବାଚନ ଶିଶୁ ବର୍ଗରେ ୨, ବାଲବର୍ଗରେ ୨, ବିଜ୍ଞାନ ପ୍ରଶ୍ନମଞ୍ଚ ବାଲବର୍ଗରେ ୯, ଶିଶୁବର୍ଗରେ ୯, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚରେ ୯, ମୂର୍ତ୍ତିକଳା ପ୍ରଦର୍ଶନ ୨ ଓ ଗଣିତ ପ୍ରୟୋଗ ବାଲବର୍ଗରେ ୨ଜଣ ଅଂଶଗ୍ରହଣ କରିଥିଲେ। ଦମୟନ୍ତୀ ସାହୁ, ରଶ୍ମିତା ସାହୁ, ମାନିନୀ ସାହୁ, ମନସ୍ମିତା ମାଝୀ, ରାଧାସ୍ମିତା ମୁଦୁଲି ଓ ପିଙ୍କିରାଣୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ଶିଶୁ ବାଟିକା ଅରୁଣ, ଉଦୟ ଓ ପ୍ରଭାତରେ ଫୁଲ, ଫଳ ଓ ପରିବା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଶିଶୁ ବାଟିକା ପ୍ରମୁଖ ସରୋଜିନୀ ଯେନା ପରିଚାଳନା କରିଥିଲେ। ଜ୍ୟୋତିପ୍ରଭା ସାହୁ ଓ ଅନନ୍ୟା ହାଜରା କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

## ସମସ୍ୟାରେ କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ରୋଗୀ ହନ୍ତସନ୍ତ

ଅସୁରାଳି,୧।୮ (ସମିସ)




ସମସ୍ୟା ସମାଧାନ ପାଇଁ ଦାବି


ଧାମନଗର ବ୍ଲକ୍ କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ଏଠାରେ ଡାକ୍ତର ଏବଂ ଫାର୍ମାସିଷ୍ଟ ଠିକ୍ ସମୟରେ କାର୍ଯ୍ୟକୁ ଆସୁନଥିବାରୁ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। କୋଠାର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବ୍ଲକ୍‌ର ବହୁ ଉପାନ୍ତ ଅଞ୍ଚଳର ଲୋକେ ନିର୍ଭର କରୁଛନ୍ତି। ଧାମନଗର, ଭଦ୍ରକ ଏବଂ ଆରଡ଼ିର ବହୁ ଅପହଞ୍ଚ ତଳିଆ କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳ ସହିତ ପଡ଼ୋଶୀ ଯାଜପୁର ଜିଲ୍ଲାର ଶହ ଶହ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥ ଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କ ପଥରେ ଦୁର୍ଘଟଣାଜନିତ ଆହତ ଲୋକେ ପ୍ରାଥମିକ ଚିକିତ୍ସା ପାଇଁ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଡାକ୍ତରଖାନାଟି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ପରିବର୍ତ୍ତେ ବିଭିନ୍ନ ସମସ୍ୟାରେ ରହିଛି। ଡାକ୍ତରଖାନାରେ ଦୀର୍ଘଦିନ ହେବ ଡାକ୍ତର ଏବଂ ଫାର୍ମାସିଷ୍ଟ ପ୍ରମୁଖ ସମସ୍ୟା ହୋଇ ରହିଆସିଛି। ଠିକ୍ ସମୟରେ ଡାକ୍ତରମାନଙ୍କର ଦେଖାମିଳୁନାହିଁ। ଆଉ ଫାର୍ମାସିଷ୍ଟ କେତେବେଳେ ଆସି କେତେବେଳେ ଯାଉଛନ୍ତି ତାହା ଜଣାପଡ଼େ ନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ ଅନ୍ୟ କର୍ମଚାରୀ ରୋଗୀମାନଙ୍କୁ ଔଷଧ ବିତରଣ କରୁଥିବା ଦେଖିବାକୁ ମିଳୁଛି। ସେକେଣ୍ଡ ଆୱାରରେ ସ୍ୱିପରଙ୍କ ହାତରେ ସେବାକେନ୍ଦ୍ର ରହୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ରାତିରେ ଚିକିତ୍ସାଳୟରେ କେହି ରହୁନାହାନ୍ତି। ଫଳରେ କୌଣସି ଜରୁରୀ ଚିକିତ୍ସାରୁ ରୋଗୀମାନେ ବଞ୍ଚିତ ହେବାସହ ହନ୍ତସନ୍ତ ହେଉଛନ୍ତି। ଏଠାରୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ୧୦ କିମି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦୂରତା ୧୬ କିମି। ତଳିଆ ଅଞ୍ଚଳରେ ଗମନାଗମନ ଅସୁବିଧା ଦୃଷ୍ଟିରୁ ଏହି ଅଞ୍ଚଳରୁ ଶୀଘ୍ର ରୋଗୀ ନେଇ ଧାମନଗର କିମ୍ବା ଭଦ୍ରକରେ ପହଞ୍ଚାଇବା ସମ୍ଭବ ନୁହେଁ। ଫଳରେ ଅନେକ ସମୟରେ ରୋଗୀ ମୃତ୍ୟୁମୁଖରେ ପଡ଼ନ୍ତି। ଏପରିକି କୁକୁର, ବିଲେଇ କାମୁଡ଼ିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତୁରନ୍ତ ଏହି ଡାକ୍ତରଖାନାର ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଶୁକ୍ରବାର ଅପରାହ୍ଣ ୪ଟାରେ ସୁନ୍ଦରପୁର ପଞ୍ଚାୟତରୁ ଜଣେ ଗର୍ଭବତୀ ମହିଳା ଛବିରାଣୀ ଦାସଙ୍କୁ ପ୍ରସବ ନିମନ୍ତେ ଧୂଷୁରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ନର୍ସ ଓ ଡାକ୍ତର ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଛବିରାଣିଙ୍କ ଆର୍ଥିକ ସମ୍ବଳ ସେତେ ଦୃଢ଼ହୋଇ ନଥିବାରୁ ତାଙ୍କ ପାଇଁ ଏହା ମହରଗରୁ ଯାଇ କାନ୍ତାରରେ ପଡ଼ିବା ପରି ପରିସ୍ଥିତି ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ଡାକ୍ତର ସଞ୍ଜୟ ଭୋଇଙ୍କୁ ପଚାରିବାରୁ ସେ କହିଲେ ଛବିରାଣୀ ସ୍ୱତଃପ୍ରବୃତ୍ତ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଧାମନଗର ମେଡିକାଲ ଅଫିସର ମନ୍ମୟ କୁମାର ସାମନ୍ତ ସିଂହାରଙ୍କୁ ପଚାରିବାରୁ ସେ କହିଲେ ଖୁବ୍ ଶୀଘ୍ର ଆବଶ୍ୟକୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ କେତେଦିନ ପର୍ଯ୍ୟନ୍ତ ଚିକିତ୍ସା ନିମନ୍ତେ ହଇରାଣ ହେଉଥିବେ ସାଧାରଣ ଜନତା ଏବଂ ଏହାର ସମାଧାନ ଉତ୍ତରକୁ ଅପେକ୍ଷା କରିଛନ୍ତି ସାଧାରଣ ଜନତା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୧୫ ● ପାଉଣ୍ଡ ୧୧୫.୨୬
- ୟୁରୋ ୧୦୦.୨୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୯,୫୦୦ (ନୂଆଦିଲ୍ଲୀ)
- ରୁପା : ୧,୧୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୯.୦୦
- ନିଫ୍ଟି ୨୪,୫୬୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଟ୍ରମ୍ପଙ୍କ ୨୫% ଟାରିଫ୍‌ର ପ୍ରଭାବ

# ଅଟୋ ଯନ୍ତ୍ରାଂଶରୁ ଚିଙ୍ଗୁଡ଼ି ରପ୍ତାନି ଯାଏ ସବୁରେ ଲାଗିବ ଝଟ୍‌କା

ନୂଆଦିଲ୍ଲୀ,୧।୮ (ଏଜେନ୍ସି)

ବୁଧବାର ଆମେରିକା ଭାରତ ଉପରେ ଘୋଷଣା କରିଥିବା ୨୫ ପ୍ରତିଶତ ଶୁଳ୍କ ଏବେ ସ୍ଥଗିତ ରହିଛି। ଏହି ନୂଆ ଟାରିଫ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହଠାତ୍ ଭାରତ ସମେତ ସମସ୍ତ ଦେଶଙ୍କୁ ଗୋଟିଏ ସପ୍ତାହର ଆଶ୍ୱସ୍ତି ଦେଇଛନ୍ତି। ଏହା ଅଗଷ୍ଟ ୭ରୁ କାର୍ଯ୍ୟକାରୀ ହେବ। ଟ୍ରମ୍ପ ଭାରତ ଉପରେ ଶୁଳ୍କ ଘୋଷଣା କରିବା ସମୟରେ କହିଛନ୍ତି ଯେ ବନ୍ଧୁ ହେବା ସତ୍ତ୍ୱେ, ଭାରତ ଏବଂ ଆମେରିକା ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କରିଛନ୍ତି। ତେବେ ଟ୍ରମ୍ପଙ୍କ ଏହି ଶୁଳ୍କ ଦ୍ୱାରା ଭାରତର କେଉଁ ସବୁ କ୍ଷେତ୍ର ପ୍ରଭାବିତ ହେବ।

ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଆମେରିକାକୁ ଯେଉଁ ସମସ୍ତ ସାମଗ୍ରୀ ଏବଂ କ୍ଷେତ୍ର ରପ୍ତାନି କରେ ତାହା ପ୍ରବଳ ଭାବରେ ପ୍ରଭାବିତ ହେବ। ଉଦାହରଣ ସ୍ୱରୂପ, ଅଟୋ ଯନ୍ତ୍ରାଂଶ ନିର୍ମାଣକାରୀ କମ୍ପାନୀ, ବୟନ ଶିଳ୍ପ, ଧାତୁ ଏବଂ ଔଷଧ କମ୍ପାନୀଗୁଡ଼ିକ ଟ୍ରମ୍ପଙ୍କ ଶୁଳ୍କ ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ମହଙ୍ଗା ମୂଲ୍ୟରେ ଆମେରିକାରେ ଉପଲବ୍ଧ ହେବ। ଏହା ସେମାନଙ୍କର ବିକ୍ରି ହ୍ରାସ କରିବ ଏବଂ କମ୍ପାନୀଗୁଡ଼ିକୁ କ୍ଷତି ସହିବାକୁ ପଡିବ। ଅପରପକ୍ଷେ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି କହିଛନ୍ତି ଯେ ଭାରତର ସାମୁଦ୍ରିକ ଖାଦ୍ୟ, ବିଶେଷକରି ଚିଙ୍ଗୁଡ଼ି ରପ୍ତାନି, ଆମେରିକାର ଏହି ଶୁଳ୍କ ଦ୍ୱାରା ବିଷଶଷ ଭାବରେ ପ୍ରଭାବିତ ହେବ। ଆମେରିକା ଇକ୍ୱେଡର ଉପରେ କମ୍ ଶୁଳ୍କ ଲଗାଇଛି, ଏହା ଦ୍ୱାରା ଏହା ଲାଭବାନ ହେବ। ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିର ପ୍ରାୟ ୬୬% ହେଉଛି ଚିଙ୍ଗୁଡ଼ି। ୨୦୨୪-୨୫ରେ ଭାରତ ୪.୮୮ ବିଲିୟନ ଡଲାର ମୂଲ୍ୟର ଚିଙ୍ଗୁଡ଼ି ରପ୍ତାନି କରିଥିଲା। ଭାରତର ପ୍ରାୟ ଅଧା ଚିଙ୍ଗୁଡ଼ି ରପ୍ତାନି ଆମେରିକାକୁ ଯାଉଛି। ଆହୁରିମଧ୍ୟ ଏହି ଶୁଳ୍କ ଭାରତର ବୟନଶିଳ୍ପ ରପ୍ତାନିକୁ ମଧ୍ୟ ପ୍ରଭାବିତ କରିବ। ବ୍ରିଟେନ୍ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିରୁ ଆମେ ଯେଉଁ ଲାଭ ପାଇଲୁ ତାହା ଆମେରିକାର ଶୁଳ୍କ ଯୋଗୁଁ ନିରପେକ୍ଷ ହୋଇଯିବ। ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୨୫%ପ୍ରତିଶତ ଶୁଳ୍କ ବିଷୟରେ, ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ର ଡିଜି ଏବଂ ସିଇଓ ଡକ୍ଟର ଅଜୟ ସହାୟ କହିଛନ୍ତି, ଭାରତ ଉପରେ ଲାଗୁ କରାଯାଇଥିବା ୨୫% ଶୁଳ୍କ ଟିକେ ଅଧିକ। ଆମେ ଆମେରିକା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କଥାବାର୍ତ୍ତା କରୁଛୁ। ଏହା ବ୍ୟତୀତ, କେଉଁ ଜୋରିମାନା ଲାଗୁ ହେବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେ ଆମେରିକୀୟ ଆମଦାନୀକାରୀଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କ ବିଷୟରେ କଥା ହୋଇପାରିବା, କାରଣ କିଛି ମାସ ମଧ୍ୟରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ହେବ, ଯାହା ଏହି ଶୁଳ୍କକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। ଏଥିଯୋଗୁ ୮୭ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ଆମେରିକାର ନୂତନ ଶୁଳ୍କ ଆମେରିକାକୁ ଭାରତର ସାମଗ୍ରୀ ରପ୍ତାନିକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଏଥିରେ ସାମଗ୍ରୀ ଏବଂ ସେବା ମଧ୍ୟରେ ଶ୍ରମ-ସଘନ ଉତ୍ପାଦ ଯେପରିକି ବୟନଶିଳ୍ପ, ଔଷଧ, ରତ୍ନ ଏବଂ ଅଳଙ୍କାର, ଏବଂ ପେଟ୍ରୋକେମିକାଲ୍ସ କାରବାର ପ୍ରଭାବିତ ହୋଇପାରେ। ଆମେରିକାର ବର୍ତ୍ତମାନ ଭାରତ ସହିତ ୪୫.୭ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟ ଅଛି।




■ କ୍ରେଡାଇ ଭୁବନେଶ୍ୱରରେ ସାଧାରଣ ପରିଷଦ ବୈଠକ

## ଡେଭ୍‌ଲପର ଟିୟର-୨, ଟିୟର-୩ ସହରରେ ନିବେଶ କରନ୍ତୁ: ରାଜ୍ୟପାଳ




ଭୁବନେଶ୍ୱର,୧।୮ (ସମିସ): କନ୍‌ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭ୍‌ଲପର୍ସ ଆସୋସିଏଶନ୍ସ ଅଫ୍ ଇଣ୍ଡିଆ (କ୍ରେଡାଇ) ପକ୍ଷରୁ ଭୁବନେଶ୍ୱରରେ ଏହାର ଇଜିଏମ୍ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୯ ବର୍ଷ ପରେ କ୍ରେଡାଇ ଏହି ବୈଠକ ସହ ରାଜ୍ୟକୁ ଫେରିଛି। ଡେଭ୍‌ଲପରମାନଙ୍କୁ ସନ୍ତୁଳିତ ସହରୀକରଣ ପାଇଁ ଟିୟର ୨ ଓ ଟିୟର ୩ ସହରଗୁଡିକ ଉପରେ ଗୁରୁତ୍ୱ ଦେବା ଏବଂ ସୁଲଭ ଗୃହ ନିର୍ମାଣ, ସବୁଜ ବିକାଶ ଓ ଡିଜିଟାଲ ଭିତିଭୂମି କ୍ଷେତ୍ରରେ ନିବେଶ କରିବା ପାଇଁ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ କ୍ରେଡାଇ ଅଧ୍ୟକ୍ଷ ଶେଖର ଜି ପଟେଲ ଗତ ଦଶନ୍ଧି ମଧ୍ୟରେ ଭୁବନେଶ୍ୱରର ବିବର୍ତନକୁ ଆଲୋକପାତ କରିଥିଲେ। କ୍ରେଡାଇ ଭୁବନେଶ୍ୱରର ସଭାପତି ସୋଫିଆ ଫିରଦୌସ୍ ଭୁବନେଶ୍ୱରକୁ ଇଜିଏମ ପାଇଁ ମନୋନୀତ ହେବା ସହ ସ୍ମାର୍ଟ ସିଟି ମିଶନ ଭଳି ପଦକ୍ଷେପ ସହିତ, ଭୁବନେଶ୍ୱର ପୂର୍ବ ଭାରତର ରିଅଲ୍ ଇଷ୍ଟେଟ୍ ରାଜଧାନୀ ଭାବରେ ଉଭା ହେଉଥିବା କହିଥିଲେ। କ୍ରେଡାଇର ନିର୍ବାଚିତ ସଭାପତି ଜି ରାମ ରେଡ୍ଡି ସଂଗଠନର ବର୍ଦ୍ଧିତ ଜାତୀୟ ଉପସ୍ଥିତି ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱଦେଶ କୁମାର ରାଉତରାୟଙ୍କୁ ସର୍ବସମ୍ମତିକ୍ରମେ ପୂର୍ବ ଜୋନ୍ – କ୍ରେଡାଇ ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଥିଲା। ଏଥିରେ ଏକାମ୍ର ବିଧାୟକ ବାବୁ ସିଂହ, କ୍ରେଡାଇର ବରିଷ୍ଠ ନେତୃତ୍ୱ ଶାନ୍ତିଲାଲ କଟାରିଆ, ପୂର୍ବତନ ସଭାପତି ଶେଖର ରେଡ୍ଡୀ, ରମଣୀ ଶାସ୍ତ୍ରୀ ଏବଂ ମନୋଜ ଗୌର, ପୂର୍ବତନ ଅଧ୍ୟକ୍ଷ କ୍ରେଡାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲ ଅମ୍ବାନୀଙ୍କ ବିରୋଧରେ ଇଡ଼ିର ‘ଲୁକ୍ ଆଉଟ୍ ନୋଟିସ୍’ ଜାରି

ନୂଆଦିଲ୍ଲୀ,୧।୮ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନିଲ ଅମ୍ବାନୀଙ୍କ ବିରୋଧରେ ଆଜି ଲୁକ୍ ଆଉଟ୍ ନୋଟିସ୍ ଜାରି କରିଛି। ଫଳରେ ଅନିଲ ବିନା ଅନୁମତିରେ ଦେଶ ଛାଡିପାରିବେନାହିଁ। ଅନିଲ କମ୍ପାନୀଗୁଡ଼ିକ ସହିତ ଜଡିତ ଏକ ଋଣ ଠକେଇ ମାମଲାର ତଦନ୍ତ ଅନୁଯାୟୀ, ଇଡି ତାଙ୍କ ବିରୁଦ୍ଧରେ ଏହି ଲୁକ୍ ଆଉଟ୍ ସର୍କୁଲାର ଜାରି କରିଛି। ତଦନ୍ତ ଅଧିକାରୀଙ୍କ ଅନୁମତି ବିନା ସେ ଭାରତ ଛାଡିପାରିବେ ନାହିଁ କିମ୍ବା ବିଦେଶ ଯାତ୍ରା କରିପାରିବେ ନାହିଁ। ଯଦି ସେ ବିଦେଶ ଯାତ୍ରା କରନ୍ତି, ତେବେ ତାଙ୍କୁ ବିମାନବନ୍ଦର କିମ୍ବା ସିପିଂ ପୋର୍ଟରେ ଅଟକ ରଖାଯିବ। ଦିଲ୍ଲୀରେ ଇଡି ମୁଖ୍ୟାଳୟରେ ସାକ୍ଷ୍ୟ ଦେବାକୁ ଅମ୍ବାନୀଙ୍କୁ କୁହାଯାଇଛି। ମନି ଲଣ୍ଡରିଂ ନିବାରଣ ଆଇନ ଅନୁଯାୟୀ ତାଙ୍କର ବୟାନ ରେକର୍ଡ କରାଯିବ। ଗତ ସପ୍ତାହରେ ଅମ୍ବାନୀଙ୍କ ବ୍ୟବସାୟିକ ଗ୍ରୁପ ସହିତ ଜଡିତ ଅନେକ କମ୍ପାନୀ ଏବଂ ଅଧିକାରୀଙ୍କ ପରିସରରେ ଚଢାଉ କରାଯିବା ପରେ ଇଡି ଏପରି ସମନ ଜାରି କରିଛି। ଜୁଲାଇ ୨୪ ରୁ ଆରମ୍ଭ ହୋଇ, ଏହି ଚଢାଉ ତିନି ଦିନ ଧରି ଚାଲିଥିଲା ଏବଂ ଅନିଲଙ୍କ ଗ୍ରୁପର ପ୍ରମୁଖ ଅଧିକାରୀମାନଙ୍କ ସମେତ ମୁମ୍ବାଇର ୫୦ କମ୍ପାନୀ ଏବଂ ୨୫ ବ୍ୟକ୍ତି ସହିତ ଜଡିତ ୩୫ ରୁ ଅଧିକ ସ୍ଥାନକୁ ଏଥିରେ ଟାର୍ଗେଟ କରାଯାଇଥିଲା।

**ବିନା ଅନୁମତିରେ ଦେଶ ଛାଡ଼ିବାକୁ ବାରଣ**



### ଏଲ୍‌ଏଏସ୍‌ଆଇ ରିପୋର୍ଟ | ଦେଶର ୭୦% ବୟସ୍କ ଆର୍ଥିକ ଭାବରେ ନିର୍ଭରଶୀଳ

# ଓଡିଶାରେ କମ୍ ଓଜନର ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ସର୍ବାଧିକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି)

ଭାରତର ପ୍ରାୟ ୭୦ ପ୍ରତିଶତ ବୟସ୍କ ଆର୍ଥିକ ଭାବରେ ନିର୍ଭରଶୀଳ। ଏଥିରେ ଅନେକ ଲୋକ ଅବସର ପରେ ମଧ୍ୟ ଜୀବିକା ନିର୍ବାହ ପାଇଁ କାମ କରିଚାଲିଥାନ୍ତି। ଏକ ନୂତନ ରିପୋର୍ଟରୁ ଏହି ସୂଚନା ସାମ୍ନାକୁ ଆସିଛି। ତେବେ ରିପୋର୍ଟରେ ଏକ ତଥ୍ୟ ରହିଛି ଯାହା ବିଚଳିତ କରିବା ଭଳି। ଓଡିଶାରେ କମ ଓଜନର ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ସର୍ବାଧିକ ବୋଲି ଏଥିରେ କୁହାଯାଇଛି।

‘ଭାରତରେ ବୟସ୍କ ବୟସ୍କତା: ଚ୍ୟାଲେଞ୍ଜ ଏବଂ ସୁଯୋଗ’ ଶୀର୍ଷକ ଅଧ୍ୟୟନ ‘ସଂକଳ୍ପ ଫାଉଣ୍ଡେସନ’ ଦ୍ୱାରା ନୀତି ଆୟୋଗ, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଜାତୀୟ ମାନବାଧିକାର କମିଶନଙ୍କ ସହଭାଗିତାରେ ପ୍ରକାଶିତ ହୋଇଛି। ଏହି ରିପୋର୍ଟ ଭାରତରେ ଅଧିକବୟସ୍କତା ଅଧ୍ୟୟନ (ଏଲ୍‌ଏଏସ୍‌ଆଇ) ର ନିଷ୍କର୍ଷ ଉପରେ ଆଧାରିତ, ଯାହା ଭାରତର ଦ୍ରୁତ ବୟସ୍କ ଜନସଂଖ୍ୟାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରୁଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଉନ୍ନତ ଜୀବନକାଳ ସତ୍ତ୍ୱେ, ଅନେକ ଭାରତୀୟ ବୟସ୍କ ଆର୍ଥିକ ଏବଂ ସ୍ୱାସ୍ଥ୍ୟ ଅସୁରକ୍ଷା ସହିତ ବଞ୍ଚୁଛନ୍ତି। ଓଡିଶାରେ ୩୭.୧ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କର ଓଜନ୍ ଆବଶ୍ୟକତାଠାରୁ କମ୍ ରହିଛି। ଦେଶରେ କମ୍ ଓଜନର ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଓଡ଼ିଶାରେ ସର୍ବାଧିକ ଥିବା ରିପୋର୍ଟରେ କୁହାଯାଇଛି।ଓଡ଼ିଶା ପଛକୁ ଉତ୍ତର ପ୍ରଦେଶ ୩୬.୬ ପ୍ରତିଶତ କମ ଓଜନର ବୃଦ୍ଧବୃଦ୍ଧାଙ୍କ ରହିଥିବାବେଳେ ଦାଦ୍ରା ଏବଂ ନଗର ହାଭେଲିରେ ୪୦.୧ ପ୍ରତିଶତ ସହ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ମଧ୍ୟରେ ଏହା ସର୍ବାଧିକ ଥିଲା। ରିପୋର୍ଟରେ କୁହାଯାଇଛି ଯେ ପ୍ରାୟ ୬.୪ ପ୍ରତିଶତ ବୃଦ୍ଧ ବ୍ୟକ୍ତିଗତ ବର୍ଷ ଅତି କମରେ ଥରେ ପୂରା ଦିନ ପାଇଁ କିଛି ଖାଇ ନ ଥିଲେ। ୫.୬ ପ୍ରତିଶତ ଖାଦ୍ୟ ନ ଖାଇ ଭୋକିଲା ରହିଥିଲେ ଏବଂ ୪.୨ ପ୍ରତିଶତ ଗତ ବର୍ଷ ଅତି କମରେ ଥରେ ପୂରା ଦିନ ପାଇଁ କିଛି ଖାଇବାକୁ ପାଇ ନ ଥିଲେ।

- **୨୦୨୪ରେ ୬.୪% ବୃଦ୍ଧ ବର୍ଷରେ ଅତି କମ୍‌ରେ ଥରୁଟିଏ ପୁରା ଦିନ ଖାଇବାକୁ ପାଇ ନ ଥିଲେ**
- **୬୦ ବର୍ଷ ବୟସର ୩୫.୬% ଲୋକ ହୃଦରୋଗ, ଉଚ୍ଚ ରକ୍ତଚାପ, ମଧୁମେହରେ ପୀଡିତ**



ଅପରପକ୍ଷେ ଅଧିକ ଓଜନର ବୟସ୍କଙ୍କ ସଂଖ୍ୟା ଦୃଷ୍ଟିରୁ ପଞ୍ଜାବ ୨୮ ପ୍ରତିଶତ ସହ ସର୍ବାଗ୍ରେ ରହିଥିବାବେଳେ ଚଣ୍ଡିଗଡ଼ ୨୧.୫ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି। ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ୩୫.୬% ଲୋକ ହୃଦରୋଗ, ୩୨% ଉଚ୍ଚ ରକ୍ତଚାପ ଏବଂ ୧୩.୨%ତ ମଧୁମେହରେ ପୀଡିତ ଥିବା ଜଣାପଡିଛି। ଗୋଆ ଏବଂ କେରଳରେ ହୃଦରୋଗ ହାର ସର୍ବାଧିକ (୬୦% ଏବଂ ୫୭%), ଯେତେବେଳେ କି କେରଳରେ ସର୍ବାଧିକ ୩୫%, ପୁଡୁଚେରୀ ୨୮% ଏବଂ ଦିଲ୍ଲୀରେ ୨୬% ରହିଛି। ହାଡ଼ ଏବଂ ସନ୍ଧି ସମସ୍ୟା ମଧ୍ୟ ଚିନ୍ତାର ବିଷୟ। ୧୯% ବୃଦ୍ଧ ବ୍ୟକ୍ତି ଏହି ପ୍ରକାରର ସମସ୍ୟାରେ ପୀଡିତ। ୩୦% ବୟସ୍କଙ୍କ ମଧ୍ୟରେ ମାନସିକ ଅବସାଦର ଲକ୍ଷଣ ଦେଖାଯାଉଛି।

**ଦୁର୍ଗମ ଅଞ୍ଚଳରେ ପୁଣି ଜନନୀ ଯନ୍ତ୍ରଣା**

# ଅଧା ବାଟରେ ପ୍ରସବ କଲେ ଗର୍ଭବତୀ

କୋକସରା,୧।୮ (ସମିସ): ରାଜ୍ୟରେ ଜନନୀ ଯନ୍ତ୍ରଣା ଥମିବାର ନାଁ ନେଉନାହିଁ। ପୁଣି ସାମ୍ନାକୁ ଆସିଛି ଜନନୀ ଯନ୍ତ୍ରଣା। ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଗର୍ଭବତୀଙ୍କୁ ଖଟିଆରେ ବୋହିବୋହି ନେବା ବେଳେ ବାଟରେ ଏକ ଶିଶୁପୁତ୍ରକୁ ମହିଳାଜଣଙ୍କ ଜନ୍ମ ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ପଞ୍ଚାୟତର ସର୍ଗିପାନୀ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

**୩ କିମି ଖଟିଆରେ ବୁହାହେଲେ**

**ରାସ୍ତା ନିର୍ମାଣ ପାଇଁ ବାଧକ ସାଜିଛି ବନ ବିଭାଗ**

ସର୍ଗିପାନୀ ଗାଁର ଚକ୍ର ସାନ୍ତାଙ୍କ ସ୍ତ୍ରୀ ହିରାମଣୀ ସାନ୍ତା(୨୬)ଙ୍କ ଶୁକ୍ରବାର ପ୍ରସବ ଯନ୍ତ୍ରଣା ହୋଇଥିଲା। ଘରଲୋକେ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ତେବେ ରାସ୍ତା ଖରାପ ଥିବା ଯୋଗୁଁ ଗାଁ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯାଇ ନପାରି ଅଧା ରାସ୍ତାରେ ଅଟକି ରହିଥିଲା। ଆଶାକର୍ମୀଙ୍କ ସହ ତାଙ୍କ ପରିବାରଲୋକେ ପ୍ରାୟ ୩କିମି ଦୂର ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବା ପାଇଁ ବ୍ୟବସ୍ଥା କରିଥିଲେ। ଖଟିଆରେ ବୋହି ବୋହି ଆଣିବା ସମୟରେ ଅଧାବାଟରେ ହିରାମଣୀ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ମା’, ଶିଶୁକୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବର୍ତ୍ତମାନ ଉଭୟ ମା’ ଓ ନବଜାତ ଶିଶୁପୁତ୍ର ସୁସ୍ଥ ଥିବା ଜଣାପଡ଼ିଛି।



କୋକସରା ବ୍ଲକର ଆମପାଣି ପଞ୍ଚାୟତର ଉପାନ୍ତ ସର୍ଗିପାନୀ ଗାଁ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ଏହି ଗାଁକୁ ଯିବାକୁ ହେଲେ ଭଲ ରାସ୍ତା ନାହିଁ। ତେଣୁ ରାସ୍ତା ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନ ପାଖରେ ଗାଁ ଲୋକେ ବାରମ୍ବାର ଦାବି କରିଆସୁଛନ୍ତି। ହେଲେ ରାସ୍ତା ମରାମତି ଦିଗରେ ଜଙ୍ଗଲ ବିଭାଗ ବାଧା ସାଜୁଥିବାରୁ ତାହା ସମାଧାନ ହୋଇପାରୁନାହିଁ। ରାସ୍ତା ନ ଥିବା କାରଣରୁ ପୂର୍ବରୁ ମଧ୍ୟ ଆମପାଣି ପଞ୍ଚାୟତର ଉପାନ୍ତରେ ଥିବା ଗାଁଗୁଡ଼ିକରୁ ରୋଗୀ ଓ ଗର୍ଭବତୀ ଖଟିଆରେ ବୁହାହେବା ଖବର ନଜିର ରହିଛି। ଏ ସଂପର୍କରେ କୋକସରା ବିଡିଓ ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ ସଂରକ୍ଷିତ ଅଞ୍ଚଳ ଆସୁଥିବାରୁ ରାସ୍ତା ନିର୍ମାଣ କରିବାକୁ ହେଲେ ସମସ୍ୟା ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି।

# ୧୪ ସନ୍ଦିଗ୍ଧଙ୍କୁ ଉଠାଇନେଲା ଜମ୍ବୁ ପୁଲିସ

ମହାକାଳପଡ଼ା, ୧।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ଥାନା ତଥା ମହାକାଳପଡ଼ା ବ୍ଲକ୍ ରାମନଗର ବଜାରରୁ ୧୪ ଜଣ ସନ୍ଦିଗ୍ଧଙ୍କୁ ଜମ୍ବୁ ସାମୁଦ୍ରିକ ଥାନା ପୁଲିସ ଉଠାଇ ନେଇଛି। ଗୁରୁବାର ରାତିରେ ଏହି ୧୪ଜଣ ରାମନଗର ବଜାରରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ସ୍ଥାନୀୟଲୋକେ ସନ୍ଦେହ ପ୍ରକଟ କରି ପୁଲିସକୁ ସୂଚନା ଦେଇଥିଲେ। ଜମ୍ବୁ ପୁଲିସ ପହଞ୍ଚି ସେମାନଙ୍କ ପରିଚୟ ଯାଞ୍ଚ କରିବା ପାଇଁ ସେମାନଙ୍କୁ ଥାନାକୁ ନେଇଥିଲା। ସେମାନଙ୍କ ଘର ବିହାରରେ ହୋଇଥିବା ବେଳେ ଧାନ ଚାଷରେ ମଜୁରିଆ ଭାବେ ଧାନ ରୁଆ କରିବାକୁ ଆସିଥିବା ପୁଲିସକୁ କହିଥିଲେ। ସେମାନେ ହେଲେ, ମହମ୍ମଦ ଅଲତାଲିଫ, ମହମ୍ମଦ ଲତିଫ, ମହମ୍ମଦ ସରକୁର, ମହମ୍ମଦ ଫାରୁକ, ମହତାବ ଆଲମ, ସାହେବ ଆଲମ, ମେହେବୁବ ଆଲମ, ମହମ୍ମଦ ଜନାରୁଦ୍ଦିନ, ଜିଆ ଉଲ ହକ, ଅବଦୁଲ ରହିମ, ମୁରସିଦା ଆଲମ, ଅଲଫିର ହୁସେନ। ଶୁକ୍ରବାର ଜମ୍ବୁ ସାମୁଦ୍ରିକ ଥାନାରୁ ସେମାନଙ୍କୁ କେନ୍ଦ୍ରାପଡ଼ା ନିଆଯାଇଥିବା ଥାନାଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି। ସେମାନଙ୍କ ଅସଲ ପରିଚୟ ଯାଞ୍ଚ ପାଇଁ ଏସଟିଏଫ ଟିମ ତଦନ୍ତ କଲେ ଅଧିକ ତଥ୍ୟ ଜଣାପଡ଼ିବ। ତେବେ ବଙ୍ଗ ଭାଷାଭାଷୀ ଅଧ୍ୟୁଷିତ ମହାକାଳପଡ଼ା ବ୍ଲକ୍‌ର ରାମନଗର, ଜମ୍ବୁ, ସୁନୀତି, ଖରିନାସୀ, ବତୀଘର ଆଦି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ନିତି ଦିନ ଦେଖିବାକୁ ମିଳୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।



### ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ଦେବା ଘଟଣା

# ପି.ଆର୍ ବଣ୍ଡରେ ପିଅନଙ୍କୁ ଛାଡ଼ିଲା ପୁଲିସ

ମୋହନା,୧।୮ (ସମିସ): ଗଜପତି ଜିଲ୍ଲା ଆର୍. ଉଦୟଗିରି ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ପିଅନ ପାଣି ବଦଳରେ ପରିସ୍ରା ଦେବା ଘଟଣାରେ ଆର୍.ଉଦୟଗିରି କନିଷ୍ଠ ଯନ୍ତ୍ରୀ ସଚିନ ଗୌଡ଼ ଓ ପିଅନ ଶିବ ନାରାୟଣ ନାୟକଙ୍କୁ ଶୁକ୍ରବାର ପଚରାଉଚରା କରିଛି ପୁଲିସ। ପଚରାଉଚରା ପରେ ପିଅନ ଶିବନାରାୟଣଙ୍କୁ ପିଆର୍ ବଣ୍ଡ ୪୧ରେ ଛାଡ଼ି ଦିଆଯାଇଛି। ଏହି ଘଟଣାରେ ଆରଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟରେ ଥିବା ସମସ୍ତ କର୍ମଚାରୀଙ୍କ ପରିସ୍ରା ନମୁନା ପରୀକ୍ଷା କରାଯିବ। ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆର୍.ଉଦୟଗିରି ଏସ୍‌ଡିପିଓ ସୁରେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

**ଯାଞ୍ଚ ହେବ ସମସ୍ତ କର୍ମଚାରୀଙ୍କ ପରିସ୍ରା ନମୁନା**

ଆର୍.ଉଦୟଗିରି ଆରଡବ୍ଲୁଏସଏସ୍ କାର୍ଯ୍ୟାଳୟରେ ଗତ ୨୨ ତାରିଖ ଦିନ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ ଗୌଡ଼ ଯୋଗ ଦେଇଥିଲେ। ୨୩ ତାରିଖ ରାତିରେ ଯନ୍ତ୍ରୀ ତାଙ୍କ ବାସଭବନରେ ଖାଇସାରିବା ପରେ ପିଅନ ଶିବକୁ ପାଣି ମାଗିଥିଲେ। ପିଅନ ଗୋଟିଏ ଷ୍ଟିଲ ବୋତଲରେ ପାଣି ଆଣି ଯନ୍ତ୍ରୀଙ୍କୁ ଦେଇଥିଲେ। ତେବେ ଯନ୍ତ୍ରୀ ପାଣି ପିଇବା ପରେ ତାହା ପରିସ୍ରା ଭଳି ଲାଗିଥିଲା। ତେଣୁ ତାହାକୁ ଆରଡବ୍ଲୁଏସଏସ କାର୍ଯ୍ୟାଳୟରେ ଥିବା ଲାବ୍‌ରେ ପରୀକ୍ଷା କରିଥିଲେ। ଏଥିରେ ପରିସ୍ରା ନମୁନା ବାହାରିଥିଲା। ତେଣୁ ପାଣି ବଦଳରେ ତାଙ୍କୁ ପରିସ୍ରା ଦିଆଯାଇଛି ବୋଲି ଯନ୍ତ୍ରୀଜଣଙ୍କ ଉପରିସ୍ଥ ଅଧିକାରୀଙ୍କୁ ତଦନ୍ତ ପାଇଁ ଜଣାଇଥିଲେ। କୌଣସି ପଦକ୍ଷେପ ନନେବା ପରେ ଗତ ବୁଧବାର ଯନ୍ତ୍ରୀ ଆର.ଉଦୟଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଚଳାଇଛି।

**ଆସିପାରିଲାନି ଆମ୍ବୁଲାନ୍ସ**

# ମା’କୁ ୮ କିମି କାନ୍ଧରେ ବୋହି ମେଡ଼ିକାଲ ନେଲେ ଝିଅ

ବାଲିଗୁଡ଼ା, ୧।୮ (ସମିସ): ମା’କୁ କାମୁଡ଼ିଲା ସାପ। ଆମ୍ବୁଲାନ୍ସକୁ ଫୋନ୍ କଲେ ମଧ୍ୟ ଗାଁକୁ ଭଲ ରାସ୍ତା ନଥିବାରୁ ପହଞ୍ଚିପାରିଲା ନାହିଁ। ୮ କିମି କାନ୍ଧରେ ବୋହି ମେଡ଼ିକାଲ ନେଲେ ଝିଅ। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କଲେ। ମେଡ଼ିକାଲରେ ପହଞ୍ଚିବାରେ ବିଳମ୍ବ ଯୋଗୁଁ ବିଧବା ମା’ର ଚାଲିଗଲା ଜୀବନ। ଏଭଳି ଘଟଣା ଘଟିଛି, କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକ୍ ମୁଣ୍ଡିଗଡ ପଞ୍ଚାୟତ ତେରଲାଙ୍ଗୀ ଗ୍ରାମ ଡୁମେରିପଡ଼ାରେ।

ସୂଚନାନୁସାରେ, ଘର ନିକଟସ୍ଥ ବଗିଚାରେ କାମ କରୁଥିବା ବେଳେ ଗୁରୁବାର ଡୁମେରିପଡ଼ାର ବିଧବା ମହିଳା ବଡ଼ ମାଝୁଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପୁଅ ଓ ଝିଅ ତାଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ଡାକିଥିଲେ। କିନ୍ତୁ ଗାଁକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସି ପାରିନଥିଲା। ଉପାୟଶୂନ୍ୟ ହୋଇ କାନ୍ଧରେ ମା’କୁ ପୁଅ-ଝିଅ ୮କିମି ବୋହିନେବା ପରେ ତୁମୁଡ଼ିବନ୍ଧ ଡାକ୍ତରଖାନାରେ ପହଞ୍ଚିଥିଲେ ପୁଅ। ଶେଷରେ ତୁମୁଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲିଗୁଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ହେଲେ ଗୁରୁବାର ରାତିରେ ବିଧବା ମା’ର ମୃତ୍ୟୁ ହୋଇଥିଲା। ଏନେଇ ତୁମୁଡ଼ିବନ୍ଧ ଥାନାରେ ଏକ ମାମଲା ରୁଜୁ ହେବା ପରେ ପୁଲିସ ବାଲିଗୁଡ଼ାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କିଭଳି କେମିତି ପରିସ୍ଥିତିରେ ଘଟଣା ଘଟିଛି, ସେନେଇ ତଦନ୍ତ କରୁଥିବା ଜଣାପଡିଛି।



**ସାପ କାମୁଡ଼ାରେ ଚାଲିଗଲା ମା’ର ଜୀବନ**

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ପାରିବାରିକ ମତଭେଦ ଦୂର ହେବ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଘର ପାଇଁ ନୂଆ ଜିନିଷ କିଣିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ଗୀତ, ନାଚରେ ସମୟ ଅତିବାହିତ କରିବେ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୯୦- ଆମେରିକାରେ ପ୍ରଥମ ଥର ଜନଗଣନା ହେଲା।
- ୧୯୨୨- ଚୀନ୍‌ରେ ଭୟଙ୍କର ତୋଫାନ ଆସିବାରୁ ୬୦ହଜାର ଲୋକଙ୍କ ମୃତ୍ୟୁ।
- ୧୯୫୫- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୮୪- ୟୁରୋ ଅଦାଲତ ଫୋନ୍ ଟ୍ୟାପିଂର ଆଲୋଚନା କଲା।
- ୧୯୯୦- ଇରାକ୍ କୁଏତ୍ ଉପରେ ଆକ୍ରମଣ କଲା।
- ୨୦୧୦- ପାକିସ୍ତାନରେ ବନ୍ୟା ଯୋଗୁ ୧୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି।



## 'ୱାର୍ ୨'ରେ ଏଣ୍ଟ୍ରିକୁ ନେଇ ବାଣୀଙ୍କ ଖୁଲାସା

ସ୍ପାଇ ଥ୍ରିଲର୍ ମୁଭି 'ୱାର୍'ର ସଫଳତାର ଛଅବର୍ଷ ପରେ ଏହାର ସିକ୍ୱେଲ ଆସୁଛି। ଏଥିରେ ହ୍ରିତିକ୍ ରୋଶନଙ୍କ ସହ ଜୁନିୟର୍ ଏନ୍‌ଟିଆର୍ ଓ କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିବେ। ସିକ୍ୱେଲରେ କିନ୍ତୁ ଟାଇଗର୍ ସ୍ରଫ୍‌ଙ୍କୁ ବାଦ୍ ଦିଆଯାଇଛି। ଏଥିରେ ବାଣୀ କପୁର ନଜର ଆସିପାରନ୍ତି ବୋଲି କିଛି ଦିନ ପୂର୍ବରୁ ଚର୍ଚ୍ଚା ହେଉଥିଲା। ଏବେ ବାଣୀ ଏହାକୁ ନେଇ ଖୁଲାସା କରିଛନ୍ତି।

ବାଣୀ ଏବେ 'ମଣ୍ଡାଲା ମଡର୍ସ' ସହ ଓଟିଟି ଡେବ୍ୟୁ କରିଛନ୍ତି। ଏହି ସିରିଜ୍‌ର ପ୍ରମୋସନ୍ ସମୟରେ ସେ 'ୱାର୍ ୨'ରେ କାମ କରୁନାହାନ୍ତି ବୋଲି କହିଥିଲେ। ତାଙ୍କୁ ଏଥିରୁ ବାଦ୍ ଦିଆଯାଇଥିବାରୁ ଏଥିପାଇଁ ତାଙ୍କର ତିଳେ ବି ଅବଶୋଷ ନ ଥିବା କଥା କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ- ''ୱାର୍'ରେ ମୋତେ ଓ ଟାଇଗର୍‌ଙ୍କୁ ମାରି ଦିଆଯାଇଥିଲା। ଯଦି ଟାଇଗର୍ ଫେରିବେ ତାହେଲେ ମୁଁ ଫେରିବି।' ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ୱାର୍ ୨' ୧୪ ଅଗଷ୍ଟ, ୨୦୨୫ରେ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ ଯଶରାଜ ଫିଲ୍ମସ୍ ରହିଛି।

## ସ୍ୱାମୀଙ୍କ ଟିଫିନ୍ ପ୍ରସ୍ତୁତି ପାଇଁ ସ୍ତ୍ରୀ ନିଅନ୍ତି ଟଙ୍କା



ପ୍ରତ୍ୟେକ ଘରେ ସ୍ତ୍ରୀ ଲୋକମାନେ ହିଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ସେମାନେ ସ୍ୱାମୀମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରି ଅଫିସ୍ ନିମନ୍ତେ ଟିଫିନ୍ ମଧ୍ୟ ପ୍ୟାକ୍ କରନ୍ତି। ଏହି କ୍ରମରେ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ମହିଳା ନିଜ ସ୍ୱାମୀଙ୍କ ଅଫିସ୍ ଟିଫିନ୍ ତିଆରି କରିବା ପାଇଁ ଟଙ୍କା ନେଉଛନ୍ତି। ଏହି ଘଟଣା ଖୋଦ୍ ମହିଳା ଜଣକ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଯାଇଛି। ରେ ନାମ୍ନୀ ଏହି ମହିଳା ଜଣକ ଜଣେ ସୋସିଆଲ ମିଡିଆ କ୍ରିଏଟର। ତାଙ୍କର ଦୁଇଜଣ ସନ୍ତାନ ଅଛନ୍ତି। ତେବେ ତାଙ୍କ ସ୍ୱାମୀଙ୍କ ଟିଫିନ୍ ପ୍ରସ୍ତୁତି ଲାଗି ସେ ଟଙ୍କା ନେଉଥିବା କହିଛନ୍ତି। ପ୍ରତିଦିନ ସେ ଏଥିଲାଗି ଭାରତୀୟ ମୁଦ୍ରାରେ ୧୧୫୦ ଟଙ୍କା ନେଉଛନ୍ତି। ଅବଶ୍ୟ ଏଭଳି କରିବା ପଛର ସେ ଠୋସ୍ କାରଣ ବି ଦର୍ଶାଇଛନ୍ତି। ରେ'ଙ୍କ ମତରେ ଯଦି ତାଙ୍କ ସ୍ୱାମୀ ପ୍ରତିଦିନ ମ୍ୟାକ୍‌ଡୋନାଲ୍ଡ ଭଳି ଅନ୍ୟ ସ୍ଥାନରେ ଖାଦ୍ୟ ଖାଇବା ପାଇଁ ଟଙ୍କା ଦେଇପାରୁଛନ୍ତି, ସେହି ଟଙ୍କା ସେ ନିଜ ସ୍ତ୍ରୀକୁ କାହିଁକି ନ ଦେବେ। ଅନ୍ୟପଟେ ଏଭଳି କରି ସେ ଓ ତାଙ୍କ ସ୍ୱାମୀ ଉଭୟ ଖୁସି ଥିବା କଥା କହିଛନ୍ତି। ଗୋଟେ ପଟେ ତାଙ୍କ ସ୍ୱାମୀ ଖାଦ୍ୟ ଖାଇ ଖୁସି ଥିବା ବେଳେ ରେ' ଏଲାଗି ଟଙ୍କା ନେଇ ଖୁସି ଥିବା କହିଛନ୍ତି। ସେ ତାଙ୍କ ସ୍ୱାମୀଙ୍କ ପାଇଁ ସାଲାଡ୍ ତିଆରି କରିବା ବେଳେ ଏକ ଭିଡିଓ ମାଧ୍ୟମରେ ଏହି କଥା ସେୟାର୍ କରିଛନ୍ତି। ଅନେକ ଲୋକ ତାଙ୍କୁ ସମର୍ଥନ କରିଥିବାବେଳେ କିଛି ଜଣ ତାଙ୍କର ଏହି ଚିନ୍ତାଧାରାକୁ ପସନ୍ଦ କରି ନାହାନ୍ତି। ଅନେକ ତାଙ୍କୁ ଏଥିପାଇଁ ଟ୍ରୋଲ କରିବା ସହ ତାଙ୍କର ଏହି କାମକୁ ଜଣେ ପ୍ରେମରେ ବ୍ୟାପାର ବୋଲି କହିଛନ୍ତି।

## ଜେନ୍ ଜେଡ୍ ଓ ଏନର୍ଜି ଡ୍ରିଙ୍କ

ଆଜିର ଜେନ୍ ଜେଡ୍ ଯୁବପିଢ଼ି ଫିଟ୍‌ନେସ୍ ଏବଂ ସୋସିଆଲ ମିଡିଆ ଟ୍ରେଣ୍ଡକୁ ନେଇ ଅଧିକ ଉତ୍ସାହିତ ରହୁଛନ୍ତି। ଏହି କାରଣ ଯୋଗୁଁ ଏନର୍ଜି ଡ୍ରିଙ୍କର ଚାହିଦା ତଥା ଲୋକପ୍ରିୟତା ବେଶ୍ ବୃଦ୍ଧି ପାଇଛି। ସେହିପରି ଜେନ୍ ଜେଡ୍ ଯୁବପିଢ଼ିଙ୍କ ଜୀବନଶୈଳୀର ଏକ ମୁଖ୍ୟ ଅଂଶ ଏନର୍ଜି ଡ୍ରିଙ୍କ ବୋଲି କହିଲେ କିଛି ଭୁଲ ହେବ ନାହିଁ। ତେବେ ପ୍ରଶ୍ନ ଉଠୁଛି, ଏହି ଡ୍ରିଙ୍କ ଶରୀର ପାଇଁ ହିତକର ନା କ୍ଷତିକାରକ। ଅଧିକାଂଶ ଏନର୍ଜି ଡ୍ରିଙ୍କରେ କେଫିନ, ଚିନି, ଭିଟାମିନ୍ ବି ଏବଂ କିଛି ଅନ୍ୟ ଉପାଦାନ ଥାଏ। ଏଭଳି ଏନର୍ଜି ଡ୍ରିଙ୍କ କମ୍ପାନିଗୁଡ଼ିକ ଏହା ଶରୀରକୁ ଶୀଘ୍ର ଶକ୍ତି ଯୋଗାଇଥାଏ ବୋଲି ଦାବି କରନ୍ତି। ହେଲେ ଏହାର ପ୍ରଭାବ ସବୁବେଳେ ସ୍ୱାସ୍ଥ୍ୟକର ହୋଇ ନ ଥାଏ। ସେହିପରି ଏଭଳି ଏନର୍ଜି ଡ୍ରିଙ୍କରେ ଚା' ଓ କଫିଠାରୁ ଅଧିକମାତ୍ରାରେ କେଫିନ୍ ଥାଏ। ବାରମ୍ବାର ଏହାକୁ ପିଇବା ଦ୍ୱାରା ନିଦ୍ରାହିନତା, ବିଚଳିତ ହେବା ଏବଂ ଜୋର୍‌ରେ ହୃଦ୍ ସ୍ପନ୍ଦନ ହେବା ସହିତ ରକ୍ତଚାପ ଭଳି ସମସ୍ୟା ଦେଖା ଦେଇପାରେ। ସେହିଭଳି ଏଥିରେ ଅଧିକ ପରିମାଣର ଚିନି ରହିଥାଏ। ଏହାଦ୍ୱାରା ଓଜନ ବଢ଼ିବା ସହ ମଧୁମେହ ହେବା ଆଶଙ୍କା ମଧ୍ୟ ଥାଏ। କେବଳ ସେତିକି ନୁହେଁ, ଏହି ପାନୀୟକୁ ଲଗାତାର ପିଇବା ଦ୍ୱାରା ବୃକ୍କ ଓ ଯକୃତ୍ ଉପରେ ମଧ୍ୟ ଚାପ ପଡ଼ିଥାଏ। ଶରୀରରେ ଜଳୀୟ ଅଂଶ କମ୍ ଥିଲେ ଏହାର ପ୍ରଭାବ ଅଧିକ ପଡ଼ିଥାଏ। ତେଣୁ ଜେନ୍ ଜେଡ୍ ଏନର୍ଜି ଡ୍ରିଙ୍କକୁ ସାବଧାନତାର ସହ ପିଇବା ଦରକାର। ଏହାବାଦ୍ ସେମାନେ ଏନ୍‌ର୍ଜି ଡ୍ରିଙ୍କର ବିକଳ୍ପ ଭାବେ ପାଣି, ପଇଡ଼ ପାଣି, ଲେମ୍ବୁ ଓ ମହୁ ପାଣି ପିଇବା ଭଲ। ଅନ୍ୟପଟେ ଉତ୍ତମ ନିଦ୍ରା, ସନ୍ତୁଳିତ ଖାଦ୍ୟ ଏବଂ ନିତିଦିନ ବ୍ୟାୟାମ ହିଁ ଶରୀରକୁ ପ୍ରାକୃତିକ ଭାବେ ଶକ୍ତି ଯୋଗାଇବାର ଏକ ଭଲ ବିକଳ୍ପ।



# ସୁମନ

## ଦୁଃଖୀର ଦରଦୀ ବନ୍ଧୁ



ସତ୍ୟନାରାୟଣ ପ୍ରଧାନ

ମନ ପରା ତାଙ୍କ ଛୋଟ ପିଲା ପରି
ସହି ପାରନ୍ତିନି ଦୁଃଖ
ଦୁଃଖୀ ରଙ୍କିଙ୍କର କରିଥିଲେ ସେବା
ଭୁଲି ପରିବାର ସୁଖ ।।
ନିଜ ପୁଅ କଥା ପଛରେ ପକାଇ
ମାଟି ମାଆ ପୁଅ ଆଗ
ଗରିବ ମୁହଁରେ ହସ ବୁଣି ଦେଇ
ଯେପରି ମିଳେ ସରଗ ।।
ସବୁବେଳେ ଚିନ୍ତା ଅଭାବୀ ମଣିଷ
କେମିତି ବଞ୍ଚିବେ ରହି
ସୁବିଧା ସୁଯୋଗ ଦିଅନ୍ତି ଯୋଗାଇ
ଭୋକିଲା ପେଟକୁ ଚାହିଁ ।।
ଗୋରା ସରକାର କମାଣ ବନ୍ଧୁକ
ତିଳେ ହେଁ ନ ଥିଲା ଡର
ଦେହରେ ଜୀବନ ରହିଥିବା ଯାଏ
ଉଠାଇ ବିଦ୍ରୋହ ସ୍ୱର ।।
ଦେଶ ମାତୃକାର ସୁଯୋଗ୍ୟ ସନ୍ତାନ
ନାମ ତାଙ୍କ ଗୋପବନ୍ଧୁ
କରିଗଲେ ଧନ୍ୟ ଓଡ଼ିଶା ମାଟିକୁ
ଦୁଃଖୀର ଦରଦୀ ବନ୍ଧୁ ।।■

ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪

## ଝରିଯାଉ ବରଷା



ପ୍ରଶାନ୍ତ କୁମାର ଦାଶ

ଝରି ଝରିଯାଉ ଆକାଶୁ ବରଷା
ଓଦା ହେଉ କ୍ଷେତମାଟି
କୃଷକ ରୋଇବ କେତେ ଗଛ ଚାରା
ଫସଲ ଆଣିବ କାଟି ।।
ତହଳ ଖରାର ଦାଉ ଦୂରେ ଯାଉ
ପୂରିଉଠୁ ନଈ ଝର
ନିଦାଘର ତାତି ଦେହରେ ବାଜିଲେ
ଲାଗୁଛି ଛାନିଆ ଡର ।।
କଅଁଳି ଉଠନ୍ତୁ ଘାସ ଗଛଲତା
ସୁନ୍ଦର ଦିଶିବ ଗାଆଁ
ରାଶି ରାଶି ଫୁଲ ଫୁଟିଲେ ଗଛରେ
ମହକ ଛୁଟିବ ଛାଆଁ ।।
ମୁକୁତା ସମାନ ଝଲମଲ ହେଉ
ସୂରୁଜ କଅଁଳ ଖରା
ଚଢ଼େଇ ଗୀତରେ କୋଳାହଳମୟ
ହେଉଯାଉ ପୁଣି ଖରା ।।
କଳା ମଚମଚ ଅନ୍ଧାର ରାତିରେ
ବରଷା ବରଷିଯାଉ
ଉଇ ହୁଙ୍କା ଦେହେ ବରଷା କାଳରେ
ବାଲି ଛତୁ ଫୁଟୁଥାଉ ।।
ବରଷା ପରଶେ ମାଟିର ଦହନ
ଦୁଃଖତକ ଯାଉ ସରି
ଗାଉ ବସି ଗୀତ କାଳିଆ ଭଅଁର
ସୁମନ ସୁରଭି ଧରି ।।■

କୁଞ୍ଜର -ସଙ୍ଗଳାଇ
ପିପିଲି, ପୁରୀ
ମୋ- ୯୬୬୮୮୨୨୧୯୦



## ସକାଳ ଶିଶୁ କୁଇଜ୍-୧୭୩

(୧) ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରର ନାମ କ'ଣ?
ଉତ୍ତର : ____________

(୨) ତାନସେନ୍ କେଉଁ ରାଜାଙ୍କ ଦରବାରରେ ଥିଲେ?
ଉତ୍ତର : ____________

(୩) ମହେନ୍ଦ୍ର ତନୟା ନଦୀ କେଉଁ ପର୍ବତରୁ ବାହାରିଛି?
ଉତ୍ତର : ____________

(୪) ଖଣ୍ଡୁଆ ପାଟ ପାଇଁ ଓଡ଼ିଶାର କେଉଁ ସ୍ଥାନ ପ୍ରସିଦ୍ଧ?
ଉତ୍ତର : ____________

(୫) ରଣଜି ଟ୍ରଫି କେଉଁ ଖେଳ ସହ ସମ୍ପୃକ୍ତ?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଜସ୍ମିନ୍ ହୋତା, ନୀଳଗିରି
- ସରୋଜ ରାଉତ, ରାଜେନ୍ଦ୍ର ନଗର, କଟକ
- ବୈଶାଖୀ ମହାନ୍ତି, ରାଉରକେଲା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



## ଗଛମାନେ ବି କଥା ହୁଅନ୍ତି




ସ୍ନିଗ୍ଧା ନାୟକ

ଘଞ୍ଚ ଜଙ୍ଗଲର ଠିକ୍ ମଝାମଝିରେ ଗୋଟାଏ ବିଶାଳ ବୁଢ଼ା ଶାଳ ଗଛଟିଏ ଥିଲା। ତାକୁ ସମସ୍ତେ ବୁଢ଼ା ଶାଳ ଗଛ କହୁଥିଲେ। ତା'ର ଗଣ୍ଡିଟି ବେଶ୍ ଟାଣୁଆ ଥିଲା । ଶାଖାଗୁଡ଼ିକ ଚାରିଆଡ଼କୁ ବିସ୍ତାରିତ ହୋଇଥିଲା, ଆଉ ଚେର ମାଟିର ବହୁତ ଭିତରକୁ ଚାଲି ଯାଇଥିଲା । ଯଦିଓ ସେ ମଣିଷମାନଙ୍କ ଭଳି ବଡ଼ ପାଟିରେ କଥା କହୁ ନ ଥିଲା କିନ୍ତୁ ତା'ର ଚେର ଦ୍ୱାରା ସେ ଅନ୍ୟ ଗଛଗୁଡ଼ିକ ସହ ଫୁସ୍‌ଫାସ୍ କରି କଥା ହେଉଥିଲା। ଗଛଲତାମାନଙ୍କର ଏହା ଗୋଟିଏ ସ୍ୱତନ୍ତ୍ର ଭାଷା ଅଟେ । ଚେରମାନଙ୍କ ଦ୍ୱାରା ସଙ୍କେତ, ଅଳ୍ପ କମ୍ପନ ଏବଂ ଧୀରେ ଧୀରେ କରି କଥା ହେବା। ଏହାକୁ ବିଜ୍ଞାନ ଭାଷାରେ ଉଡ୍ ୱାଇଡ୍ ୱେବ୍ ବୋଲି କୁହାଯାଏ। ଏହା ମାଟିତଳେ ବିଛାଡ଼ି ହେଇ ପଡ଼ିଥିବା ଏକ ଜୀବନ୍ତ ନେଟ୍‌ୱର୍କ। ଯୋଉଠି ବୃକ୍ଷଲତା ନିଜ ନିଜ ଭିତରେ ଆଳାପ କରନ୍ତି। ଖାଦ୍ୟ ଆଦାନ ପ୍ରଦାନ କରନ୍ତି ଏବଂ ଚେତାବନୀ ମଧ୍ୟ ଦିଅନ୍ତି। ବୁଢ଼ା ଶାଳ ଗଛ ପାଖରେ ଗୋଟିଏ ଛୋଟ ଗଛ ଉଠିଥିଲା। ତା ନାଁ ଥିଲା ଚିକୁ। ଚିକୁର ସବୁ ଜିନିଷ ବିଶେଷକରି ନିଜ ଚାରିପାଖରେ ଘଟୁଥିବା ବିଭିନ୍ନ କଥା ବିଷୟରେ ଜାଣିବା ପାଇଁ ଆଗ୍ରହ ଥାଏ। ଦିନେ ଚିକୁ ବୁଢ଼ା ଶାଳ ଗଛକୁ ପଚାରିଲା "ବୁଢ଼ା ବାପା, ଯେତେବେଳେ ବର୍ଷା ହୁଏ, ମୋ ଚେରଗୁଡ଼ିକରେ କାହିଁକି ଯେ ଗୁଡୁଗୁଡି ହୁଏ?" ବୁଢା ଶାଳ ଗଛଟି କହିଲା- "କାହିଁକି ନା, ମାଟିତଳେ ନେଟ୍‌ୱର୍କମାନେ କଥା ହେଉଛନ୍ତି । ସେମାନେ ଆମକୁ ଜଣାଇବାକୁ ଚାହାନ୍ତି ଯେ, ମାଟି ଓଦା ଅଛି, ନା କୋଉଠି ଆଉ କିଛି ଅସୁବିଧା ଅଛି ।" "ମାନେ? ଗଛମାନେ କ'ଣ ତାହେଲେ ପରସ୍ପରକୁ ସାହାଯ୍ୟ କରନ୍ତି !" ଚିକୁ ଚକିତ ହୋଇ ପଚାରିଲା। "ହଁ, ପୁଅ । ଯଦି ଗଛ ରୋଗଗ୍ରସ୍ତ ହୁଏ କିମ୍ବା ଶୋଷିଲା ଥାଏ ତ ଅନ୍ୟ ଗଛମାନେ ତାକୁ ଖାଦ୍ୟ ଓ ପାଣି ଯୋଗାନ୍ତି। ଏମିତିରେ ହିଁ ତ ଚାଲେ, ଆମମାନଙ୍କ ପରିବାର।" ଚିକୁକୁ ଏସବୁ କଥା ଭାରି ଅଦ୍ଭୁତ ଲାଗୁଥାଏ। ଦିନେ ଜଙ୍ଗଲରେ ଭୟଙ୍କର ଗର୍ଜନ ଶୁଣାଗଲା । ବଡ଼ ବଡ଼ ମେସିନ୍‌ଗୁଡ଼ିକ ଜଙ୍ଗଲ ମଧ୍ୟକୁ ଆସିଥିଲା। ମଣିଷମାନେ କିଛି ଗଛ ଉପରେ ନାଲିରଙ୍ଗର ଚିହ୍ନ ଲଗାଇଲେ । "ଏଇ ଗଛମାନଙ୍କୁ ହାଣି ଦିଆଯିବ ।" ଗୋଟିଏ ବାଉଁଶ ଗଛ ମନଦୁଃଖ କରି କହିଲା। ଚିକୁ ଭୟଭୀତ ହୋଇ ପଡ଼ିଲା। ସେ ଭାବିଲା, "ଯଦି ସବୁ ଗଛମାନଙ୍କୁ ହାଣି ଦିଆଯିବ ତ କଣ ହେବ !" ବୁଢ଼ା ଶାଳ ଗଛଟି ବି ମନଦୁଃଖରେ ଝାଉଁଳି ପଡ଼ିଲା । ଗଛର ଚେରମାନେ କାନ୍ଦିବା ଆରମ୍ଭ କଲେ। ନେଟ୍‌ୱର୍କ ଭାଙ୍ଗିଗଲା। ସେମାନଙ୍କର ହୃଦୟର ସ୍ପନ୍ଦନ ଧକ୍ ଧକ୍ କରିବା ବନ୍ଦ କରିଦେଲା। ସେ ରାତିରେ ଚିକୁକୁ ଅନୁଭବ ହେଲା - ଗଛର ଜଡ଼ ସାହାଯ୍ୟ ଚାହୁଁଛନ୍ତି। ନିମ୍ବଗଛ, ଅନିତା ଦିଦି ଦୁର୍ବଳ ହେଇ ପଡ଼ିଥିଲେ । ଚିକୁ ବୁଢ଼ା ଶାଳ ଗଛଙ୍କୁ ସଂକେତ ଦେଲା ନିମ୍ବ ଅନିତା ଦିଦିଙ୍କୁ ପ୍ରବଳ ଶୋଷ ହେଉଛି ।" ଚିକୁ ଓ ବୁଢ଼ା ଶାଳ ଗଛ ଦିହେଁ ମିଶି ନିଜ ଚେର ସାହାଯ୍ୟରେ ଅନିତା ଦିଦି ପର୍ଯ୍ୟନ୍ତ ପାଣି ଓ ପୋଷଣ ପଠାଇଲେ । ସକାଳକୁ ଅନିତା ଦିଦିଙ୍କ ପତ୍ରଗୁଡ଼ିକ ପୁଣି ସତେଜ ଦେଖାଗଲେ । " ଧନ୍ୟବାଦ୍ ।" ନିମ୍ବ ଅନିତା ଦିଦି ଧିର ସ୍ୱରରେ ଜଣାଇଲେ । ଚିକୁ ଏହି ନେଟ୍‌ୱର୍କର ଅଂଶ ହୋଇ ପ୍ରସନ୍ନ ହେବା ସହ ଗର୍ବିତ ମଧ୍ୟ ଥିଲା । କିନ୍ତୁ ବିପଦ ଟଳି ନ ଥିଲା । ବଡ଼ ବଡ଼ ମେସିନ୍‌ମାନେ ପୁଣି ଘୋ - ଘୋ..., ଶବ୍ଦ କରି ଆସିଲେ । ସେମାନେ ବୁଢ଼ା ଶାଳ ଗଛ ପାଖରେ ଯାଇ ହାଜର ହେଲେ । ଠିକ୍ ଏତିକିବେଳେ ସ୍କୁଲ ପିଲାମାନଙ୍କ ଗୋଟିଏ ଦଳ ଜଙ୍ଗଲ ଭିତରକୁ ଦଉଡ଼ି ଆସିଲା । ସେମାନଙ୍କ ହାତରେ ଗୋଟିଏ ଲେଖାଏଁ ପୋଷ୍ଟର ଥିଲା । ଯୋଉଥିରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା - " ଆମ ଜଙ୍ଗଲକୁ ବଞ୍ଚିବାକୁ ଦିଅ ।" "ସେମାନେ କଥା କୁହନ୍ତି, ସେମାନଙ୍କର ବି ଜୀବନ ଅଛି ।" ଗୋଟିଏ ଛୋଟ ଝିଅ ବୁଢ଼ା ଶାଳ ଗଛକୁ କୁଣ୍ଢାଇ ଧରି କହିଲା । "ଆମେ ଆପଣମାନଙ୍କୁ ଗଛ କାଟିବାକୁ ଦେବୁନାହିଁ ।"


ମେସିନ୍ ବନ୍ଦ ହେଇଗଲା । ପିଲାମାନଙ୍କ ଜିଦ୍ ଆଗରେ ହାରିଯାଇ ମଣିଷମାନେ ସେମାନଙ୍କ ଯନ୍ତ୍ରପାତି ସହ ଫେରିଗଲେ । ଜଙ୍ଗଲର ଅଟକି ଯାଇଥିବା ନିଃଶ୍ୱାସ ପୁଣି ଫେରି ଆସିଲା । ସେଦିନ ରାତିରେ ଚିକୁ ପଚାରିଲା, " କ'ଣ ପିଲାମାନେ ଆମ କଥା ଶୁଣିଲେ ? " ବୁଢ଼ା ଶାଳ ଗଛ ହସିଦେଇ କହିଲେ," ହଁ, ବୋଧେ କାନରୁ ତ ନୁହଁ କିନ୍ତୁ ହୃଦୟରୁ ନିଶ୍ଚୟ ।" ମାଟି ଭିତରେ ଚେରଗୁଡ଼ିକ ଚମକି ଉଠିଲେ, ଖୁସିର ସନ୍ଦେଶ ଜଙ୍ଗଲ ସାରା ଦୌଡୁଥିଲା। ଚିକୁ ନିଜ ଆଖି ବନ୍ଦ କଲା । ସେ କେବଳ ଗୋଟିଏ ଛୋଟ ଗଛ ନ ଥିଲା, ସେ କଥା କହୁଥିବା ଜଡ଼ମାନଙ୍କ ସ୍ୱର ଥିଲା। ଗଛ ଆମପାଇଁ କେତେ ଉପକାରୀ, ଆମେ ବେଶ୍ ଜାଣୁ। ଗଛମାନେ ଖାଲି ଛିଡ଼ା ହୋଇ ରହିନଥାନ୍ତି । ସେମାନେ ପରସ୍ପର ସହ କଥା ହୁଅନ୍ତି । ନିଜ ନିଜ ଭାବର ଆଦାନ ପ୍ରଦାନ କରନ୍ତି । ଆବଶ୍ୟକ ସ୍ଥଳେ ପରସ୍ପରକୁ ସାହାଯ୍ୟ କରନ୍ତି, ପରସ୍ପରର ସୁଖଦୁଃଖ ବୁଝନ୍ତି। ମାଟିତଳେ ସେମାନଙ୍କର ନେଟ୍‌ୱର୍କ ଥାଏ । ଆମେ ସେମାନଙ୍କୁ ସୁରକ୍ଷା ଦେଇ, ଅସୁବିଧାଗୁଡ଼ିକରୁ ଦୂରେଇ ରଖିବା ଉଚିତ୍। ସେମାନଙ୍କ ସ୍ୱର ଆମକୁ ସିନା ଶୁଣା ଯାଏନି କିନ୍ତୁ ଆମ ପାଦ ତଳର ମାଟିରେ ଉପସ୍ଥିତ ଥାଏ ।■

ମୋ- ୯୫୭୧୦୩୩୨୭





ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ମୁସ୍କାନ ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଭୁବନେଶ୍ୱର





ସାଇ ଶିବେଶ ବେହେରା
ସପ୍ତମ ଶ୍ରେଣୀ
କାମେମେଲ୍ ସ୍କୁଲ
ରାଉରକେଲା





ସାଗର ହାଁସଦା
ନବମ ଶ୍ରେଣୀ
ବିସିପୁର ଉଚ୍ଚ ବିଦ୍ୟାଳୟ
ମୟୂରଭଞ୍ଜ

# ଓଭାଲ ଟେଷ୍ଟ: ଦ୍ୱିତୀୟ ଦିବସ

# ଇଂଲଣ୍ଡର ଇନିଂସ ଅଗ୍ରଣୀ

ଲଣ୍ଡନ, ୧।୮ (ଏଜେନ୍ସି)

ସ୍ଥାନୀୟ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଭ୍ରମଣକାରୀ ଭାରତ ବିପକ୍ଷରେ ଚାଲିଥିବା ନିର୍ଣ୍ଣାୟକ ୫ମ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଭାରତ ପ୍ରଥମ ଇନିଂସରେ ୨୨୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ଜବାବରେ ଘରୋଇ ଦଳ ଦ୍ୱିତୀୟ ଦିବସ ଶେଷ ଖବର ସୁଦ୍ଧା ୪୬ ଓଭରରେ ୭ ୱିକେଟ୍ ହରାଇ ୨୩୦ ରନ କରିଛି। ଫଳରେ ଇଂଲଣ୍ଡ ୬ ରନରେ ଅଗ୍ରଣୀ ହାସଲ କରିଛି। ଏହି ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ୨-୧ରେ ସିରିଜ ଆଗୁଆ ରହିଛି। ପଞ୍ଚମ ଟେଷ୍ଟରେ ଭାରତ ବିଜୟୀ ହେଲେ ସିରିଜ ୨-୨ରେ ଡ୍ର ରହିବ। ଯଦି ଏହି ମୁକାବିଲା ଡ୍ର ରୁହେ ତେବେ ଘରୋଇ ଦଳ ୨-୧ରେ ସିରିଜ ହାତେଇନେବ। ତେଣୁ ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ସଦୃଶ ହୋଇଛି।

ଶୁକ୍ରବାର ଭାରତର ୨୨୪ ରନ ଜବାବରେ ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜ୍ୟାକ୍ କ୍ରାଲୀ ଓ ବେନ୍ ଡକେଟ୍ ସମ୍ପୂର୍ଣ୍ଣ ଟି-୨୦ ଶୈଳୀରେ ଖେଳିଥିଲେ। ଉଭୟ ଭାରତୀୟ ଦ୍ରୁତ ବୋଲର୍‌ଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ଏପରିକି ୪୨ ବଲରେ ଦଳ ୫୦ ରନ ପୂରଣ କରିଥିଲା। ଏହାପରେ ୧୨.୫ ଓଭରରେ ୯୨ ରନ ଉଠାଇବା ପରେ ଏହି ଯୋଡ଼ି ଭାଙ୍ଗିଥିଲା। ଡକେଟ୍‌ଙ୍କୁ ୪୩ ରନରେ ଆଉଟ୍ କରି ଆକାଶଦୀପ୍ ଭାରତକୁ ଏହି ପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ଡକେଟ୍ ୩୮ ବଲ୍ ଖେଳି ୫ ଚୌକା ଓ ୨ ଛକା ସହ ୪୩ ରନ କରିଥିଲେ। ଏହାପରେ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ଅନ୍ୟତମ ଓପନର୍ କ୍ରାଲୀ ମଧ ୬୪ ରନ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଶିକାର ବନିଥିଲେ। ସେ ତାଙ୍କ ୫୭ ବଲ୍ ପାଳିରେ ୧୪ ଚୌକା ମାରିଥିଲେ। ଏହି ଦୁଇ ଖେଳାଳିଙ୍କ ଆଉଟ୍ ପରେ ଇଂଲଣ୍ଡର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଚା'ପାନ ବିରତି ବେଳକୁ ଦଳ ୪୨.୫ ଓଭରରେ ୭ ୱିକେଟ୍ ହରାଇ ୨୧୫ ରନ କରିଥିଲା। ମଧ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାମଚଳା ଅଧିନାୟକ ଓଲି ପୋପ୍ ୨୨, ଜୋ ରୁଟ୍ ୨୯, ଜ୍ୟାକବ ବେଥେଲ ୬ ଓ ଜେମି ସ୍ମିଥ୍ ୮ ରନ କରି ଆଉଟ୍ ହୋଇଥିଲେ। ହ୍ୟାରୀ ବ୍ରୁକ୍ ୪୦ ରନ କରି ଖେଳୁଛନ୍ତି। ଭାରତୀୟ ଦଳ ପକ୍ଷରୁ ସଫଳ ବୋଲର ଭାବେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏ ଏବଂ ଆକାଶଦୀପ୍ ଗୋଟିଏ ୱିକେଟ ନେଇଛନ୍ତି।

ପୂର୍ବରୁ ଭାରତ ଏହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୪/୬ରୁ ଶୁକ୍ରବାର ଖେଳ ଆରମ୍ଭ କରି ଆଉ ୨୦ ରନ ଯୋଡ଼ି ବଳକା ୪ ୱିକେଟ୍ ହରାଇଥିଲା। ୫୨ ରନ କରି ଅପରାଜିତ ରହିଥିବା କରୁନ ନାୟାର ଆଜି ୫ ରନ ଯୋଡ଼ି ୫୭ ରନରେ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ୱାଶିଂଟନ ସୁନ୍ଦର ୨୬ ରନ କରିଥିବାବେଳେ ସିରାଜ ଓ ପ୍ରସିଦ୍ଧ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ଗସ୍ ଆଟକିନସନ ୫ଟି, ଜୋଶ୍ ଟଙ୍ଗ ୩ଟି ୱିକେଟ୍ ନେଇଥିଲେ।



### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ପାଳି: ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁନ୍ଦର-୨୬, ଜୁରେଲ-୧୯, ଗିଲ୍- ୨୧, ରାହୁଲ-୧୪, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ- ୩/୫୭)।**

**ଇଂଲଣ୍ଡ ପ୍ରଥମ ପାଳି: ୨୩୦/୭. ୪୬ ଓଭର ସୁଦ୍ଧା (କ୍ରାଲୀ- ୬୪, ଡକେଟ- ୪୩, ପୋପ୍- ୨୨, ରୁଟ୍- ୨୯, ବ୍ରୁକ୍- ଅପରାଜିତ- ୪୦, ସିରାଜ- ୩/୬୬, ପ୍ରସିଦ୍ଧ- ୩/୫୧, ଆକାଶଦୀପ୍- ୧/୮୦)।**

## ଆହତ ୱକ୍ସ ଆଉ ଖେଳିବେନି



ଗୁରୁତ୍ୱପୂର୍ଣ୍ଣ ୫ମ ଟେଷ୍ଟର ଦ୍ୱିତୀୟ ଦିବସରେ ଘରୋଇ ଇଂଲଣ୍ଡକୁ ଶକ୍ତ ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇଂଲଣ୍ଡର ପ୍ରମୁଖ ଦ୍ରୁତ ବୋଲର କ୍ରିସ୍ ୱକ୍ସ ଏହି ମ୍ୟାଚର ଅବଶିଷ୍ଟ ମୁକାବିଲାରେ ଆଉ ଖେଳିପାରିବେ ନାହିଁ। ୩୬ ବର୍ଷୀୟ ୱକ୍ସ ଗୁରୁବାର ପ୍ରଥମ ଦିବସରେ ଭାରତୀୟ ପାଳିର ୫୭ତମ ଓଭରରେ ବୋଲିଂ କରୁଥିବାବେଳେ ଡାହାଣ ହାତର କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ସେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ ଏବଂ ଆଉ ଆସି ନ ଥିଲେ। ଶୁକ୍ରବାର ୨ୟ ଦିବସ ଖେଳ ଆରମ୍ଭରୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୱକ୍ସଙ୍କ ଆଘାତ ସମସ୍ୟା ଗୁରୁତର ଥିବାରୁ ସେ ଏହି ମ୍ୟାଚର ଅବଶିଷ୍ଟ ମୁକାବିଲାରେ ଆଉ ଖେଳିପାରିବେ ନାହିଁ। ଫଳରେ ଇଂଲଣ୍ଡ ପାଇଁ ଏହା ଏକ ବଡ଼ ଧକ୍କା କହିଲେ କିଛି କମ୍ ହେବ ନାହିଁ। ମାତ୍ର ୩ଜଣ ସ୍ପେଶାଲିଷ୍ଟ ବୋଲର ଗସ୍ ଆଟକିନସନ, ଜୋଶ୍ ଟଙ୍ଗ୍ ଓ ଜେମି ଓଭରଟନ୍‌ଙ୍କୁ ନେଇ ଇଂଲଣ୍ଡ ଏବେ ଭାରତର ଦ୍ୱିତୀୟ ପାଳିରେ ପଡ଼ିଆକୁ ଓହ୍ଲାଇବ। ସେହିଭଳି ବାମହାତୀ ସ୍ପିନର ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କ ସହ ଜୋ ରୁଟ୍ କାମଚଳା ସ୍ପିନ ଦାୟିତ୍ୱ ତୁଲାଇବେ। ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିରେ ୱକ୍ସ ଇଂଲଣ୍ଡର ଏକମାତ୍ର ଦ୍ରୁତ ବୋଲର ଥିଲେ ଯିଏକି ୫ଟି ଯାକ ଟେଷ୍ଟ ଖେଳିବାର ସୌଭାଗ୍ୟ ପାଇଥିଲେ। ପୂର୍ବରୁ ନିୟମିତ ଅଧିନାୟକ ବେନ୍ ଷ୍ଟୋକ୍ସ ଆଘାତ ପାଇ ଏହି ଟେଷ୍ଟରୁ ବାଦ୍ ପଡ଼ିଥିଲେ।

## ମାକାଉ ଓପନ୍ | ଲକ୍ଷ୍ୟ, ତରୁଣ ସେମିରେ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦୁଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଓ ତରୁଣ ମାନେପାଲ୍ଲି ମାକାଉ ଓପନ୍ ପ୍ରତିଯୋଗିତାରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଉଭୟ ସହଜ ବିଜୟ ହାସଲ ସହ ଅଗ୍ରଗତି କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଲକ୍ଷ୍ୟ ସେନ୍ ୨୧-୧୪, ୧୮-୨୧, ୨୧-୧୪ ଗେମ୍‌ରେ ଚାଇନାର ଜୁଆନ୍ ଚେନ୍‌ଙ୍କୁ କ୍ୱାର୍ଟରରେ ହରାଇଥିଲେ। ସେହିଭଳି ୨୩ ବର୍ଷୀୟ ଉଦୀୟମାନ ଖେଳାଳି ତରୁଣ ୨୧-୧୨, ୧୩-୨୧, ୨୧-୧୮ରେ ଅନ୍ୟତମ ଚାଇନା ଖେଳାଳି ହୁ ଝେ'ଙ୍କୁ ମାତ୍ ଦେଇଥିଲେ।



ତରୁଣ ମାନେପାଲ୍ଲି

● ଅଢ଼େଇ ଦିନରେ ଲଢ଼େଇ ହାରିଲ ଜିମ୍ବାୱେ

## ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡର ବାଜିମାତ୍

ବୁଲାୱାୟୋ, ୧।୮ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଜିମ୍ବାୱେ ମାତ୍ର ଅଢ଼େଇ ଦିନରେ ଆତ୍ମସମର୍ପଣ କରିନେଇଛି। ମ୍ୟାଚର ତୃତୀୟ ଦିବସର ଚା'ପାନ ବିରତି ପରେ ନ୍ୟୁଜିଲାଣ୍ଡ ଏହି ମ୍ୟାଚକୁ ସହଜରେ ୯ ୱିକେଟ୍‌ରେ ଜିତିନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୮ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଡେଭନ କନୱେ (୪)ଙ୍କ ୱିକେଟ୍ ହରାଇ ୧୦ଟି ବଲରେ ଜିତିନେଇଥିଲା। ପୂର୍ବରୁ ୧୫୮ ରନରେ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜିମ୍ବାୱେ ଗୁରୁବାର ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ୨ ୱିକେଟ୍ ହରାଇ ୩୧ ରନ କରିଥିଲା। ଶୁକ୍ରବାର ଏହି ଅସମାପ୍ତ ୨ୟ ପାଳିରୁ ବ୍ୟାଟିଂ ଆରମ୍ଭ କରି ଜିମ୍ବାୱେ ୬୭.୧ ଓଭରରେ ୧୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସିନ ୱିଲିୟମ୍ସ ସର୍ବାଧିକ ୪୯ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ଅଧିନାୟକ ମିଚେଲ ସାଣ୍ଟନର ୪ ଏବଂ ମ୍ୟାଟ୍ ହେନରୀ ଓ ୱିଲିୟମ ଓ'ରୁକ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ପାଳିରେ ୬ଟି ୱିକେଟ୍ ନେଇଥିବା ହେନରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅନ୍ତିମ ତଥା ୨ୟ ମ୍ୟାଚ୍ ଅଗଷ୍ଟ ୭ରୁ ଏଠାରେ ଆରମ୍ଭ ହେବ।

### ସଂକ୍ଷିପ୍ତ ସ୍କୋର

ଜିମ୍ବାୱେ ପ୍ରଥମ ପାଳି: ୧୪୯
ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୩୦୭
ଜିମ୍ବାୱେ ୨ୟ ପାଳି: ୧୬୫
ନ୍ୟୁଜିଲାଣ୍ଡ ୨ୟ ପାଳି: ୮/୧

ଅଗଷ୍ଟ ୨୮ରୁ ଦୁଲିପ ଟ୍ରଫି ଦୁଲୀପ୍ ଟ୍ରଫି

## ପଶ୍ଚିମାଞ୍ଚଳର ଦଳରେ ୭ ମୁମ୍ବାଇ ଖେଳାଳି

ମୁମ୍ବଇ, ୧।୮ (ଏଜେନ୍ସି): ସମ୍ମାନଜନକ ଦୁଲୀପ୍ ଟ୍ରଫିରୁ ବିସିସିଆଇର ଚଳିତ ଘରୋଇ ସିଜନ ଆରମ୍ଭ ହେବ। ଅଗଷ୍ଟ ୨୮ରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ଶୁକ୍ରବାର ପଶ୍ଚିମାଞ୍ଚଳ ଦଳ ଘୋଷଣା ହୋଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କୁ ଘୋଷିତ ୧୫ ଜଣିଆ ପଶ୍ଚିମାଞ୍ଚଳ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସ୍ଥାନୀୟ ଶରଦ ପାୱାର ଇଣ୍ଡୋର କ୍ରିକେଟ୍ ଏକାଡେମୀରେ ବସିଥିବା ଚୟନ ବୈଠକରେ ମୁମ୍ବାଇର ସର୍ବାଧିକ ୭ଜଣ ଖେଳାଳିଙ୍କୁ ଦଳରେ ନିଆଯାଇଛି। ସେହିଭଳି ଗୁଜରାଟର ୪ଜଣ ଏବଂ ମହାରାଷ୍ଟ୍ର ଓ ସୌରାଷ୍ଟ୍ରର ୨ଜଣ ଲେଖାଏ ଖେଳାଳି ପଶ୍ଚିମାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି। ଅଧିନାୟକ ଶାର୍ଦ୍ଦୁଳଙ୍କ ବ୍ୟତୀତ ଯଶସ୍ୱୀ ଜୟସ୍ୱାଲ, ଶ୍ରେୟାସ ଆୟର, ସର୍ଫରାଜ ଖାନ, ତୁଷାର ଦେଶପାଣ୍ଡେ, ତନୁଷ କୋଟିଆନ ଓ ସାମ୍ସ ମୁଲାନୀ ମୁମ୍ବଇର ରହିଛନ୍ତି।

## ପୂର୍ବାଞ୍ଚଳ ଦଳରେ ସନ୍ଦୀପ ପଟ୍ଟନାୟକ

### ଷ୍ଟାଣ୍ଡବାଏ ତାଲିକାରେ ଆଶୀର୍ବାଦ ଓ ସ୍ୱସ୍ତିକ



ସନ୍ଦୀପ ପଟ୍ଟନାୟକ



ଆଶୀର୍ବାଦ ସ୍ୱାଇଁ




ସ୍ୱସ୍ତିକ ସାମଲ

କଟକ,୧।୮ (ସମିସ): ବେଙ୍ଗାଲୁରୁରେ ଆସନ୍ତା ୨୮ରୁ ଦୁଲିପ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଘୋଷିତ ୧୫ ଜଣିଆ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସନ୍ଦୀପ ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଝାଡ଼ଖଣ୍ଡର ଅନ୍ତର୍ଜାତୀୟ କ୍ରିକେଟର ଇଶାନ କିଶାନ ପୂର୍ବାଞ୍ଚଳ ଦଳର ନେତୃତ୍ୱ ନେବେ। ଏହାଛଡ଼ା ଓଡ଼ିଶାର ଆଉ ୨ ଖେଳାଳି ଆଶୀର୍ବାଦ ସ୍ୱାଇଁ ଏବଂ ସ୍ୱସ୍ତିକ ସାମଲ ଦଳର ଷ୍ଟାଣ୍ଡବାଏ ତାଲିକାରେ ରହିଛନ୍ତି। ୨୭ବର୍ଷୀୟ ଅଲରାଉଣ୍ଡର ସନ୍ଦୀପଙ୍କୁ ଗତ ସିଜନରେ ରାଜ୍ୟ ଦଳର ନେତୃତ୍ୱ ମିଳିଥିଲା। ରଣଜୀ ଟ୍ରଫିର କେବଳ ଶେଷ ଦୁଇ ମ୍ୟାଚ୍‌ରେ ସେ ନେତୃତ୍ୱ ନେଇଥିଲେ। ତେବେ ସିଜନରେ ସନ୍ଦୀପ ଓଡ଼ିଶା ନିମନ୍ତେ ସର୍ବାଧିକ ରନ ସଂଗ୍ରହକାରୀ ରହିଥିଲେ। ସେ ୬ଟି ମ୍ୟାଚ୍‌ରୁ ୪୩୫ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗୋଟିଏ ଶତକ ଏବଂ ୨ଟି ଅର୍ଦ୍ଧଶତକ ରହିଥିଲା। ନବାଗତ ଯୁବ ୱିକେଟକିପର ଆଶୀର୍ବାଦ ସ୍ୱାଇଁ ଏବଂ ଓପନିଂ ବ୍ୟାଟର ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଖଲିଦ ଜାମିଲ ଭାରତୀୟ ଫୁଟ୍‌ବଲ ଦଳର ନୂଆ ପ୍ରଶିକ୍ଷକ

ନୂଆଦିଲ୍ଲୀ, ୧।୦୮: ପୂର୍ବତନ ମଧ୍ୟଭାଗ ଖେଳାଳି ଖଲିଦ ଜାମିଲ ଭାରତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ଓ ଟେକ୍‌ନିକାଲ କମିଟି ଜାମିଲଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଫଳରେ ଦୀର୍ଘ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ପଦ ମଣ୍ଡନ କରିଛନ୍ତି। ଶେଷଥର ଲାଗି ୨୦୧୧-୧୨ରେ ସାଭିଓ ମେଡେଇରା ଭାରତୀୟ ଭାବେ ଜାତୀୟ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରେ କାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ସ୍ପେନର ମନୋଲୋ ମରକ୍ୟୁଜଙ୍କ ଇସ୍ତଫା ପରେ ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଖାଲି ପଡ଼ିଥିଲା। ୪୮ ବର୍ଷୀୟ ଜାମିଲ ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ଭାରତୀୟ ଦଳ ପାଇଁ ୪୦ ମ୍ୟାଚ୍ ଖେଳି ୪ଟି ଗୋଲ୍ ଦେଇଥିଲେ। ସେ ମଧ୍ୟ ମହିନ୍ଦ୍ରା ୟୁନାଇଟେଡ୍, ଏୟାର ଇଣ୍ଡିଆ ଓ ମୁମ୍ବାଇ ପକ୍ଷରୁ ଘରୋଇ ପ୍ରତିଯୋଗିତା ଖେଳିଥିଲେ। ଅବସର ପରେ ସେ ୨୦୦୯ରୁ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ଆଇଏସ୍‌ଏଲ୍ ଦଳ ଜାମସେଦପୁର ଏଫ୍‌ସିର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଜାମସେଦପୁର ୨୦୨୩-୨୪ ସିଜନରେ ସୁପର୍ କପ୍‌ରେ ଉପବିଜେତା ରହିଥିଲା।



## ଫିଡେ ରେଟିଂ: ଶୀର୍ଷ-୧୫ରେ ଦିବ୍ୟା

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା କ୍ଲାସିକ ଚେସ୍ ର୍‍ୟାଙ୍କିଙ୍ଗ୍‌ରେ ବିଶ୍ୱକପ୍ ବିଜୟିନୀ ଦିବ୍ୟା ଦେଶମୁଖ ଶୀର୍ଷ-୧୫ ମଧ୍ୟକୁ ପ୍ରବେଶ କରିଛନ୍ତି। ନିକଟରେ ଜର୍ଜିଆରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ କୋନେରୁ ହମ୍ପିଙ୍କୁ ପରାସ୍ତ କରି ୧୯ ବର୍ଷୀୟା ଦିବ୍ୟା ଚାମ୍ପିଅନ ହୋଇଥିଲେ। ଏହି ସଫଳତା ପାଇବା ପରେ ସେ ତାଙ୍କ କ୍ୟାରିୟରର ପ୍ରଥମଥର ଲାଗି ଶୀର୍ଷ-୧୫ ମଧ୍ୟରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଦିବ୍ୟାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୨୪୭୮ ରହିଛି। ବିଶ୍ୱକପ୍ ଜିତିବା ପୂର୍ବରୁ ସେ ୧୮ତମ ସ୍ଥାନରେ ରହିଥିଲେ। ସେହିଭଳି ଶୀର୍ଷ-୧୫ରେ ଆଉ ଦୁଇଜଣ ଭାରତୀୟ ରହିଛନ୍ତି। ସେମାନେ ହେଲେ ହମ୍ପି (୨୫୩୫ ରେଟିଂ) ଓ ହାରିକା ଦ୍ରୋନାଭାଲି (୨୪୮୭)। ହମ୍ପି ର୍‍ୟାଙ୍କିଙ୍ଗର ୬ଷ୍ଠ ଓ ହାରିକା ୧୨ତମ ସ୍ଥାନ ଲାଭ କରିଛନ୍ତି। ମହିଳା ର୍‍ୟାଙ୍କିଙ୍ଗ୍‌ରେ ଚାଇନା ଖେଳାଳିଙ୍କ ଦବ୍‌ଦବା ପୂର୍ବଭଳି ରହିଛି। ପ୍ରଥମ ୫ଟି ସ୍ଥାନରେ ଚାଇନାର ଖେଳାଳିମାନେ ହିଁ ରହିଛନ୍ତି। ୨୬୦୭ ରେଟିଂ ପଏଣ୍ଟ ସହ ହୋଇ ୟିଫାନ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅପରପକ୍ଷରେ ଓପନ୍ କାଟାଗୋରୀରେ ନରୱେର ତାରକା ଖେଳାଳି ମାଗ୍ନସ କାର୍ଲସେନ ଶୀର୍ଷରେ ପୂର୍ବଭଳି ଅପରିବର୍ତ୍ତିତ ରହିଛନ୍ତି।



## ଏଚ୍‌ସିଏ ସଭାପତି, ସମ୍ପାଦକ ନିଲମ୍ବିତ

ହାଇଦରାବାଦ, ୧।୮ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ହାଇଦରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ)ର ସଭାପତି ଏ. ଜଗନ ମୋହନ ରାଓଙ୍କ ସମେତ ସମ୍ପାଦକ ଆର୍. ଦେବରାଜ ଓ କୋଷାଧ୍ୟକ୍ଷ ସିଜେ ଶ୍ରୀନିବାସଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି। ଏଚ୍‌ସିଏ ଆପେକ୍ସ କାଉନସିଲର ଜରୁରୀକାଳୀନ ବୈଠକରେ ଏହି ୩ଜଣ କର୍ମକର୍ତ୍ତାଙ୍କ ନିଲମ୍ବନ ନେଇ ନିଷ୍ପତ୍ତି ହୋଇଥିଲା। ନିକଟରେ ଆଇପିଏଲ୍ ଫ୍ରାଞ୍ଚାଇଜ ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଏକ ଗୁରୁତର ଅଭିଯୋଗ କରାଯାଇଥିଲା। ଯେଉଁଥିରେ ସନରାଇଜର୍ସ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଥିଲା ଯେ, ଗତ ଆଇପିଏଲ୍‌ରେ କମ୍ପ୍ଲିମେଣ୍ଟାରୀ ଓ କର୍ପୋରେଟ୍ ବକ୍ସ ପାସ୍ ପାଇଁ ଏଚ୍‌ସିଏର କର୍ମକର୍ତ୍ତା ବ୍ଲାକମେଲ୍ କରି ବଳପୂର୍ବକ ପାସ୍ ନେଇଥିଲା। ଏହି ଘଟଣାରେ ହାଇଦରାବାଦ୍ ଭିଜିଲାନ୍ସ ଓ ଏନଫୋର୍ସମେଣ୍ଟ ୱିଙ୍ଗ୍ ପକ୍ଷରୁ ତଦନ୍ତ କରି ଏଚ୍‌ସିଏ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଥିଲା।

## ୱେଷ୍ଟଇଣ୍ଡିଜର କ୍ରମାଗତ ୯ମ ପରାଜୟ

ଫ୍ଲୋରିଡା, ୧।୮ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମୁକାବିଲାରେ ୱେଷ୍ଟଇଣ୍ଡିଜ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଓପନର୍ ସମିମ ଆୟୁବଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୮ ରନ କରିଥିଲା। ବାମହାତୀ ବ୍ୟାଟର୍ ସମିମ୍ ୫ ଚୌକା ଓ ୨ ଛକା ସହ ୩୮ ବଲରୁ ସର୍ବାଧିକ ୫୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକର ଜମାନ ୨୮, ହାସନ ନୱାଜ ୨୪, ଫହିମ୍ ଅସ୍ରଫ୍ ୧୬ ଓ ଅଧିନାୟକ ସଲମନ ଆଘା ୧୧ ରନ କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ସାମରା ଜୋଶେଫ ୩ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ପାଇଁ ଜନସନ ଚାର୍ଲସ ଓ ଜ୍ୱେଲ ଆଣ୍ଡ୍ରିଉ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ତେବେ ଉଭୟ ୩୫ ରନ ଲେଖାଏ କରି ଆଉଟ୍ ହେବାପରେ ମଧ୍ୟକ୍ରମରେ କୌଣସି ବ୍ୟାଟର୍ ଉପଯୋଗୀ ପାଳି ଖେଳିପାରି ନ ଥିଲେ। ତେବେ ଅବିଭକ୍ତ ୮ ୱିକେଟ୍ ଭାଗୀଦାରିରେ ଜାସନ ହୋଲ୍ଡର ଓ ସାମରା ୨୩ ବଲରୁ ୫୪ ରନ ସଂଗ୍ରହ କରିଥିଲେ ମଧ୍ୟ ଦଳ ବିଜୟଠାରୁ ୧୫ ରନ ଦୂରରେ ରହିଯାଇଥିଲା। ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ୧୬୪ ରନ କରିବାକୁ ସମର୍ଥ ହୋଇଥିଲା। ୪ ଛକା ସହ ହୋଲ୍ଡର ୧୨ ବଲରୁ ୩୦ ରନ ଓ ସାମରା ୧୨ ବଲରୁ ୨୧ ରନ କରି ଅପରାଜିତ ରହିଥିଲେ। ବିଜୟୀ ପାକିସ୍ତାନର ମହମ୍ମଦ ନୱାଜ ୩ ଓ ସମିମ ୨ଟି ୱିକେଟ୍ ପାଇଥିଲେ। ଅଲ୍‌ରାଉଣ୍ଡ ସଫଳତା ଲାଗି ଆୟୁବ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏହି ପରାଜୟ ସହ ୱେଷ୍ଟଇଣ୍ଡିଜ ଚଳିତ ସିଜନରେ କ୍ରମାଗତ ୯ଟି ମ୍ୟାଚରେ ପରାସ୍ତ ହୋଇଛି। ଏଥିପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଟି-୨୦ ଓ ୩ଟି ଟେଷ୍ଟ ହାରିଥିଲା।

## ସାହାଣୀ କପ୍ ଫାଇନାଲ | ପ୍ରଥମ ମୁକାବିଲାରେ କଟକ ବିଜୟୀ

କଟକ,୧।୮ (ସମିସ)



ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲ ଡବଲ୍ ଲେଗ୍ ଫର୍ମାଟରେ ଖେଳାଯାଉଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ସମ୍ବଲପୁର ଏବଂ କଟକ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଲେଗ୍ (ପର୍ଯ୍ୟାୟ) ମୁକାବିଲାରେ କଟକ ୧-୦ ଗୋଲରେ ବିଜୟୀ ହୋଇ ଟାଇଟଲର ନିକଟତର ହୋଇଛି। ୨୦ତମ ମିନିଟରେ ପାରାଓ ଟୁଡୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଆସନ୍ତା ୩ ତାରିଖରେ କେନ୍ଦୁଝର ଜୋନ୍‌ରେ ଫାଇନାଲର ୨ୟ ଲେଗ୍ ମୁକାବିଲା ଖେଳାଯିବ। ଏହାପରେ ଦୁଇ ମ୍ୟାଚର ଫଳାଫଳକୁ ନେଇ ବିଜେତା ଦଳ ଘୋଷଣା କରାଯିବ। ଆଜି ଫାଇନାଲ ମ୍ୟାଚ୍‌ରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ରଘୁନାଥ ଜଗଦଳ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଏସ୍‌ପି ରାହୁଲ ଗୋଏଲ, ଫାଓ ଉପସଭାପତି ସହଦେବ ରାଉତ, କୋଷାଧ୍ୟକ୍ଷ ଭକ୍ତବତ୍ସଲ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ADMISSION OPEN
NIIS INSTITUTE OF INFORMATION SCIENCE & MANAGEMENT
SARADA VIHAR, MADANPUR, BHUBANESWAR, KHORDHA - 752054
Permitted by Govt. of Odisha & Affiliated to Utkal University
Reputed Institute of 26 years providing regular programmes
+3 Arts (Hons)
+3 Science (Hons)
+3 Commerce (Hons)
M.Com. (F&C)
M.Com. (Traditional)
M.Sc. (CS, Phy., Chem., Biotech)
MPMIR
MSW
Excellent Placement Opportunities and Skill Development Programme is an added advantage, Flexible in fee payment
Contact : 9040004375, 9778899990, 9778899991

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS